ଆମରି ଅସ୍ମିତାର କଥା

ଆସ ଆମେ ଓଡ଼ିଶାକୁ ଚିହ୍ନି ଭଲ ପାଇବା...

ଆମ ଓଡ଼ିଶା

# ଆମ ଓଡ଼ିଶା

https://aamaodisha.org.in

Volume : 1 • Issue: 3 • ବର୍ଷ-୧ • ସଂଖ୍ୟା-୩ • ୮-୧୪ ଅଗଷ୍ଟ ୨୦୨୫, ଭୁବନେଶ୍ୱର • 8-14 August 2025, Bhubaneswar ₹ 10




ପିକେ ସ୍କୁଲ ବ୍ୟାଗ୍ ଓ ବିହାର ନିର୍ବାଚନ ସମୀକରଣ

ପୃଷ୍ଠା ୨



ନୂଆ 'ସୁପ୍ରିମୋ' ଅପେକ୍ଷାରେ ବିଜେଡି

ପୃଷ୍ଠା ୩



ଆଇସିୟୁରେ 'ବାଜ୍‌ବଲ୍'!!

ପୃଷ୍ଠା ୫



ବାଳିକା ବଧୂ

ପୃଷ୍ଠା ୬-୭



ରେଭେନ୍ସା: ଆଶାର ଆଲୋକ

ପୃଷ୍ଠା ୧୩



# ବିକାଶ ଯନ୍ତାରେ ବିସ୍ଥାପିତ

ଆମ ଓଡ଼ିଶା ବ୍ୟୁରୋ

ବିକାଶର ଚକ୍ରବ୍ୟୁହରେ ଫସିଛନ୍ତି ବିସ୍ଥାପିତ। ପୁନସ୍ଥାପନ ଓ ପୁନର୍ବାସ ନୀତି (ଆର୍‌ଏଣ୍ଡଆର୍ ପଲିସି)ର ଆକର୍ଷଣୀୟ ପ୍ୟାକେଜ୍, କମ୍ପାନିର ମନଲୋଭା ପ୍ରତିଶ୍ରୁତି ଏବଂ ଶେଷରେ ସରକାରୀ କଳର ନାଲିଆଖି ଅବା ତାଡ଼ନାରେ ହଜାର ହଜାର ବିସ୍ଥାପିତ ପରିବାରର ଲକ୍ଷାଧିକ ଲୋକଙ୍କ ଜୀବନ ଜୀବିକା ଆଜି ବିପନ୍ନ। ନଦୀବନ୍ଧ ଯୋଜନା ଶିଳ୍ପାନୁଷ୍ଠାନ, ଖଣିଖାଦାନ ଅବା ଅନ୍ୟାନ୍ୟ ପ୍ରକଳ୍ପ ବିକାଶମୁଖୀ ଯୋଜନା ପାଇଁ ଭୂମିପୁତ୍ରମାନଙ୍କର ବଳିଦାନକୁ ଆଜି ପର୍ଯ୍ୟନ୍ତ ସଠିକ୍ ମୂଲ୍ୟାୟନ କରାଯାଇ ପାରିଲା ନାହିଁ। କଳିଙ୍ଗନଗର ଗୁଳିକାଣ୍ଡ ପରେ ଦେଶର ସବୁଠାରୁ ଭଲ ଆର୍‌ଏଣ୍ଡଆର୍ ପଲିସି-୨୦୦୬ରେ ପ୍ରଣୟନ ହୋଇଛି ବୋଲି ବିଗତ ଦିନରେ ରାଜ୍ୟ ସରକାର ଦାବି କରି ଆସୁଥିଲେ। ୨୦୧୩ରେ କେନ୍ଦ୍ରୀୟ ଆଇନ୍ ଅନୁଯାୟୀ ଏଥିରେ ସଂଶୋଧନ କରାଯାଇଛି। କିନ୍ତୁ ସରକାରୀକଳ, ରାଜନୈତିକ ଦଳ, ସମାଜର ପ୍ରଭାବ ସୃଷ୍ଟିକାରୀ ସଙ୍ଗଠନଗୁଡ଼ିକ ବିସ୍ଥାପନ ଦ୍ୱାରା ପ୍ରଭାବିତ ଅଞ୍ଚଳବାସୀଙ୍କ ପାଇଁ ଆର୍‌ଏଣ୍ଡଆର୍ ପଲିସିରେ ଥିବା ଜନହିତକର କାର୍ଯ୍ୟକ୍ରମ, ସିଏସ୍‌ଆର୍, ଡିଏମ୍‌ଏଫ୍ ଏବଂ ଅନ୍ୟାନ୍ୟ ସୁବିଧା ସୁଯୋଗକୁ ସଠିକ୍ ଭାବେ କାର୍ଯ୍ୟକାରୀ କଲେନାହିଁ। ପ୍ରାକୃତିକ ସମ୍ପଦ, ଖଣିଖାଦାନ, ନଦୀନାଳ, ପାହାଡ଼ପର୍ବତ, ବଣଜଙ୍ଗଲ, ବିସ୍ତାର ଲାଭ କରୁଥିବା ୫୦୦ କିମିରୁ ଅଧିକ ସମୁଦ୍ରତଟ ଯୋଗୁଁ ଓଡ଼ିଶାରେ ବିକାଶର ଅପୂର୍ବ ସମ୍ଭାବନା ରହିଛି। ଆଗାମୀ ୨୦୪୭ରେ 'ବିକଶିତ ଭାରତ' ଲକ୍ଷ୍ୟରେ ୨୦୩୬ ସୁଦ୍ଧା 'ବିକଶିତ ଓଡ଼ିଶା'ର ଭୂମିକା ଗୁରୁତ୍ୱପୂର୍ଣ୍ଣ। ପୂର୍ବଭାରତର ଓଡ଼ିଶା ଦେଶ ବିକାଶର କେନ୍ଦ୍ର ହେବ ବୋଲି କେନ୍ଦ୍ର ସରକାର ରୋଡ଼ମ୍ୟାପ୍ ତିଆରି କରିଛନ୍ତି। ଅର୍ଥନୈତିକ, ସାମାଜିକ ଓ ସାଂସ୍କୃତିକ ବିକାଶ ରାସ୍ତାରେ ବିସ୍ଥାପନ ନୀତି କାର୍ଯ୍ୟକାରିତାରେ ବ୍ୟାପକ ତ୍ରୁଟିବିଚ୍ୟୁତି କଣ୍ଟା ହୋଇ ଛିଡା ହୋଇଛି। ପ୍ରକଳ୍ପ କରୁଥିବା କମ୍ପାନି ଓ ସଂସ୍ଥାର ମୁଖ୍ୟଙ୍କ ଲାଭଖୋର ମନୋବୃତ୍ତି ବିସ୍ଥାପିତମାନଙ୍କୁ ନରକ ଯନ୍ତ୍ରଣା ଭିତରକୁ ଠେଲି ଦେଇଛି। ସ୍ୱାଧୀନତା ପରେ ୧୯୫୧ରୁ ୧୯୯୫ ମଧ୍ୟରେ ବିଭିନ୍ନ ପ୍ରକଳ୍ପ ପାଇଁ ୬.୩୨ଲକ୍ଷ ବିସ୍ଥାପିତ ଲୋକଙ୍କ ମଧ୍ୟରୁ ୧.୯୨ଲକ୍ଷ ଲୋକଙ୍କୁ ଥଇଥାନ କରାଯାଇଥିବାର ବିଭିନ୍ନ ଅନୁସନ୍ଧାନ ଲବ୍ଧ ତଥ୍ୟରୁ ଜଣାପଡ଼ିଛି। ତେବେ ୧୯୯୫ରୁ ୨୦୨୫ମଧ୍ୟରେ ବ୍ୟାପକ ଶିଳ୍ପାୟନ ଓ ଖଣିଖାଦାନର ବିସ୍ତାର ଯୋଗୁଁ ଆହୁରି ଅନେକ ବିସ୍ଥାପିତ ହୋଇଛନ୍ତି। ଯାହାର ସଠିକ ତଥ୍ୟ ସରକାରଙ୍କ ନିକଟରେ ନାହିଁ। ବିଭିନ୍ନ ଅନୁଷ୍ଠାନର ଗବେଷଣା ଓ ବ୍ୟକ୍ତି ବିଶେଷଙ୍କ ଅନୁସନ୍ଧାନ ତଥ୍ୟ ଅନୁଯାୟୀ ଗତ ୭୫ବର୍ଷ ମଧ୍ୟରେ ପ୍ରାୟ ୧୮ଲକ୍ଷ ଲୋକ ବିସ୍ଥାପିତ ହୋଇଥିବା ବେଳେ ମାତ୍ର ୩୦ରୁ ୩୫ଭାଗ ଲୋକ ଥଇଥାନ ହୋଇଛନ୍ତି। ବିରୋଧୀ ରାଜନୈତିକ ଦଳ ବିସ୍ଥାପିତଙ୍କ ସଂଖ୍ୟା ୨୦ ଲକ୍ଷ ବୋଲି ମଧ୍ୟ ଦାବି କରୁଛନ୍ତି। ବିସ୍ଥାପନ ଓ ଥଇଥାନକୁ ନେଇ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ତୁ ତୁ ମେଁ ମେଁ ଆରମ୍ଭ ହୋଇଯାଇଛି। ବର୍ତ୍ତମାନର ରାଜ୍ୟ ସରକାର ନୂତନ ଆର୍‌ଏଣ୍ଡଆର୍ ପଲିସି-୨୦୨୫ ପ୍ରଣୟନ କରିବାକୁ ଯାଉଛନ୍ତି।

**ତଥ୍ୟ ଅନୁଯାୟୀ ଗତ ୭୫ବର୍ଷ ମଧ୍ୟରେ ପ୍ରାୟ ୧୮ଲକ୍ଷ ଲୋକ ବିସ୍ଥାପିତ ହୋଇଥିବା ବେଳେ ମାତ୍ର ୩୦ରୁ ୩୫ଭାଗ ଲୋକ ଥଇଥାନ ହୋଇଛନ୍ତି।**

## ବିସ୍ଥାପନର ଅନ୍ଧାରୀ ଗହ୍ୱର:

ଓଡ଼ିଶାବାସୀଙ୍କର ଅନ୍ୟତମ ଜୀବନରେଖା ମହାନଦୀର ହୀରାକୁଦ ଜଳଭଣ୍ଡାର ବୁଡ଼ି ଅଞ୍ଚଳବାସୀଙ୍କ ବିସ୍ଥାପନ ସମସ୍ୟା ଆଜି ପର୍ଯ୍ୟନ୍ତ ଗଡ଼ି ଆସିଛି। ହୀରାକୁଦ ନଦୀବନ୍ଧ ପାଇଁ ୭୫ ବର୍ଷ ତଳେ ବିସ୍ଥାପିତ ହୋଇଥିବା ଲୋକ ଆଜି ବି ଜୀବନ ଜୀବିକା ପାଇଁ ସଂଘର୍ଷ କରୁଛନ୍ତି। ସ୍ୱାଧୀନତାର ପ୍ରାରମ୍ଭିକ ପର୍ଯ୍ୟାୟରେ ଓଡ଼ିଶାର ଉପକୂଳରେ ହେଉଥିବା ଲଗାତାର ପ୍ରଳୟଙ୍କରୀ ବନ୍ୟାର ନିୟନ୍ତ୍ରଣ, ପୂର୍ବ ଓ ପଶ୍ଚିମ ଓଡ଼ିଶାକୁ ଶସ୍ୟଶ୍ୟାମଳା କରିବା ଏବଂ ଜଳବିଦ୍ୟୁତ ଉତ୍ପାଦନ ଲକ୍ଷ୍ୟ ନେଇ ୧୯୪୮ ମସିହାରେ ମହାନଦୀ ଉପରେ ହୀରାକୁଦ ନଦୀବନ୍ଧ ଯୋଜନା କାର୍ଯ୍ୟକାରୀ ହେଲା। ଏହି ପ୍ରକଳ୍ପ ପାଇଁ ପଶ୍ଚିମ ଓଡ଼ିଶାର ବିଶେଷ କରି ଅବିଭକ୍ତ ସମ୍ବଲପୁରର (ସମ୍ବଲପୁର, ଝାରସୁଗୁଡ଼ା, ବରଗଡ଼) ପ୍ରାୟ ୩୨୫ଗ୍ରାମରୁ ୧୧୬ଟି ଗାଁକୁ ସଂପୂର୍ଣ୍ଣ ଉଚ୍ଛେଦ କରାଯାଇଥିଲା।

▶ ଅବଶିଷ୍ଟ ପୃଷ୍ଠା ୪

# ପିକେ ସ୍କୁଲ ବ୍ୟାଗ୍ ଓ ବିହାର ନିର୍ବାଚନ ସମୀକରଣ



**ଜ୍ୟୋତିର୍ବିଦ୍ ବିଭୂଦାନନ୍ଦ ଶତପଥୀ**

ପିକେ ଅବା ପ୍ରଶାନ୍ତ କିଶୋର ୨୦୧୪ ଲୋକସଭା ନିର୍ବାଚନ ପରବର୍ତ୍ତୀ ସମୟରେ ଭାରତୀୟ ଜନମାନସରେ ରାତାରାତି ପ୍ରସିଦ୍ଧି ଲାଭ କରନ୍ତି। ତାଙ୍କର ସୁଚତୁର ନିର୍ବାଚନ ରଣନୀତି, ଅତ୍ୟାଧୁନିକ ପ୍ରଯୁକ୍ତି ବିଦ୍ୟାର ବିପୁଳ ପ୍ରୟୋଗ, ପ୍ରଚାର ଓ ପ୍ରସାରରେ ନୂତନ ଏବଂ ଅନନ୍ୟ ପ୍ରୟୋଗ ତଥା ଭାରତୀୟଙ୍କ ହୃଦୟର ସ୍ପନ୍ଦନକୁ ବୁଝି ତଦନୁଯାୟୀ ନିର୍ବାଚନ ଘୋଷଣାନାମା ପ୍ରସ୍ତୁତି ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ବିଜେପିକୁ ବିପୁଳ ବିଜୟୀ କରାଇବା ସହ କେନ୍ଦ୍ର ଶାସନରେ ଅଧିଷ୍ଠିତ କରାଏ। ରାଜନୈତିକ ଦଳମାନଙ୍କ ପାଇଁ ସେ ହୁଅନ୍ତି ପାରସମଣି ତଥା ନିର୍ବାଚନ ବୈତରଣୀ ପାର ହେବା ପାଇଁ ସର୍ବଶ୍ରେଷ୍ଠ ଅବଶ୍ୟକତା। ପରବର୍ତ୍ତୀ ସମୟରେ ପ୍ରଶାନ୍ତ କିଶୋର ଅନ୍ୟ ଦଳମାନଙ୍କୁ ମଧ୍ୟ ବିଜୟୀ କରାନ୍ତି ବିଭିନ୍ନ ନିର୍ବାଚନରେ। ୨୦୧୫ ବିହାର ବିଧାନସଭା ନିର୍ବାଚନରେ ସେ ନୀତୀଶ କୁମାରଙ୍କ ନେତୃତ୍ୱାଧିନ ମହାଗଠବନ୍ଧନକୁ ବିଜୟୀ କରାନ୍ତି ଏବଂ ନିଜେ ୧୬ ସେପ୍ଟେମ୍ବର ୨୦୧୮ରେ ନୀତୀଶ କୁମାରଙ୍କ ଦଳ ଜନତା ଦଳ (ୟୁ)ରେ ଯୋଗଦାନ କରନ୍ତି। ୧୬ ଅକ୍ଟୋବର ୨୦୧୮ରେ ଏହାର ରାଷ୍ଟ୍ରୀୟ ଉପସଭାପତି ପଦ ଅଲଙ୍କୃତ କରନ୍ତି, ଯାହା କ୍ଷଣସ୍ଥାୟୀ ହୁଏ। ୨୦୧୯ ଆନ୍ଧ୍ର ବିଧାନସଭା ନିର୍ବାଚନରେ ଜଗନମୋହନ ରେଡ୍ଡିଙ୍କୁ ବିଜୟୀ କରାଇ ଆନ୍ଧ୍ରପ୍ରଦେଶରୁ ୧୭ତମ ମୁଖ୍ୟମନ୍ତ୍ରୀ ପଦରେ ଅଭିଷିକ୍ତ କରାନ୍ତି। ୨୦୨୧ ବେଙ୍ଗଲ୍ ବିଧାନସଭା ନିର୍ବାଚନରେ ବିଜେପିର ସ୍ୱପ୍ନକୁ ଚୁର୍‌ମାର୍ କରି ମମତା ବାନାର୍ଜୀଙ୍କ ଦଳ ତୃଣମୂଳ କଂଗ୍ରେସ ବିପୁଳ ବିଜୟୀ ହେବାର ଶ୍ରେୟ ମଧ୍ୟ ଯାଏ ପ୍ରଶାନ୍ତ କିଶୋରଙ୍କୁ। ବିଜେପି ମାତ୍ର ୭୭ ଆସନ ପାଇଥିଲା ବେଳେ ତୃଣମୂଳ କଂଗ୍ରେସ ୨୧୩/ ୨୯୨ ଆସନ ପାଏ। ସେଇ ବର୍ଷ ତାମିଲନାଡୁ ବିଧାନସଭାରେ ଡି.ଏମ.କେ ପାର୍ଟିର ବିଜୟ, ପିକେଙ୍କ ଦବ୍‌ଦବାକୁ ଜାହିର କରେ। ସେ ହୋଇ ଯାଆନ୍ତି ରାଜନୈତିକ ଦଳମାନଙ୍କର ମଉଡ଼ମଣି। ତାଙ୍କର ମହତ୍ତ୍ୱକାଂକ୍ଷା ଯୋଗୁଁ ହେଉ ବା ରାଜନୈତିକ ଦଳମାନଙ୍କ ସହ ବିଚାରଗତ ଭିନ୍ନତା ହେତୁ ସେ ନିଜ ରାଜ୍ୟ ବିହାର ପ୍ରଦେଶରେ 'ଜନସୁରାଜ' ଜନ ଆନ୍ଦୋଳନ ଆରମ୍ଭ କରନ୍ତି। ୨୦୨୨ ମସିହାରେ ଏବଂ ପ୍ରଦେଶ ଭିତରେ ୨୦ଟି ଜିଲ୍ଲା ଭିତର ଦେଇ ୫୦୦୦ କିଲୋମିଟର ପଦଯାତ୍ରା କରନ୍ତି। ଯାତ୍ରା ସମୟରେ ତାଙ୍କର ସ୍ଲୋଗାନ ରହେ 'ବ୍ୟବସ୍ଥାର ପରିବର୍ତ୍ତନ'। ତାଙ୍କର 'ରୋଜଗାର ପାଇଁ ଭୋଟ, ଜାତି ପାଇଁ ନୁହେଁ' - ନାରା ପ୍ରତିଧ୍ୱନିତ ହୁଏ ସାରା ରାଜ୍ୟରେ। ସେ ଲୋକଙ୍କୁ ସୂଚାଇ ଦିଅନ୍ତି କିଭଳି ଅଗଣିତ ବିହାରୀ ଯୁବକ କଷ୍ଟସାଧ୍ୟ ଜୀବନ ବିତାଉଛନ୍ତି ଅନ୍ୟ ରାଜ୍ୟରେ, ନିଜର ପରିବାରର ପ୍ରତିପୋଷଣ ପାଇଁ। ଶେଷରେ ପାଟନାର ପଶୁ ବିଜ୍ଞାନ ମହାବିଦ୍ୟାଳୟ ପ୍ରାଙ୍ଗଣରେ ଅକ୍ଟୋବର ଦୁଇ ୨୦୨୪ରେ ଗାନ୍ଧୀ ଜୟନ୍ତୀ ଦିନ ନିଜ ରାଜନୈତିକ ଦଳ 'ଜନସୁରାଜ'ର ଘୋଷଣା କରନ୍ତି। ଦଳର ରାଜନୈତିକ ଚିହ୍ନ ରହେ ସ୍କୁଲ୍ ବ୍ୟାଗ୍। ବ୍ୟବସ୍ଥାର ପରିବର୍ତ୍ତନ ହୋଇ ପାରିବ ଶିକ୍ଷା ମାଧ୍ୟମରେ। ତେଣୁ ତାଙ୍କର ପ୍ରତୀକାତ୍ମକ ଚିହ୍ନ ସ୍କୁଲ୍ ବ୍ୟାଗ୍। ଅଗଣିତ ମହିଳା, ଯୁବକ, ଛାତ୍ର, ଅନଗ୍ରସର ବର୍ଗ ତଥା ସଂଖ୍ୟାଲଘୁ ସଂପ୍ରଦାୟ ଏଥିରେ ଅନୁପ୍ରାଣିତ ହୁଅନ୍ତି। ବିହାରରେ ନିରବସ୍ରୋତ ବହେ ତାଙ୍କ ସପକ୍ଷରେ। ୨୦୨୪ ନଭେମ୍ବର ମାସରେ ଚାରୋଟି ବିଧାନସଭା ଆସନ ପାଇଁ ହୋଇଥିବା ଉପନିର୍ବାଚନରେ ତାଙ୍କ ଦଳ ୧୦% ଭୋଟ ହାସଲ କରେ ଯଦିଓ କୌଣସି ଆସନ ମିଳେନାହିଁ।

ଏଠାରେ ପ୍ରଶ୍ନ ଉଠେ: ସତରେ କ'ଣ ଜନସୁରାଜ ପାର୍ଟି ତା'ର ଲକ୍ଷ୍ୟ ହାସଲ କରିବ? ଆଗାମୀ ଅକ୍ଟୋବର - ନଭେମ୍ବର ବିଧାନସଭା ନିର୍ବାଚନରେ ବିହାର ଜନତାଙ୍କୁ ନୂଆ ସ୍ୱପ୍ନ ଦେଖାଉଥିବା ପିକେ କ'ଣ ଏଥିରେ ସଫଳ ହେବେ? ସମସ୍ତଙ୍କୁ ବିଜୟର ସ୍ୱାଦ ଚଖାଉଥିବା ପିକେ ନିଜେ କ'ଣ ବିଜୟର ସ୍ୱାଦ ଆସ୍ୱାଦନ କରିବେ? ଅବା ସେ କେବଳ ଜଣେ ଅନୁପ୍ରେରକ ହୋଇ ରହିବେ? ନିଜେ ନିଜ ସଫଳତାର ମାପକାଠି ହେବେ ତ? ଏଭଳି ପ୍ରଶ୍ନର ଜ୍ୟୋତିଷିକ ଉତ୍ତର ପାଇଁ ଆମର ଏ କ୍ଷୁଦ୍ର ପ୍ରୟାସ।

**ଜନସୁରାଜ ପାର୍ଟି – ସ୍ଥାପନା ଦିବସ – ୦୨/୧୦/୨୦୨୪, ସମୟ- ଅପରାହ୍ଣ ୪.୦୫, ସ୍ଥାନ- ପାଟ୍‌ନା( ଉତ୍ସ- ଗୁଗଲ୍)**

ଉପରୋକ୍ତ ବିବରଣୀ ଅନୁଯାୟୀ, ଜନସୁରାଜ ପାର୍ଟିର ଜନ୍ମ କୁଣ୍ଡଳୀରେ କୁମ୍ଭ ଲଗ୍ନ, କନ୍ୟା ରାଶି, ହସ୍ତା ନକ୍ଷତ୍ର। ଲଗ୍ନାଧିପତି ଶନି ଲୋକତନ୍ତ୍ରର କାରକ ଗ୍ରହ। ଶନି ସ୍ୱ-ଗୃହ କୁମ୍ଭ ରାଶିରେ ବଳବାନ ହୋଇ ବସିଅଛି। ଶାସ୍ତ୍ର କହେ, "ଶନି କୁମ୍ଭେଷ୍ଟ ଦୁର୍ଲ୍ଲଭା"। ଲଗ୍ନାଧିପତି ଶନିଙ୍କ ପ୍ରଭାବରେ ଦଳ ଗଣତାନ୍ତ୍ରିକ ବିଚାରଧାରାରେ ସଂପୂର୍ଣ୍ଣ ବିଶ୍ୱାସ କରୁଥିବା ଦର୍ଶାଏ। ସାମୂହିକ ନିଷ୍ପତ୍ତିକୁ ମଧ୍ୟ ସୂଚାଏ। ପୁନଃ ଶନିଙ୍କ ପ୍ରଭାବରେ ପ୍ରଶାନ୍ତ କିଶୋର ଦଳିତ ସମୁଦାୟର ମନୋଜ ଭାରତୀଙ୍କୁ ପାର୍ଟିର ପ୍ରଥମ କାର୍ଯ୍ୟକାରୀ ଅଧ୍ୟକ୍ଷ ମନୋନୟନ କରିବା ସହ ଦଳିତ ସମାଜକୁ ନିଜଆଡ଼କୁ ଆଣିବାରେ ସକ୍ଷମ ହେବେ। ପୁନଶ୍ଚ ଗୋଚରରେ ଶନି ବର୍ତ୍ତମାନ ମୀନ ରାଶିରେ ସଂକ୍ରମଣ କରି ବକ୍ର ଗତି କରୁଛନ୍ତି। ଶନିଙ୍କର ଏହି ବକ୍ର ଗତି ୧୩ ଜୁଲାଇ ୨୦୨୫ରୁ ଆରମ୍ଭ ହୋଇ ୨୭ ନଭେମ୍ବର ୨୦୨୫ ପର୍ଯ୍ୟନ୍ତ ଚାଲିବ। ଏହି ପାଖାପାଖି ୧୩୮ ଦିନ ଶନିଙ୍କର ବକ୍ର ଗତି ଜନସୁରାଜ ପାର୍ଟିକୁ ଅତି ଉଚ୍ଚ ଫଳ ଦେବ। କାରଣ, ଶନି ଜନ୍ମ କୁଣ୍ଡଳୀରେ ବକ୍ରୀ ଏବଂ ଗୋଚରରେ ବକ୍ରୀ ଥିବାରୁ ଅତି ଉଚ୍ଚ ଫଳ ଦେବେ। କିନ୍ତୁ, ଅମାବାସ୍ୟା ଦିନ ଏହି ପାର୍ଟିର ଜନ୍ମ। ସୂର୍ଯ୍ୟ, ଚନ୍ଦ୍ର, ବୁଧ ସହ କେତୁର ସଂଯୋଗ ହସ୍ତା ନକ୍ଷତ୍ର (ଚନ୍ଦ୍ରଙ୍କ ନକ୍ଷତ୍ର)ରେ ଥିବାରୁ ଜନସୁରାଜ ପାର୍ଟିର ରାସ୍ତା ସହଜ କରିବ ନାହିଁ। କର୍ମୀମାନେ ଧୋକା ଦେଇ ପାରନ୍ତି। ସୂର୍ଯ୍ୟ ସପ୍ତମାଧିପତି ଭାବେ ଅଷ୍ଟମରେ, ପ୍ରତିପକ୍ଷର ଲାଭର ସୂଚନା ଦିଏ। ପୁନଃ ଷଷ୍ଠାଧିପତି ଚନ୍ଦ୍ର ସ୍ୱ-ନକ୍ଷତ୍ରରେ ସପ୍ତମରେ ଅବସ୍ଥାପିତ(ଭାବସ୍ଫୁଟ ଅନୁଯାୟୀ)। ଏ ସବୁ ଯୋଗ ପାର୍ଟିର ବିଜୟର ଆଶାକୁ କ୍ଷୀଣ କରେ। ପୁନଃ ଚନ୍ଦ୍ର ଅଷ୍ଟମ ଭାବରେ ଅବସ୍ଥାପିତ ସପ୍ତମାଧିପତି(ମାରକେଶ) ସୂର୍ଯ୍ୟ ସହ ସଂଯୁକ୍ତ ତଥା ଅଷ୍ଟମେଶ ବୁଧଙ୍କ ସହ ଯୁକ୍ତ ହୋଇ ପାପ ଗ୍ରହ କେତୁଙ୍କ ସହ ଅଛି। ତୃତୀୟାଧିପତି ଓ ଦଶମାଧିପ ଉଗ୍ର ଗ୍ରହ ମଙ୍ଗଳଙ୍କର ଚତୁର୍ଥ ଦୃଷ୍ଟି ରବି, କେତୁଙ୍କ ଉପରେ(orb ନିୟମ ଅନୁଯାୟୀ) ପଡୁଅଛି। ଫଳତଃ, ପାର୍ଟି ଭିତରେ ବଡ଼ ବିବାଦ ସୃଷ୍ଟି ହେବାର ତଥା ବିଶ୍ୱାସଘାତକତାର ଶିକାର ହେବାର ଆଶଙ୍କା ଅଧିକ। ବିବାଦ ଭାବର ଅଧିପତି ଗ୍ରହଙ୍କର ମହାଦଶା ଚାଲୁଅଛି। ବର୍ତ୍ତମାନ ଚନ୍ଦ୍ର ମହାଦଶାରେ ରାହୁ ଅନ୍ତର୍ଦ୍ଦଶା ୨୯ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ଚାଲିବ। ଚନ୍ଦ୍ର ସ୍ୱ-ନକ୍ଷତ୍ରରେ ତେଣୁ, ଚନ୍ଦ୍ର ଦଶାରେ ଚନ୍ଦ୍ର ଷଷ୍ଠ ଓ ସପ୍ତମ ଭାବର ଫଳ ଦେବେ ଯେହେତୁ, ଅଷ୍ଟମ ଭାବ ୨୫ ୨୬ ୪' ଓ ଚନ୍ଦ୍ର ୧୧ ୫୪. ୨୮ରେ ସ୍ଥିତ। ପୁନଶ୍ଚ ଚନ୍ଦ୍ର କେତୁ ସହ ଯୁକ୍ତ। କେତୁ ଚନ୍ଦ୍ରଙ୍କ ନକ୍ଷତ୍ରରେ ତେଣୁ କେତୁ ମଧ୍ୟ ସପ୍ତମ ଭାବର ଫଳ ଦେବେ। ଚନ୍ଦ୍ର ରବିଙ୍କ ସହ ମଧ୍ୟ ଯୁକ୍ତ। ରବି ଚନ୍ଦ୍ର ନକ୍ଷତ୍ରରେ ତେଣୁ, ରବି ସପ୍ତମ ଓ ଅଷ୍ଟମ ଭାବର ଫଳ ଦେବେ। କେତୁ ରାହୁଙ୍କ ଦ୍ୱାରା ଦୃଷ୍ଟ। ରାହୁ ଶନିଙ୍କ ନକ୍ଷତ୍ରରେ। ତେଣୁ, ରାହୁ ପ୍ରଥମ ତଥା ଦ୍ୱାଦଶ ଭାବର ଫଳ ଦେବେ। ଏ ସବୁ ବିଚାରକୁ ନେଲେ ଚନ୍ଦ୍ର ମହାଦଶା ଜନସୁରାଜ ପାର୍ଟି ପାଇଁ ପ୍ରଥମ, ଷଷ୍ଠ, ସପ୍ତମ, ଅଷ୍ଟମ ଓ ଦ୍ୱାଦଶ ଭାବର ଫଳ ଦେବେ। ଫଳତଃ, ଚନ୍ଦ୍ର ମହାଦଶା ଜନସୁରାଜ ପାର୍ଟି ପାଇଁ ଶୁଭଫଳ ଦେଇ ପାରିବ ନାହିଁ। କୁଣ୍ଡଳୀର ନବମଭାବର ଅଧିପତି ନବମ ଭାବରେ ନିଜ ରାଶିରେ । ନବମାଧିପ ଶୁକ୍ର, ସ୍ତ୍ରୀ କାରକ ଗ୍ରହ ତେଣୁ, ଶୁକ୍ରଙ୍କ ପ୍ରଭାବରେ ମହିଳାମାନଙ୍କ ସମର୍ଥନ ପାର୍ଟି ପାଇଁ ଅଧିକ ହେବା କଥା, କିନ୍ତୁ ଭାବସ୍ଫୁଟ ଅନୁସାରେ ଶୁକ୍ର ଅଷ୍ଟମ ଭାବରେ ରହୁଥିବାରୁ ଭୋଟ ସମୟରେ ମହିଳାମାନଙ୍କ ପାଖରୁ ଆଶାନୁରୂପକ ସମର୍ଥନ ନ ମିଳିପାରେ। ରାହୁ ପ୍ରଥମ ଭାବରେ ଥିବାରୁ, ପ୍ରଶାନ୍ତ କିଶୋର ନିଜର ଚତୁରତା ତଥା ରଣକୁଶଳତାରେ ସମସ୍ତଙ୍କୁ ବିସ୍ମିତ କରିବେ। କିନ୍ତୁ, ଆମ୍ଭେ ସବୁ ଭାଗ୍ୟର ଦାସ ହୋଇଥିବାରୁ ସମସ୍ତ ଯାଦୁକରୀ ସ୍ପର୍ଶ ସତ୍ତ୍ୱେ ଜନସୁରାଜ ପାର୍ଟି କ୍ଷମତା ହାସଲ ନ କରିପାରେ। ଚଳିତ ରାହୁ ଅନ୍ତର୍ଦ୍ଦଶାରେ ରାହୁ ପ୍ରଥମ ଓ ଦ୍ୱାଦଶର ଫଳ ଦେଉଥିବାରୁ ଅସଫଳତା ଦେଖିବାକୁ ପଡ଼ିବ ଏବଂ ଦଳ ସାମୂହିକ ନିଷ୍ପତ୍ତି ନେବାରେ ପ୍ରବଳ ବିରୋଧର ସାମ୍ନା କରିପାରେ। ତେଣୁ, ପ୍ରଶାନ୍ତ କିଶୋରଙ୍କ ଦଳର ଚଳିତ ବର୍ଷ ନିର୍ବାଚନରେ ବିଜୟଲାଭର ସମ୍ଭାବନା କମ୍।

**ପ୍ରଶାନ୍ତ କିଶୋରଙ୍କ ଜନ୍ମ କୁଣ୍ଡଳୀ –**

ପ୍ରଶାନ୍ତ କିଶୋରଙ୍କ ଗୁଗଲ୍ ଦ୍ୱାରା ମିଳିଥିବା ଜନ୍ମ ବିବରଣୀ ଅନୁଯାୟୀ ଆମେ ଫଳାଦେଶ କରୁଅଛୁ। ଯଦିଓ, ଏହାର ଉତ୍ସ / ଆଧାର ଉପରେ ଆମେ ଶତପ୍ରତିଶତ ନିଶ୍ଚିତ ନୁହେଁ। ନାମ - ପ୍ରଶାନ୍ତ କିଶୋର, ୨୦/୦୩/୧୯୭୭, ସମୟ- ରାତି ୧୨ଟା, ଜନ୍ମ ସ୍ଥାନ - ଶାହାବାଦ୍। ଜନ୍ମ ବିବରଣୀ ଅନୁଯାୟୀ ମୀନ ରାଶି, ଉତ୍ତର ଭାଦ୍ରପଦା ନକ୍ଷତ୍ର, ବିଛା ଲଗ୍ନ। ବର୍ତ୍ତମାନ ଶୁକ୍ର ମହାଦଶାରେ ରାହୁ ଅନ୍ତର୍ଦ୍ଦଶା ୧୨/୦୩/୨୦୨୪ରୁ ୧୩/୦୩/୨୦୨୭ ପର୍ଯ୍ୟନ୍ତ। ଶୁକ୍ର କେତୁଙ୍କ ନକ୍ଷତ୍ରରେ ଅଛି। କେତୁ ପଞ୍ଚମ ଭାବରେ। ଶୁକ୍ର ଚତୁର୍ଥରେ( orb ନିୟମ ଅନୁଯାୟୀ)। ତେଣୁ, ଶୁକ୍ର ପଞ୍ଚମ ଏବଂ ଚତୁର୍ଥ ଭାବର ଫଳ ଦେବେ। ଶୁକ୍ର କେତୁ ଦ୍ୱାରା ଯୁକ୍ତ, କେତୁ ସ୍ୱ-ନକ୍ଷତ୍ରରେ। କେତୁ ପଞ୍ଚମ ଭାବର ଫଳ ଦେବେ। କେତୁ ରାହୁ ଦ୍ୱାରା ଦୃଷ୍ଟ। ରାହୁ ମଙ୍ଗଳଙ୍କ ନକ୍ଷତ୍ରରେ। ତେଣୁ, ରାହୁ ଏକାଦଶ, ପଞ୍ଚମ, ପ୍ରଥମ ଓ ଦ୍ୱାଦଶ ଭାବର ଫଳ ଦେବେ। ତେଣୁ, ଶୁକ୍ର ଦଶାରେ ତାଙ୍କୁ ଅତି ଉଚ୍ଚ ଫଳ ପ୍ରାପ୍ତି ହେବ। ସାମୟିକ ଅସଫଳତା ଆସିପାରେ। ଚଳିତ ରାହୁ ଅନ୍ତର୍ଦ୍ଦଶାରେ ରାହୁ ମଙ୍ଗଳଙ୍କ ନକ୍ଷତ୍ରରେ। ରାହୁ ଏକାଦଶ, ପଞ୍ଚମ, ପ୍ରଥମ ଓ ଦ୍ୱାଦଶର ଫଳ ଦେବେ। କେତୁ ସ୍ୱ-ନକ୍ଷତ୍ରରେ ଓ ପଞ୍ଚମ ସ୍ଥାନରେ ତେଣୁ, ଶୁଭଫଳ ପ୍ରଦାନ କରିବେ। ବର୍ତ୍ତମାନ ଗୋଚରରେ ବୃହସ୍ପତି ଜନ୍ମ ରାଶିଠାରୁ ଚତୁର୍ଥରେ ଗତି କରୁଛି। ତେଣୁ, ଚତୁର୍ଥ ବୃହସ୍ପତି ଅଶୁଭ ଫଳ ପ୍ରଦାନ କରିବେ। ଶନି ବର୍ତ୍ତମାନ ମୀନ ରାଶିରେ ଗତି କରୁଛନ୍ତି। ତେଣୁ, ଶନି ସାଢ଼େ ସାତିର ମଧ୍ୟ ପାଦ ଭୋଗ ହେଉଛି। ଫଳତଃ, ଶନି ଅଶୁଭ ଫଳ ପ୍ରଦାନ କରିବା କଥା। ଶନି ଗୋଚରରେ ନଭେମ୍ବର ୨୭ ପର୍ଯ୍ୟନ୍ତ ବକ୍ରୀ। ଜନ୍ମ କୁଣ୍ଡଳୀରେ ମଧ୍ୟ ବକ୍ରୀ। ତେଣୁ, ଏ ସମୟରେ ଶନି ଭଲ ଫଳ ପ୍ରଦାନ କରିବେ। ତେଣୁ, ଜନ୍ମ କୁଣ୍ଡଳୀ ଓ ଗୋଚରକୁ ବିଚାରକୁ ନେଲେ ପ୍ରଶାନ୍ତ କିଶୋରଙ୍କୁ ଜନ ସମର୍ଥନ ମିଳିବ ନିଶ୍ଚିତ କିନ୍ତୁ, ମାତ୍ରା କମିପାରେ। ଜନସୁରାଜ ପାର୍ଟିର ଜନ୍ମ ଦିବସ କୁଣ୍ଡଳୀ ଓ ତାଙ୍କର ବ୍ୟକ୍ତିଗତ କୁଣ୍ଡଳୀକୁ ମିଶାଇ ପର୍ଯ୍ୟାଲୋଚନା କଲେ ଜଣାଯାଏ ଯଦିଓ, ପ୍ରଶାନ୍ତ କିଶୋର ବ୍ୟକ୍ତିଗତ ସ୍ତରରେ ସଫଳତା ପାଇବେ କିନ୍ତୁ, ସାମୂହିକ ଭାବେ ତାଙ୍କ ଦଳ ଆସନ୍ତା ବିଧାନସଭା ନିର୍ବାଚନରେ ଆଶାନୁରୂପ ଫଳ ନ ପାଇପାରେ।

ଉପରୋକ୍ତ ବିଚାର ଜ୍ୟୋତିଷିକ ଶାସ୍ତ୍ର ସିଦ୍ଧାନ୍ତର ପର୍ଯ୍ୟାଲୋଚନା ମାତ୍ର। ଏଥିରେ ଆମର ବ୍ୟକ୍ତିଗତ କାହା ପ୍ରତି ଆନୁଗତ୍ୟ ନାହିଁ ଅବା ବ୍ୟକ୍ତିଗତ ପକ୍ଷପାତିତା ମଧ୍ୟ ନାହିଁ। ଏହି ଆଲେଖ୍ୟ ଜ୍ୟୋତିଷର ସାରସତ୍ତ୍ୱ ଦିଗ ପ୍ରତି ସମର୍ପିତ।

ଫୋନ୍:୯୩୩୮୦୧୭୧୩୪



# ନୂଆ 'ସୁପ୍ରିମୋ' ଅପେକ୍ଷାରେ ବିଜେଡି




ପରଦା ପଛରେ ଗୋଟି ଚାଳନା କରି ବିଜୁ ଜନତା ଦଳ (ବିଜେଡି)ର ସାଂଗଠନିକ ନିର୍ବାଚନ ଶେଷ କରିଥିବା ଆତ୍ମଘୋଷିତ ସନ୍ନ୍ୟାସୀ ଭୈରବ କାର୍ତ୍ତିକେୟନ୍‌ଙ୍କ ତଥାକଥିତ ଅଜ୍ଞାତବାସ ଏବେ ତାଙ୍କ ପାଇଁ ସତେ ଯେମିତି ଅସହ୍ୟ। ଆଉ ବିଳମ୍ବ ନକରି ଖୁବ୍ ଶୀଘ୍ର ସେ ଉଭା ହେବେ ବିଜେଡିର ମଙ୍ଗୁଆଳ ଭାବରେ। ସାମାଜିକ ଗଣମାଧ୍ୟମରେ ବିଜେଡି ନେତାଙ୍କ 'ପାଣ୍ଡିଆନ୍ ତୁମେ ଫେରିଆସ' ପୋଷ୍ଟିଂ ଭାଇରାଲ୍ ହେଉଥିବାରୁ ଏଭଳି କଳ୍ପନାଜଳ୍ପନା ଘନୀଭୂତ ହେବାରେ ଲାଗିଛି। ବିଭିନ୍ନ ସମୟରେ ଲଗାମଛଡ଼ା ମନ୍ତବ୍ୟ ଦେଇ ଚର୍ଚ୍ଚିତ ବିଜେଡିର ରାଜ୍ୟସଭା ସାଂସଦ ସୁଲତା ଦେଓ 'ପାଣ୍ଡିଆନ୍ ପ୍ରତ୍ୟକ୍ଷ ରାଜନୀତିକୁ ଫେରିଆସନ୍ତୁ' ବୋଲି ନିବେଦନ କରିଥିବା ବେଳେ ବିଜେଡି ଟଙ୍କାରେ ସକ୍ରିୟ ଥିବା ବିଭିନ୍ନ ଫ୍ୟାନ୍ କ୍ଲବ୍ ଗୁଡ଼ିକ ମଧ୍ୟ ଅନୁରୂପ ମତାମତ ଦେଇଚାଲିଛନ୍ତି। ପାଣ୍ଡିଆନ୍ ସମର୍ଥକଙ୍କ ଦ୍ୱାରା ଜାରି ରହିଥିବା ଏସବୁ ପ୍ରଚାର ଅଭିଯାନ (ପବ୍ଲିସିଟି ଷ୍ଟଣ୍ଟ)ରେ ଦଳର ବରିଷ୍ଠ ନେତାମାନେ ପ୍ରାୟତଃ ନିରବ। ଏପରିକି 'ନବୀନ ଦଳର ଏକମାତ୍ର ନେତା, ଅନ୍ୟ କେହି ନୁହଁନ୍ତି' ବୋଲି କେହି ଜଣେ ହେଲେ ଏ ପର୍ଯ୍ୟନ୍ତ ମୁହଁ ଖୋଲୁନାହାନ୍ତି। ଏହାଠାରୁ ଅଧିକ ଆଶ୍ଚର୍ଯ୍ୟର ବିଷୟ ହେଉଛି ଏକଦା ଦଳ ମଧ୍ୟରେ ନିଜର ସବୁଠୁ ବିଶ୍ୱସ୍ତ ପରାମର୍ଶଦାତା ଓ ମାର୍ଗଦର୍ଶକ ସ୍ୱର୍ଗତଃ ପ୍ୟାରୀମୋହନ ମହାପାତ୍ରଙ୍କ କ୍ରମବର୍ଦ୍ଧିଷ୍ଣୁ ପ୍ରଭାବରେ ବିଚଳିତ ହୋଇ ତାଙ୍କୁ ଦଳରୁ ବହିଷ୍କାର କରିଥିବା ନବୀନ ମଧ୍ୟ ଏହି ଗତିବିଧିକୁ ନିରବରେ ଅନୁଧ୍ୟାନ କରୁଥିବା ଅନୁମାନ କରାଯାଉଛି। ଖୋଦ୍ ନବୀନ ମଧ୍ୟ ଏହି ଗତିବିଧିକୁ ନିରବରେ ଅନୁଧ୍ୟାନ କରୁଥିବା ଅନୁମାନ କରାଯାଉଛି। ରାଜନୈତିକ ପର୍ଯ୍ୟବେକ୍ଷକଙ୍କ ମତରେ ଯଦି ଏହି ପ୍ରଚାର ଭେଳିକି ବିରୁଦ୍ଧରେ ପ୍ରତିବାଦର ସ୍ୱର ନଉଠେ, ତେବେ ବିଜେଡିର ପ୍ରସ୍ତାବିତ ନବ କଳେବରକୁ ନବୀନ ସ୍ୱୀକୃତି ଦେବାର ସମ୍ଭାବନା ଅଛି। ଯଦି ଜଣେ ଅଣଓଡ଼ିଆଙ୍କୁ ଦଳର ମଙ୍ଗୁଆଳ କରିବା ମସୁଧା ବିରୁଦ୍ଧରେ ପ୍ରତିବାଦ ଉଠେ, ତେବେ ବିକଳ୍ପ ସ୍ୱରୂପ 'ଓଡ଼ିଶା ଝିଅ' ନାମରେ ପାଣ୍ଡିଆନ୍‌ଙ୍କ ଧର୍ମପତ୍ନୀ ସୁଜାତାଙ୍କୁ ଦଳର ନେତୃତ୍ୱ ଦେଇ ନବୀନ ନିଜ ଅବସର ଘୋଷଣା କରିପାରନ୍ତି।

କିନ୍ତୁ ଏହି ଢ଼ଙ୍ଗରେ ବିଜେଡିର ପ୍ରସ୍ତାବିତ ନେତୃତ୍ୱ ପରିବର୍ତ୍ତନ ଦଳର ଅବକ୍ଷୟମୁଖୀ ସ୍ଥିତିକୁ ସୁଧାରିବାରେ ବିଶେଷ ସହାୟକ ହେବ ନାହିଁ ବୋଲି ଅନେକ ବରିଷ୍ଠ ନେତା ଆଶଙ୍କା ପ୍ରକାଶ କରୁଛନ୍ତି। ସେମାନଙ୍କ ମତରେ ନିର୍ବାଚନ ସମୟରେ ବିଜେପି-ବିଜେଡି ମଧ୍ୟରେ ସମ୍ପର୍କ ତିକ୍ତତାର ଚରମ ସୋପାନରେ ପହଞ୍ଚିଥିଲେ ହେଁ ନିର୍ବାଚନ ପରେ ଦୁଇ ଦଳର ପରସ୍ପର ପ୍ରତି ଅଭିମୁଖ୍ୟ ଅପରିବର୍ତ୍ତିତ ରହିଛି। ନିର୍ବାଚନ ପରେ ୱାକଫ୍ ବିଲ୍‌ରେ ବିଜେଡ଼ିର ସଂଖ୍ୟାଗରିଷ୍ଠ ରାଜ୍ୟସଭା ସାଂସଦ (୭ରୁ ୫) ମୋଦୀ ସରକାରଙ୍କୁ ସମର୍ଥନ ଦେଲେ। 'ଅପରେସନ୍ ସିନ୍ଦୁର' ଆଲୋଚନାରେ ବି ବିଜେଡିର ସମାନ ଆଭିମୁଖ୍ୟ ରହିଲା। କେନ୍ଦ୍ରରେ ମୋଦୀ ସରକାରଙ୍କୁ ସମର୍ଥନ ଓ ରାଜ୍ୟରେ ମୋହନ ସରକାରଙ୍କୁ ବିରୋଧ ବିଜେଡି ନେତୃତ୍ୱର ଦୋମୁହାଁ ନୀତିକୁ ପଦାରେ ପକାଉଛି। ଏହି କାରଣରୁ ଦଳୀୟ କର୍ମୀ ଓ କର୍ମକର୍ତ୍ତା ଦ୍ୱନ୍ଦ୍ୱରେ। ଏଭଳି ପରିସ୍ଥିତିରେ ବିଜେଡିକୁ ଏକ ସଶକ୍ତ ବିରୋଧୀ ଦଳରେ ପରିଣତ କରିବା ଆଦୌ ସହଜ ନୁହେଁ ବୋଲି ଦଳର ବରିଷ୍ଠ ନେତାମାନେ ଅନୁଭବ କରୁଛନ୍ତି। ସେମାନଙ୍କ ମତରେ ନବୀନ କିମ୍ବା ତାଙ୍କ ବିଶ୍ୱସ୍ତ ପାଣ୍ଡିଆନ୍ ଦମ୍ପତିଙ୍କ ନେତୃତ୍ୱରେ ବିଜେଡି ସ୍ପଷ୍ଟ ଅଭିମୁଖ୍ୟ ଗ୍ରହଣ କରିବା ଅସମ୍ଭବ। କାରଣ କ୍ଷମତାରେ ଥିବା ବେଳେ ଦୁର୍ନୀତି ଓ ବେଆଇନ୍ କାର୍ଯ୍ୟକଳାପରେ ଜଡ଼ିତ ନବୀନ-ପାଣ୍ଡିଆନ୍ ଯୋଡ଼ି ନିଜ ସୁରକ୍ଷା ପାଇଁ ବିଜେପି ନେତୃତ୍ୱ ନିକଟରେ ଯେମିତି ଆତ୍ମସମର୍ପଣ ମୁଦ୍ରାରେ ଥିଲେ ଆଗାମୀ ଦିନରେ ବି ତାହା କରିବେ। ସୁତରାଂ ବିଜେପି ଇସାରାରେ ବିଜେଡି ନାଚିବାକୁ ବାଧ୍ୟ ହେବା ସମ୍ଭାବ୍ୟ ପରିସ୍ଥିତିରେ ୨୯ ବର୍ଷର ଆଞ୍ଚଳିକ ଦଳ ବିଜେପିର 'ବି' ଟିମ୍ ଭାବେ କିଛି ଦିନ ରହି ଶେଷରେ ସତ୍ତା ହରାଇବ। ଦଳକୁ ଏଭଳି ଅନିଶ୍ଚିତତା ଆଡ଼କୁ ଠେଲି ଦେଇଥିବା ଖଳନାୟକଟି କିଏ, ତାହା କାହାରିକୁ ଅଛପା ନୁହେଁ। ଏହା ସତ୍ତ୍ୱେ ନବୀନଙ୍କ ପାଣ୍ଡିଆନ୍ ମୋହ ତୁଟିବା ବଦଳରେ ଅଧିକ ମଜବୁତ ହେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି।

ସରଳ ଓଡ଼ିଆଙ୍କ ଆସ୍ଥା ଓ ବିଶ୍ୱାସକୁ ପୁଞ୍ଜିକରି ଲଗାତର ୫ଟି ନିର୍ବାଚନରେ ବିଜୟୀ ହେବା ପରେ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ଭାବନାତ୍ମକ ସଂଜ୍ଞାର ଅବତାରଣା କରି କହିଥିଲେ "ସାଢ଼େ ୪ କୋଟି ଓଡ଼ିଆ ମୋ ପରିବାର"। ହେଲେ ସେହି ସାଢ଼େ ୪ କୋଟି ଓଡ଼ିଆଙ୍କ ମଧ୍ୟରୁ କାହାରିକୁ ସେ

> **ସରଳ ଓଡ଼ିଆଙ୍କ ଆସ୍ଥା ଓ ବିଶ୍ୱାସକୁ ପୁଞ୍ଜିକରି ଲଗାତର ୫ଟି ନିର୍ବାଚନରେ ବିଜୟୀ ହେବା ପରେ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ଭାବନାତ୍ମକ ସଂଜ୍ଞାର ଅବତାରଣା କରି କହିଥିଲେ "ସାଢ଼େ ୪ କୋଟି ଓଡ଼ିଆ ମୋ ପରିବାର"। ହେଲେ ସେହି ସାଢ଼େ ୪ କୋଟି ଓଡ଼ିଆଙ୍କ ମଧ୍ୟରୁ କାହାରିକୁ ସେ ବିଶ୍ୱାସକୁ ନେଇ ନଥିଲେ ନବୀନ, ବରଂ ତାମିଲ୍‌ବାବୁ ଭିକେ ପାଣ୍ଡିଆନ୍ ସାଜିଥିଲେ ତାଙ୍କ ନୟନପିତୁଳା। ତାମିଲ୍ ପ୍ରେମରେ ଓଡ଼ିଆଙ୍କ ପ୍ରତି ନବୀନଙ୍କ ଏତାଦୃଶ ଉପେକ୍ଷା ଓ ଅବଜ୍ଞା ପାଇଁ ତାଙ୍କୁ ସମୁଚିତ ଶିକ୍ଷା ମିଳିଥିଲା ଗତ ନିର୍ବାଚନରେ। ଏହା ସତ୍ତ୍ୱେ ତାଙ୍କ ତାମିଲ୍ ପ୍ରେମର ଅହଂକାର ଏବେ ବି ଅପରିବର୍ତ୍ତିତ !**

ବିଶ୍ୱାସକୁ ନେଇ ନଥିଲେ ନବୀନ, ବରଂ ତାମିଲ୍‌ବାବୁ ଭିକେ ପାଣ୍ଡିଆନ୍ ସାଜିଥିଲେ ତାଙ୍କ ନୟନପିତୁଳା। ତାମିଲ୍ ପ୍ରେମରେ ଓଡ଼ିଆଙ୍କ ପ୍ରତି ନବୀନଙ୍କ ଏତାଦୃଶ ଉପେକ୍ଷା ଓ ଅବଜ୍ଞା ପାଇଁ ତାଙ୍କୁ ସମୁଚିତ ଶିକ୍ଷା ମିଳିଥିଲା ଗତ ନିର୍ବାଚନରେ। ଏହା ସତ୍ତ୍ୱେ ତାଙ୍କ ତାମିଲ୍ ପ୍ରେମର ଅହଂକାର ଏବେ ବି ଅପରିବର୍ତ୍ତିତ !

ଦୁର୍ନୀତି ବିରୁଦ୍ଧରେ "ଶୂନ୍ୟ ସହନଶୀଳତା" ଦ୍ୱାହିଦେଇ କ୍ଷମତାକୁ ଆସିଥିବା ନବୀନ ୨୦୦୯ରେ ଲାଗାତର ତୃତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ହେବା ପରେ ପରେ ତାଙ୍କ ସରକାର ଖଣି ମହାଦୁର୍ନୀତି ଅଭିଯୋଗରେ ଛନ୍ଦି ହୋଇପଡ଼ିଲା। ଏହାର ତଦନ୍ତ କରିଥିବା ଏମ୍.ବି.ଶାହା କମିଶନ୍ ମେଗାଦୁର୍ନୀତି ଘଟିଥିବା ସ୍ୱୀକାର କରିବା ସହ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ ସକାଶେ ସିବିଆଇ ଦ୍ୱାରା ଯାଞ୍ଚ କରିବାକୁ ସୁପାରିଶ କରିଥିଲେ। କିନ୍ତୁ ସେତେବେଳେ ବିଚକ୍ଷଣ ଗୋଟି ଚାଳନାରେ ନବୀନ କଂଗ୍ରେସ ହାଇକମାଣ୍ଡଙ୍କୁ ପ୍ରଭାବିତ କରି ସିବିଆଇ ତଦନ୍ତ ରୋକିବାରେ ସଫଳ ହୋଇଥିଲେ। ୨୦୧୪ରେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ବିଜେପି କ୍ଷମତା ହାସଲ କଲା।ସମସ୍ତେ ଆଶା କଲେ-ଏଥର କେନ୍ଦ୍ର ସରକାର ନିଶ୍ଚୟ ଖଣି ଦୁର୍ନୀତିର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେବେ। ମାତ୍ର ସେଭଳି କିଛି ହେଲା ନାହିଁ। ନବୀନ ପୁଣି କଡ଼ ଲେଉଟାଇ ବିଜେପି ସରକାରକୁ ସମର୍ଥନ ଦେଇଚାଲିଲେ; ଯାହା ୨୦୨୪ ନିର୍ବାଚନ ପର୍ଯ୍ୟନ୍ତ ବଳବତ୍ତର ରହିଲା। ବିଜେପି ଶୀର୍ଷ ନେତୃତ୍ୱ ସହ ନବୀନଙ୍କ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ଯୋଗୁଁ ସୁପ୍ରିମ୍ କୋର୍ଟଙ୍କ ନିର୍ଦ୍ଦେଶରେ ଚାଲିଥିବା ଚିଟ୍‌ଫଣ୍ଡ କେଳେଙ୍କାରୀର ସିବିଆଇ ତଦନ୍ତ ମଧ୍ୟ ବାଟବଣା ହୋଇଗଲା।

୨୦୧୯ରେ ମୋଦୀ ସରକାର ପୁନର୍ବାର କ୍ଷମତାକୁ ଆସିବା ପରେ ପ୍ରତ୍ୟକ୍ଷ ରାଜନୀତିରେ ଆବିର୍ଭାବ ହେଲେ ତାମିଲ୍ ଖଣି ବ୍ୟବସାୟୀଙ୍କ ବ୍ୟାବସାୟିକ ଅଂଶୀଦାର ତଥା ପ୍ରାକ୍ତନ ଓଡ଼ିଶା କ୍ୟାଡ଼ର୍ ଆଇଏଏସ୍ ଅଫିସର ଅଶ୍ୱିନୀ ବୈଷ୍ଣବ। ତୃତୀୟ ମହଲା ଅକ୍ତିଆର୍ କରିଥିବା ଦକ୍ଷିଣୀ ଅଫିସର ପାଣ୍ଡିଆନ୍‌ଙ୍କ ଲବିରେ ଅଶ୍ୱିନୀ ବିଜେଡି ସମର୍ଥନରେ ରାଜ୍ୟସଭାକୁ ଯାଇ ରେଳ, ସୂଚନା ପ୍ରସାରଣ, ଇଲେକ୍ଟ୍ରୋନିକ୍ସ, ଆଇଟି ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର କେନ୍ଦ୍ର ମନ୍ତ୍ରୀ ହେଲେ। ୨୦୨୪ ନିର୍ବାଚନର ଅବ୍ୟବହିତ ପୂର୍ବରୁ ଅଶ୍ୱିନୀ ପୁନର୍ବାର ବିଜେଡି ସମର୍ଥନରେ ରାଜ୍ୟସଭାକୁ ନିର୍ବାଚିତ ହେବା ନବୀନଙ୍କ ଆତ୍ମସମର୍ପଣର ଆଉ ଏକ ନିଛକ ନମୁନା।

ମୋଟାମୋଟି ଭାବେ ନବୀନ ନିଜକୁ ନିରାପଦ ରଖିବା ପାଇଁ ଯେଉଁ ବିଶ୍ୱସ୍ତ ଅଫିସରଙ୍କ ହାତରେ ସବୁ କ୍ଷମତା ଟେକିଦେଲେ, ସେମାନେ କେନ୍ଦ୍ରୀୟ ନେତାଙ୍କ ସହ ଭିତିରି ବୁଝାମଣା କରି ବଳିୟାନ୍ ହେଲେ। କେନ୍ଦ୍ରୀୟ ନେତାଙ୍କ ଇସାରାରେ ସେହି ଅଫିସରମାନେ ଯେ ନବୀନଙ୍କୁ ପରବର୍ତ୍ତୀ କାଳରେ ବ୍ଲାକ୍‌ମେଲ୍ କରି ନଥିବେ-ସେଭଳି ଆଶଙ୍କାକୁ ଏଡ଼ାଇ ଦିଆଯାଇପାରେ କି ?

କନିଷ୍ଠ ପ୍ରଶାସକରୁ ଓଡ଼ିଶାର କ୍ଷମତା ରାଜନୀତିରେ ସର୍ବେସର୍ବା ଭାବେ ନିଜକୁ ପ୍ରତିଷ୍ଠିତ କରିଥିବା ମଦୁରାଇ (ତାମିଲନାଡୁ) ଜନ୍ମିତ ଭି.କେ. ପାଣ୍ଡିଆନ୍‌ଙ୍କ ଉତ୍‌ଥାନ ଯେତିକି ଚମକପ୍ରଦ, ତାଙ୍କ ମାତ୍ରାଧିକ ମାତ୍ରାଧିକ ପ୍ରଭାବରେ୨୪ ବର୍ଷର ନିରଙ୍କୁଶ ନବୀନ ଗଡ଼ ଭୁଶୁଡ଼ିବା ମଧ୍ୟ ସେତିକି ରୋଚକ। 5-T ପରିକଳ୍ପନା ଅନ୍ତର୍ଗତ 'ରୂପାନ୍ତର' ଶେଷରେ ଯେ ଦଳ ଓ ସରକାରର ରଙ୍ଗ ବଦଳାଇଦେବ-ବିଜେଡିରେ କେହି କେବେ ଅନୁମାନ କରିନଥିଲେ।

## ଦୁର୍ନୀତି ଅର୍ଥରେ ପାଣ୍ଡିଆନ୍‌ଙ୍କ କୁହୁକ ଉତ୍‌ଥାନ !

କ୍ଷମତା କରିଡର୍‌ରେ ପାଣ୍ଡିଆନ୍‌ଙ୍କ ପ୍ରଭାବ ବିସ୍ତାର ପରେ ଓଡ଼ିଆ ପ୍ରଶାସକ ହେଲେ କୋଣଠେସା ଓ ଦକ୍ଷିଣୀ ଅଫିସରଙ୍କ କୋଟେରୀଙ୍କୁ ନେଇ ପାଣ୍ଡିଆନ୍ ରଚିଲେ 5-T ଇନ୍ଦ୍ରଜାଲ। ଏଭଳି ଏକ ଅବୈଧ ବିଭାଗକୁ ମୁଖ୍ୟମନ୍ତ୍ରୀ ଆନୁଷ୍ଠାନିକ ସ୍ୱୀକୃତି ଦେଲେ। ପରିଣାମସ୍ୱରୂପ ସବୁ ପ୍ରଶାସନିକ ବିଭାଗ ପାଣ୍ଡିଆନ୍‌ଙ୍କ ନିୟନ୍ତ୍ରଣାଧୀନ ହେଲା। ସରକାର, ସମଗ୍ର ଶାସନ କଳ ଓ ରାଜକୋଷ ପରିଚାଳିତ ହେଲା ତାଙ୍କ ହୁକୁମ୍‌ରେ। ଶେଷରେ ଓଡ଼ିଶା ରୂପାନ୍ତରିତ ହେଲା ଅଣଓଡ଼ିଆ ଅଫିସର ଓ ଅଣଓଡ଼ିଆ ବ୍ୟବସାୟୀଙ୍କ ଭୂସ୍ୱର୍ଗରେ। ୨୦୧୯ରୁ ୨୦୨୪ ଯାଏ ଅଖଣ୍ଡ କ୍ଷମତାର ଅଧିକାରୀ ପାଲଟିଥିବା ପାଣ୍ଡିଆନ୍ ତାମିଲ୍‌ନାଡୁର ଶୀର୍ଷ ଧନୀ ତାଲିକାରେ ସ୍ଥାନ ପାଇଥିବା ଗଣମାଧ୍ୟମରେ ଚର୍ଚ୍ଚା ହୋଇଥିଲେ ହେଁ ସେ କେବେ ଏହାକୁ ଖଣ୍ଡନ କରିଥିବାର ନଜିର୍ ନାହିଁ। ୨୦୨୪ ନିର୍ବାଚନ ପ୍ରଚାର ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କୁ ଇଙ୍ଗିତ କରିବା ସହ ଗୁରୁତର ଅଭିଯୋଗ ଉଠାଇ କହିଥିଲେ, ତାମିଲନାଡୁକୁ ଚାଲାଣ ହୋଇଥିବା ଓଡ଼ିଶାର ପ୍ରତିଟି ସମ୍ପତ୍ତିକୁ କଡ଼ା-ଗଣ୍ଡା ହିସାବରେ ଓଡ଼ିଶାକୁ ଫେରାଇ ଅଣାଯିବ। ବିଡ଼ମ୍ବନା ହେଲା-ଏ ପର୍ଯ୍ୟନ୍ତ ପାଣ୍ଡିଆନ୍‌ଙ୍କ ସମ୍ପତ୍ତି ଠାବ ସକାଶେ ପ୍ରାଥମିକ ଅନୁସନ୍ଧାନ ବି ଆରମ୍ଭ ହୋଇ ନାହିଁ। ଅନ୍ୟ ପକ୍ଷରେ ଆର୍ଥିକ ଦୃଷ୍ଟିରୁ କେତେ ମଜବୁତ୍ ହେବା ପରେ କିମ୍ବା ଭବିଷ୍ୟତରେ ଅଧିକ କେତେ ଉପାର୍ଜ୍ଜନର ଆଶା ରଖି ଜଣେ ସର୍ବଭାରତୀୟ ଚାକିରିରୁ ଅବସର ନିଏ, ତାହା ମଧ୍ୟ ପ୍ରଣିଧାନସାପେକ୍ଷ। ମୋଟାମୋଟି ଭାବେ ନିଜ ରାଜ୍ୟ ତାମିଲ୍‌ନାଡୁର ସେବା କରିବା ବଦଳରେ ପାଣ୍ଡିଆନ୍ କ'ଣ କେବଳ ତାଙ୍କ ଗୁରୁ (ନବୀନ)ଙ୍କ ସେବା ପାଇଁ ଆଇଏଏସ୍ ଚାକିରିରୁ ଅବସର ନେଲେ ? ପୁଣି ତାଙ୍କୁ ଅନୁସରଣ କରି ପତ୍ନୀ ସୁଜତା ଗତ ମାର୍ଚ୍ଚ ଶେଷରେ ଆଇଏଏସ୍‌ରୁ ଅବସର ନେବା ଘଟଣା ପଛରେ କେଉଁ ମହତ ଉଦ୍ଦେଶ୍ୟ ରହିଛି, ତାହା ଆଗାମୀ ଦିନରେ ଜଣାପଡ଼ିବ।

## ରାଜ୍ୟ ଅର୍ଥରେ ଆତ୍ମରୂପାନ୍ତର

କରୋନା ସଂକ୍ରମଣ ଅପସରିବା ମାତ୍ରେ ଲୋକଙ୍କଠାରୁ ଅଭିଯୋଗ ସଂଗ୍ରହ ନାମରେ 5-T ସଚିବ ହେଲିକପ୍ଟରରେ ଉଡ଼ି ୩୦ ଜିଲ୍ଲାରେ ଦେଢ଼ ଶହ ସଭା କଲେ। ସଭାସ୍ଥଳକୁ ଲୋକବୁହା, ସେମାନଙ୍କ ଖାଦ୍ୟପେୟ ଓ ଶାନ୍ତିଶୃଙ୍ଖଳା ଦାୟିତ୍ୱରେ ମୁତୟନ ହେଲେ ଜିଲ୍ଲା ପ୍ରଶାସନ। ମନ୍ତ୍ରୀ, ବିଧାୟକ ଓ ଟିକେଟ୍ ଆଶାୟୀମାନେ ମଞ୍ଚ ବାନ୍ଧିଲେ। ମଞ୍ଚରେ ଏକା ରହି ଭାଷିଲେ ପାଣ୍ଡିଆନ୍, ତଳେ ବସିଲେ ନେତା। ଏସବୁ ସଭା ପାଇଁ ରାଜକୋଷରୁ କେତେ ଖର୍ଚ୍ଚ ହେଲା ଓ ବ୍ୟାବସାୟିକ ସଂସ୍ଥାରୁ କେତେ ଚାନ୍ଦା ଆସିଲା, ତାହାର ହିସାବ ନାହିଁ। ପୁଣି ୨୦୨୩ ଅକ୍ଟୋବର ପୂଜା ଛୁଟିରେ ସ୍ୱେଚ୍ଛାକୃତ ଅବସର ନେଇ ବିଜେଡ଼ିରେ ମିଶିବାଠାରୁ ୨୦୨୪ ନିର୍ବାଚନ ଘୋଷଣା ଯାଏ ପାଣ୍ଡିଆନ୍ ହେଲିକପ୍ଟରରେ ଉଡ଼ି ଶତାଧିକ କଲେଜରେ ଛାତ୍ର ସମାବେଶ କରିବା ସହ ୧୪୭ ନିର୍ବାଚନମଣ୍ଡଳୀରେ ଅଭିଯୋଗ ସଂଗ୍ରହ ନାମରେ 'ସରକାରୀ' ସଭା କଲେ। ଏସବୁ ବର୍ଣ୍ଣାଢ଼୍ୟ ସଭାର ସାଜସଜ୍ଜା, ସଭାକୁ ଲୋକବୁହା, ସେମାନଙ୍କ ଖାଦ୍ୟପେୟ ଏବଂ ▶ ଅବଶିଷ୍ଟ ପୃଷ୍ଠା ୧୪

## ପ୍ରଥମ ପୃଷ୍ଠାରୁ...

# ବିକାଶ ଯନ୍ତାରେ...

୨୬,୫୬୧ ପରିବାରର, ୧.୫ଲକ୍ଷ ଲୋକ ବିସ୍ଥାପିତ ହେଲେ। ହୀରାକୁଦର ଉପର ମୁଣ୍ଡରେ ଥିବା ଝାରସୁଗୁଡ଼ା ଜିଲ୍ଲାର ଲଖନପୁର ବ୍ଲକ୍‌ର ଅନେକ ବିସ୍ଥାପିତଙ୍କୁ ଥରେ ନୁହେଁ ତିନି ତିନି ଥର ବିସ୍ଥାପିତ ହେବାକୁ ପଡ଼ିଛି। ପ୍ରଥମେ ହୀରାକୁଦ ନଦୀବନ୍ଧ ପାଇଁ, ପରେ ଏମ୍‌ସିଏଲ୍ କୋଇଲା ଖଣି ଏବଂ ଓପିଜିସି କାରଖାନା ପାଇଁ ଅଞ୍ଚଳବାସୀ ବାରମ୍ବାର ବିସ୍ଥାପିତ ହୋଇଛନ୍ତି। ସେହିପରି କେନ୍ଦୁଝର ଜିଲ୍ଲାର ଯୋଡ଼ା ଓ ଚମ୍ପୁଆ ବ୍ଲକ୍ ସୀମାନ୍ତରେ କାନପୁର ବୃହତ୍ ଜଳସେଚନ ପ୍ରକଳ୍ପ ଚାଲିଛି। ପ୍ରକଳ୍ପ ଶେଷ ହେବାର ନାଁ ଧରୁନି। କିନ୍ତୁ ପ୍ରକଳ୍ପର ବ୍ୟୟ ଅଟକଳ ବୃଦ୍ଧି ପାଇ ଚାଲିଛି। ଏହି ପ୍ରକଳ୍ପ ପାଇଁ ୩ଜଣ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକ, ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାରମ୍ବାର ଶିଳାନ୍ୟାସ କରିଛନ୍ତି। ପୂଣ୍ୟତୋୟା ବୈତରଣୀ ନଦୀ ଉପରେ ବାସୁଦେବପୁର ଠାରେ ଆରମ୍ଭ ହୋଇଥିବା କାନପୁର ପ୍ରକଳ୍ପ ପାଇଁ ୧୦ଟି ଗ୍ରାମର ୫୭୨୫ ପରିବାର ବିସ୍ଥାପିତ ସାମିଲ ହୋଇଥିବା ବେଳେ ଆଉ ୨୨୦ ପରିବାର ବିସ୍ଥାପିତ ହେବାକୁ ଚିହ୍ନଟ ହୋଇଛନ୍ତି।

ଅନୁରୂପ ଭାବେ ଏକଦା 'ଭୋକର ଭୂଗୋଳ' ଭାବେ ପରିଚିତ କଳାହାଣ୍ଡି ଜିଲ୍ଲାକୁ ନୂଆ ପରିଚୟ ଦେଇ ଶସ୍ୟଶ୍ୟାମଳା କରିଥିବା ଇନ୍ଦ୍ରାବତୀ ପ୍ରକଳ୍ପ ୧୯୮୫ରେ ଆରମ୍ଭ ହୋଇଛି। ୧୯୯୦-୯୨ ମସିହା ମଧ୍ୟରେ ଏହି ପ୍ରକଳ୍ପ ପାଇଁ କଳାହାଣ୍ଡି, ନବରଙ୍ଗପୁର ଓ କୋରାପୁଟ ଜିଲ୍ଲାର ପ୍ରାୟ ୧୦୫ ଗ୍ରାମର ୬୧୩୩ ପରିବାର ବିସ୍ଥାପିତ ହୋଇଛନ୍ତି। ଆଜି ବିସ୍ଥାପିତଙ୍କ ଦୁଃଖ ସରିନାହିଁ। ୧୯୯୧-୯୨ର ରେଙ୍ଗାଲୀ ପ୍ରକଳ୍ପରେ ୨୬୩ଟି ଗ୍ରାମର ହଜାର ହଜାର ପରିବାର ବିସ୍ଥାପିତ ହୋଇଥିଲେ। ଦେବଗଡରେ ସର୍ବାଧିକ ୧୮୧ ଗ୍ରାମର ୧୨,୨୬୯ ପରିବାର ବିସ୍ଥାପିତ ହୋଇଥିଲେ। ଲୋୟର ସୁକ୍‌ତେଲ ପ୍ରକଳ୍ପ ୧୯୯୬-୯୭ରୁ ଆରମ୍ଭ ହୋଇଥିବା ବେଳେ ବିସ୍ଥାପନକୁ ନେଇ ୨୦୧୩ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିଥିଲା। ଏହି ଜଳସେଚନ ପ୍ରକଳ୍ପ ପାଇଁ ବିସ୍ଥାପନର ଦୁଃଖକୁ ଆଜି ପର୍ଯ୍ୟନ୍ତ ଅଞ୍ଚଳବାସୀ ଭୁଲି ପାରିନାହାନ୍ତି।

ବିସ୍ଥାପନ ସମସ୍ୟା କେବଳ ନଦୀବନ୍ଧ ଓ ଜଳଭଣ୍ଡାର ମଧ୍ୟରେ ଅଟକି ଯାଇନାହିଁ। ଯାଜପୁର ଜିଲ୍ଲାର ଦାନଗଦୀ ଓ ସୁକିନ୍ଦା ବ୍ଲକ୍‌ରେ ଗଢ଼ି ଉଠିଥିବା ଇସ୍ପାତ ରାଜଧାନୀ କଳିଙ୍ଗନଗରର ଭିତ୍ତିଭୂମି ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ପକାଇଥିଲେ। ପରେ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ପ୍ରକଳ୍ପକୁ ଆଗେଇ ନେଇଥିବା ବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମୟରେ ଏହାର ବିସ୍ତାର ଘଟିଛି। ୧୯୯୨ରେ ବ୍ରିଟିଶ ଶିଳ୍ପପତି ସ୍ୱରାଜ ପଲ୍‌ଙ୍କ ଦ୍ୱାରା ବିଜୁ ପଟ୍ଟନାୟକ ରାଜ୍ୟର ଦ୍ୱିତୀୟ ଇସ୍ପାତ କାରଖାନା ଭୂମିପୂଜା କରି ୩ଟି କଦମ୍ବଗଛ ଲଗାଇଥିଲେ। ଶ୍ରୀ ପଲ୍ ପଛଘୁଞ୍ଚା ଦେଇ କାଳିଙ୍ଗନଗରରେ ଇସ୍ପାତ କାରଖାନା କଲେନାହିଁ। ପରେ ମେସ୍କୋ, ନୀଳାଚଳ, ଟାଟା, ଜିନ୍ଦଲ, ଭିସା, ବିଆର୍‌ପିଏଲ୍ ଭଳି ୧୪ଟି ବୃହତ ଇସ୍ପାତ କାରଖାନା ସହିତ ତିନିଟି ବୃହତ ସିମେଣ୍ଟ କାରଖାନା ତଥା ଅନେକ ମଧ୍ୟମ ଓ ଛୋଟ ଶିଳ୍ପ ଅନୁଷ୍ଠାନ ଇସ୍ପାତ ରାଜଧାନୀ କଳିଙ୍ଗନଗରର କଳେବର ବୃଦ୍ଧି କରିବା ସହ ରାଜ୍ୟ ତଥା ଦେଶର ଅର୍ଥନୀତି ସମୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। କଳିଙ୍ଗନଗରରେ ହଜାର ହଜାର କୋଟି ଟଙ୍କାର ପ୍ରକଳ୍ପ ମୁଣ୍ଡ ଟେକିଛି। ବିସ୍ଥାପନ ଇତିହାସରେ ୨୦୦୬ ଜାନୁଆରି ୨ତାରିଖ କଳାଦାଗ ସୃଷ୍ଟି କରିଥିଲା। ସେହିଦିନ ଟାଟା କମ୍ପାନିର ପାଚେରି ନିର୍ମାଣକୁ ବିରୋଧ କରି ୧୪ଜଣ ଆଦିବାସୀ ପୁରୁଷ ମହିଳା ପୁଲିସ ଗୁଳିରେ ଟଳି ପଡିଥିଲେ। ୨୦ବର୍ଷ ପରେ ମଧ୍ୟ ବିସ୍ଥାପନ ସମସ୍ୟା ସମାଧାନ ହୋଇପାରି ନାହିଁ। କଳିଙ୍ଗନଗରରେ ଅଶାନ୍ତି ଓ ଆନ୍ଦୋଳନ ଜାରି ରହିଛି।

ଜଳସେଚନ ପ୍ରକଳ୍ପ ଏବଂ ଶିଳ୍ପାୟନ ପରି ଖଣିଖାଦାନ ପାଇଁ ମଧ୍ୟ ବ୍ୟାପକ ବିସ୍ଥାପନ ଘଟିଛି। କୋଇଲା ଖଣି ପାଇଁ ଝାରସୁଗୁଡ଼ା, ଅନୁଗୁଳ ଓ ଲୁହାପଥର, ମାଙ୍ଗାନିଜ, କ୍ରୋମାଇଟ୍ ପ୍ରଭୃତି ଖଣି ପାଇଁ କେନ୍ଦୁଝର, ଯାଜପୁର, ସୁନ୍ଦରଗଡ଼ ଜିଲ୍ଲାରେ ହଜାର ହଜାର ପରିବାର ବିସ୍ଥାପିତ ହୋଇଛନ୍ତି। ଖଣିଖାଦାନ,ପାହାଡ଼ପର୍ବତ ଓ ଜଙ୍ଗଲ ଅଞ୍ଚଳରେ ପ୍ରକଳ୍ପଗୁଡ଼ିକ ହେଉଥିବା ବେଳେ ସେଠାରେ ମୁଖ୍ୟତଃ ଆଦିବାସୀ ପରିବାର ବିଶେଷ ଭାବେ ପ୍ରଭାବିତ ହେଉଛନ୍ତି। ସେମାନଙ୍କର ସରଳତା ଓ ଅଜ୍ଞତାର ସୁଯୋଗ ନେଇ ଆର୍‌ଆଣ୍ଡଆର୍ ପଲିସିର ସୁବିଧା ସୁଯୋଗ ନିଯୁକ୍ତି ଓ ଥଇଥାନକୁ ଚରମ ଅବହେଳା କରାଯାଉଛି। ଉଦାହରଣ ସ୍ୱରୂପ ୨୦୧୩ରେ ଯାଜପୁର ଜିଲ୍ଲାର ସୁକିନ୍ଦା ବ୍ଲକ୍ କ୍ରୋମ୍ ଉପତ୍ୟକା ସାଉଥ୍ କାଳିଆପାଣି ଖଣିର ପୁରୁଣାପାଣି, ୨୦୧୭ରେ ମଶାସାହି ଓ ୨୦୨୩ରେ ଚିରିଗୁଡ଼ା ଅଞ୍ଚଳର ଶତାଧିକ ଲୋକଙ୍କୁ କିଛି କିଛି ଅର୍ଥ ଓ କେତେକଙ୍କୁ ଘର ଖଣ୍ଡେ ଖଣ୍ଡେ ପ୍ରଦାନ କରି ଆର୍‌ଏଣ୍ଡଆର୍ ପଲିସିକୁ ସଂପୂର୍ଣ୍ଣ ଅଣଦେଖା କରାଯାଇଛି।

### ଦନ୍ତହୀନ ଆର୍‌ପିଡିଏସି:

ଆର୍‌ଏଣ୍ଡଆର୍ ପଲିସିରେ ଆର୍‌ପିଡିଏସି (ପୁନର୍ବାସ ଓ ପାରିପାର୍ଶ୍ୱିକ ବିକାଶ ପରାମର୍ଶଦାତା କମିଟି)କୁ ବେଶ୍ ଗୁରୁତ୍ୱ ଦିଆଯାଇଛି। କିନ୍ତୁ ଆର୍‌ପିଡିଏସିର ଅଧ୍ୟକ୍ଷ ଭାବେ ଆର୍‌ଡିସି ଓ ଆବାହକ ଭାବେ ସ୍ଥାନୀୟ ଜିଲ୍ଲାପାଳଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ସେମାନଙ୍କର ସେପରି କିଛି କ୍ଷମତା ନାହିଁ। ନାମକୁ ମାତ୍ର ବୈଠକ ଡକାଯାଉଛି ଓ ସେଥିରେ ଗୃହୀତ ପରାମର୍ଶ କାଗଜପତ୍ରରେ ସୀମିତ ରହୁଛି। ସେପରି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନାହିଁ। କମ୍ପାନିଗୁଡ଼ିକ ନିଜର ପାରିପାର୍ଶ୍ୱିକ ଉନ୍ନୟନ କାର୍ଯ୍ୟର ହିସାବ କେବଳ କାଗଜପତ୍ରରେ ପ୍ରଦାନ କରି ଆତ୍ମସନ୍ତୋଷ ଲାଭ କରୁଛନ୍ତି। ଖଣିଖାଦାନ, ଶିଳ୍ପାଞ୍ଚଳଗୁଡ଼ିକରେ ଅପପୃଷ୍ଟି, ବାଲ୍ୟ ବିବାହ, ଅଧାରୁ ପାଠ ଛାଡିବା, ଶୁଦ୍ଧ ପାନୀୟଜଳ ଅଭାବ, ପ୍ରଦୂଷଣ ଓ ରାସ୍ତାଘାଟର ଶୋଚନୀୟ ସ୍ଥିତି ଆର୍‌ପିଡିଏସିର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ୨୦୦୬ ନୂତନ ଆର୍‌ଆର୍ ପଲିସିରେ ପ୍ରତି ୬ମାସରେ ଥରେ ଏହି ବୈଠକ ବସି ବିସ୍ଥାପିତମାନଙ୍କର ସମସ୍ୟା ଓ ଶିଳ୍ପାଞ୍ଚଳର ପାରିପାର୍ଶ୍ୱିକ ଉନ୍ନତିର ସମୀକ୍ଷା କରାଯିବାର ବ୍ୟବସ୍ଥା ରଖାଯାଇଛି। କିନ୍ତୁ ବର୍ଷବର୍ଷ ଧରି ଆର୍‌ପିଡିଏସି ବୈଠକ ବସୁନାହିଁ। ଯାହାକୁ ନେଇ ଆର୍‌ପିଡିଏସିକୁ ଦନ୍ତହୀନ ବୋଲି କୁହାଯାଇଛି। କମ୍ପାନିଗୁଡ଼ିକର ଧୂଳିଧୂଆଁରେ ଅଞ୍ଚଳବାସୀ ଏବେ ଅଣନିଶ୍ୱାସୀ। ଯେଉଁ କଳିଙ୍ଗନଗରରେ ବିସ୍ଥାପନକୁ ବିରୋଧ କରି ୧୪ଜଣ ଆଦିବାସୀଙ୍କର ମୁଣ୍ଡ ଗଡିଥିଲା ଏବେ ପ୍ରଦୂଷଣ ବିଷ ବଳୟରେ ସେଠାକାର ଅଧିବାସୀ ଅଣନିଶ୍ୱାସୀ ହୋଇ ବିସ୍ଥାପିତ ହେବା ପାଇଁ ଆରପିଡିଏସି ବୈଠକରେ ସରକାରୀ କଳ ଓ କମ୍ପାନି ନିକଟରେ ବ୍ୟାକୁଳ ହେଉଛନ୍ତି। ଯାହାକି ଶିଳ୍ପାଞ୍ଚଳର ବିକାଶ ଓ ପରିବେଶର ସ୍ଥିତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।



## ବିଭିନ୍ନ ଅନୁଷ୍ଠାନ ଓ ସଂସ୍ଥାର ଅନୁସନ୍ଧାନରୁ ମିଳିଥିବା ତଥ୍ୟ

| ପ୍ରକଳ୍ପ ନାମ | ଜମି ଅଧିଗ୍ରହଣ (୧୯୫୧-୯୧) | ବିସ୍ଥାପିତ ପରିସଂଖ୍ୟାନ (୧୯୫୧-୯୫) | ଥଇଥାନ |
|---|---|---|---|
| ଜଳସେଚନ ପ୍ରକଳ୍ପ (ଜଳଭଣ୍ଡାର) | ୧୫୪୩୩୨୮.୨୫ ଏକର | ୪,୧୦,୦୦୦ ଜଣ | ୯୦,୦୦୦ଜଣ |
| ଶିଳ୍ପାନୁଷ୍ଠାନ | ୧୦୬୬୨୬.୮୪ ଏକର | ୭୧,୭୯୪ ଜଣ | ୨୭୦୦୦ଜଣ |
| ଖଣି | ୪୧୦୧୦୧୩୭.୩୪ ଏକର | ୧୦୦,୦୦୦ ଜଣ | ୬୦,୦୦୦ଜଣ |
| ପାର୍କ ଓ ଅଭୟାରଣ୍ୟ, ଅନ୍ୟାନ୍ୟ ପ୍ରକଳ୍ପ | ୩୦୨୧୦୦ ଏକର | ୫୦୮୪୦ ଜଣ | ୧୫୫୪୦ଜଣ |
| ମୋଟ | ୪୨୯୬୨୧୯୨ ଏକର | ୬,୩୨,୬୩୪ ଜଣ | ୧୯୨୫୪୦ଜଣ |

## '୨୦୨୫ ଆର୍‌ଏଣ୍ଡଆର୍ ପଲିସି ଘୋଷଣା ଖୁବ୍‌ଶୀଘ୍ର'



ହୀରାକୁଦ ନଦୀବନ୍ଧ ପ୍ରକଳ୍ପ ଦ୍ୱାରା ଆଜି ପର୍ଯ୍ୟନ୍ତ ହୋଇଥିବା ବିସ୍ଥାପନର ସଠିକ୍ ତଥ୍ୟ ସରକାରଙ୍କ ନିକଟରେ ନାହିଁ। ବିଭିନ୍ନ ଦସ୍ତାବିଜ୍‌କୁ ସମୀକ୍ଷା କରି ବିସ୍ଥାପିତମାନଙ୍କୁ ସରକାରୀ ନୀତିନିୟମରେ ସୁବିଧାସୁଯୋଗ ଯୋଗାଇ ଦେବାକୁ ଉଦ୍ୟମ ଜାରି ରହିଛି। ଖୁବ୍ ଶୀଘ୍ର ୨୦୨୫ ଆରଆର ପଲିସି ଘୋଷଣା ହେବାକୁ ଯାଉଛି। ହାଉସ କମିଟି ଗଠନ ହୋଇସାରିଛି। ଏହି ନୂତନ ପଲିସିରେ ଜମିହରାଙ୍କୁ ଜମି ଦିଆଯିବ। ବିଶେଷ କରି ଅଧିକ କ୍ଷତିଗ୍ରସ୍ତ ଆଦିବାସୀମାନେ ଜମି ହରାଉଥିବାରୁ ସେମାନଙ୍କୁ ଏ କ୍ଷେତ୍ରରେ ପ୍ରାଥମିକତା ଦିଆଯିବ। ପ୍ରକଳ୍ପ ପାଇଁ ସର୍ବାଧିକ ସରକାରୀ ଜମିର ବିନିଯୋଗ କରାଯିବା ସହିତ ସର୍ବନିମ୍ନ ବିସ୍ଥାପନ ଉପରେ ଧ୍ୟାନ ଦିଆଯିବ। ପ୍ରକଳ୍ପ ନିର୍ମାଣ କରିନଥିବା ସଂସ୍ଥାଗୁଡ଼ିକଠାରୁ ଜମି ଫେରସ୍ତ ଅଣାଯିବ। ଏପରିକି ବିସ୍ଥାପିତମାନଙ୍କୁ ତାଙ୍କ ଜମି ଫେରାଇ ଦିଆଯିବ। ହୀରାକୁଦ ନଦୀବନ୍ଧ ଜଳ ପତ୍ତନ ୬୩୨ରୁ ୬୩୦ଫୁଟ୍‌କୁ ହ୍ରାସ ପାଇଛି। ଫଳରେ ବିସ୍ତୀର୍ଣ୍ଣ ବୁଡିଅଞ୍ଚଳ ଏବେ ପଡିଆ ଜମିରେ ପରିଣତ ହୋଇଛି। ସେହି ଜମିଗୁଡ଼ିକୁ ବିସ୍ଥାପିତ ଲୋକଙ୍କ ମଧ୍ୟରେ ବଣ୍ଟନ କରିବାର ଯୋଜନା ରହିଛି।

ପୁରୀ କୋଣାର୍କ ବେଳାଭୂମିରେ ଯେପରି ବେଦାନ୍ତକୁ ବିଗତ ସରକାର ବିଶ୍ୱବିଦ୍ୟାଳୟ ପାଇଁ ଯେଉଁ ୬ହଜାର ଏକର ଜମି ଦେବାକୁ ଯୋଜନା କରିଥିଲେ ତାକୁ ଫେରାଇ ଅଣାଯାଇଛି। ୩୧ଟି ଖଣିର ମିଆଦ ଶେଷ ହେଲାପରେ ସେହି ଜମିକୁ ସରକାରୀ ନିୟନ୍ତ୍ରଣକୁ ଫେରାଇ ଅଣାଯାଇଛି। ଖଣି ଲିଜ୍ ନେଇଥିବା କମ୍ପାନି ସଂପୃକ୍ତ ଜମିକୁ ବାସୋପଯୋଗୀ କରିବା ପରେ ବିସ୍ଥାପିତ ମାନଙ୍କୁ ପ୍ରଦାନ କରାଯିବ। ନିଯୁକ୍ତି କ୍ଷେତ୍ରରେ ଜିଲ୍ଲା ପ୍ରଶାସନ ଜରିଆରେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତିର ବ୍ୟବସ୍ଥା କରାଯାଇଛି। ଝାରସୁଗୁଡ଼ା ଜିଲ୍ଲାରେ ଇତିମଧ୍ୟରେ ୩ଟି ପର୍ଯ୍ୟାୟରେ ଜିଲ୍ଲାପାଳ କମ୍ପାନିଗୁଡ଼ିକରେ ସ୍ଥାନୀୟ ବେକାର ଯୁବକଯୁବତୀଙ୍କୁ ନିଯୁକ୍ତି ଦେବା ଆରମ୍ଭ କରିଛନ୍ତି।

**-ସୁରେଶ ପୂଜାରୀ, ମନ୍ତ୍ରୀ,<br>ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା**

## ପ୍ରତିକ୍ରିୟା

୨୦୦୬ରେ ନୂତନ ଆର୍‌ଆର୍ ପଲିସି ପ୍ରଣୟନ ପୂର୍ବରୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ମୋ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବିଭିନ୍ନ ରାଜ୍ୟ ଗସ୍ତ ପରୀକ୍ଷା ନିରୀକ୍ଷା କରି ସବୁଠାରୁ ଭଲ ପଲିସି ପ୍ରଣୟନ କରାଯାଇଥିଲା। ଇତିମଧ୍ୟରେ ୨୦ ବର୍ଷ ବିତିଯାଇଥିବା ବେଳେ ପରିସ୍ଥିତି ଓ ପରିବେଶରେ ବହୁ ପରିବର୍ତ୍ତନ ହୋଇଛି। ୨୦୦୬ ଆର୍‌ଆର୍ ପଲିସିରେ ଏବେ ବହୁ ପରିବର୍ତ୍ତନ ଆବଶ୍ୟକ ପଡୁଛି। ଯେଉଁ ବିସ୍ଥାପିତ ପରିବାରଗୁଡ଼ିକ ସେମାନଙ୍କର ଜମି, ଜଳ ଓ ଜଙ୍ଗଲକୁ ଶିଳ୍ପ ପ୍ରତିଷ୍ଠାନ ପାଇଁ କମ୍ପାନିକୁ ହେଉ କି ସରକାର ହାତକୁ ଟେକି ଦେଲେ ସେମାନଙ୍କର ସ୍ଥିତି ଏବେ ବିଗିଡ଼ିବାରେ ଲାଗିଛି। ସେତେବେଳେ ଯେଉଁ ବିସ୍ଥାପିତମାନେ କମ୍ପାନିଗୁଡ଼ିକରେ ନିଯୁକ୍ତି ପାଇଥିଲେ ସେମାନଙ୍କ ଭିତରୁ ଇତିମଧ୍ୟରେ ଅନେକ ମରି ହଜି ଗଲେଣି। ତାଙ୍କର ପିଲାମାନେ ଏବେ ବେକାର। ସେମାନଙ୍କର ପୂର୍ବପୂରୁଷର ଜମି ଏବେ କମ୍ପାନି ଅଧିନରେ। ସେମାନେ ବଞ୍ଚିବେ କିପରି? ଏପରିକି ଶହଶହ ଲୋକଙ୍କର ଜମି ନେଇଥିବା କଳିଙ୍ଗନଗର ମେସ୍କୋ ଭଳି ଅନେକ କମ୍ପାନି ବନ୍ଦ ହୋଇଯାଉଛି। ଜମିହରା ଲୋକ ବଞ୍ଚିବେ କିପରି? ୨୦୦୫କୁ କଟ୍ ଅଫ୍ ଭାବେ ଗ୍ରହଣ କରାଯାଇ ସେତେବେଳେ ୧୮ବର୍ଷରୁ ଉର୍ଦ୍ଧ୍ୱ ଯୁବକଙ୍କୁ ଗୋଟିଏ ଗୋଟିଏ ପରିବାର ଭାବେ ଚିହ୍ନଟ କରାଯାଇଥିଲା। ଗତ ୨୦ବର୍ଷ ଭିତରେ ଭାଇଭାଇ, ବାପପୁଅ ଅନେକ ପରିବାର ହେଲେଣି। ୨୦୨୫କୁ କଟ୍ ଅଫ୍ ଭାବେ ଗ୍ରହଣ କରି ପରିବାର ଚିହ୍ନଟ କରିବା ଆବଶ୍ୟକ। ଅସହାୟ ବିସ୍ଥାପିତଙ୍କୁ ବଂଶାନୁକ୍ରମରେ କର୍ମ ସଂସ୍ଥାନ ଯୋଗାଇ ଦେବା ଆବଶ୍ୟକ। ଯାହା ଫଳରେ ବିସ୍ଥାପିତ ପରିବାର ଜୀବନଜୀବିକା ସଂଘର୍ଷରୁ ଉଦ୍ଧାର ପାଇପାରିବେ।

**-ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ, ପୂର୍ବତନ ଅର୍ଥମନ୍ତ୍ରୀ**

ରବୀନ୍ଦ୍ର କହନ୍ତି ତାଙ୍କ ବାପା ନିରଞ୍ଜନ ସାହୁ, କାକା ନରହରି ସାହୁ, ପବିତ୍ର ସାହୁ ଓ ଅନ୍ୟମାନେ ୧୯୪୮-୫୭ ମଧ୍ୟରେ ହୀରାକୁଦ ନଦୀବନ୍ଧ ଯୋଜନାରେ ପତ୍ରାପାଲି ଗ୍ରାମରୁ ବିସ୍ଥାପିତ ହୋଇ ବନହରପାଲିରେ ନିଜ ଉଦ୍ୟମରେ ଥଇଥାନ ହେଲେ। ପୁଣି ୧୯୮୫ ମସିହାରେ ବନହରପାଲିଠାରେ ଓପିଜିସି ପ୍ରତିଷ୍ଠା ହେବା ପରେ ଦ୍ୱିତୀୟ ଥର ବିସ୍ଥାପିତ ହେଲେ। ତାଙ୍କ ଭଳି ଶହଶହ ପରିବାର ଏହିଭଳି ବାରମ୍ବାର ବିସ୍ଥାପନର ଶିକାର ହୋଇଛନ୍ତି। ଏବେ ରବୀନ୍ଦ୍ରଙ୍କ ପରିବାର ପତ୍ରପାଲିର ଏକ ପଡ଼ା ଗାଁ ଖୁଣ୍ଟମୁଣ୍ଡାରେ ସରକାରୀ ଜମିରେ ମୁଣ୍ଡ ଗୁଞ୍ଜିଛନ୍ତି। ତାଙ୍କ ଭଳି ୨୦୬ ପରିବାର ଝାରସୁଗୁଡ଼ାରେ ଦୁଇ ଦୁଇ ଥର ବିସ୍ଥାପନ ହେବା ପରେ ଆର୍ଥିକ , ସାମାଜିକ ଓ ସାଂସ୍କୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଛନ୍ତି। ଅନେକ ପରିବାର ମଧ୍ୟ ହୀରାକୁଦ ନଦୀବନ୍ଧ, ଏମ୍‌ସିଏଲ୍‌ର କୋଇଲା ଖଣି ପରେ ଓପିଜିସି କାରଖାନା ଦ୍ୱାରା ତିନି ତିନି ଥର ବିସ୍ଥାପିତ ହୋଇ କମ୍ପାନିର ଅସ୍ଥାୟୀ ଶିବିରରେ ବର୍ଷବର୍ଷ ଧରି ମୁଣ୍ଡ ଗୁଞ୍ଜିଛନ୍ତି, ଯାହାକି ତାଙ୍କର ପରିବାରିକ ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରି ଦେଇଛି।

**ରବୀନ୍ଦ୍ର କୁମାର ସାହୁ,ବିସ୍ଥାପିତ,<br>ପତ୍ରାପାଲ୍ଲି, (ହୀରାକୁଦ, ଓପିଜିସି)**

**ନଭେମ୍ବର ମାସରେ ଇଂଲଣ୍ଡ ଦଳ ପାଞ୍ଚ ଟେଷ୍ଟ ବିଶିଷ୍ଟ "ଆସେଜ୍" ସିରିଜ ଖେଳିବା ପାଇଁ ଅଷ୍ଟ୍ରେଲିଆ ଯିବ । ୨୦୦୫ ପରଠାରୁ ଅଷ୍ଟ୍ରେଲିଆ ମାଟିରେ କ୍ରମାଗତ ଭାବେ ଶୋଚନୀୟ ପରାଜୟ ବରଣ କରି ଆସୁଥିବା ଇଂଲଣ୍ଡ ଦଳ ପାଇଁ ଏହି ସିରିଜ ଅଗ୍ନି ପରୀକ୍ଷା ହେବ ବୋଲି ବିଚାର କରାଯାଉଛି । ଯଦି ବିଶେଷଜ୍ଞଙ୍କ ଅନୁମାନ ଠିକ୍ ପ୍ରମାଣିତ ହୁଏ ଏବଂ ଇଂଲଣ୍ଡ ସତରେ ହାରେ ତେବେ ଅଷ୍ଟ୍ରେଲିଆ ମାଟି 'ବାଜ୍‌ବଲ୍‌'ର କବର ସାଜିବ ବୋଲି ବିଚାର କରା ଯାଉଛି ।**




# ଆଇସିୟୁରେ 'ବାଜ୍‌ବଲ୍‌'!!

ଆମ ଓଡ଼ିଶା କ୍ରୀଡ଼ା ବ୍ୟୁରୋ

କ୍ରିକେଟରେ-ବିଶେଷ କରି ଟେଷ୍ଟ କ୍ରିକେଟରେ-ରୁଚି ରଖୁଥିବା ପ୍ରାୟ ସମସ୍ତେ 'ବାଜ୍‌ବଲ୍‌' ଶବ୍ଦଟି ନିଶ୍ଚୟ ଶୁଣିଥିବେ। ତଥାପି କିଛି ଲୋକ ଯଦି ଏହି ଶବ୍ଦଟି ସହ ପରିଚିତ ନୁହଁନ୍ତି ତେବେ ସେମାନଙ୍କ ଅବଗତି ନିମନ୍ତେ ବୋଧହୁଏ ଏତିକି କହିଲେ ଯଥେଷ୍ଟ ହେବ ଯେ ଏହା ହେଉଛି ୨୦୨୨ ମସିହା ମେ ମାସରେ ବ୍ରେଣ୍ଡନ ମ୍ୟାକ୍କୁଲମ୍ ଇଂଲଣ୍ଡ ଦଳର କୋଚ ଏବଂ ବେନ ଷ୍ଟୋକ୍ସ୍ ଏହାର ଅଧିନାୟକ ନିଯୁକ୍ତ ହେଲାପରେ ଇଂଲଣ୍ଡ ଦଳ ଯେଉଁ ଅଭିନବ ରଣକୌଶଳ ଅବଲମ୍ବନ କରି ଅଭୂତପୂର୍ବ ସଫଳତା ଲାଭ କରିଥିଲା, ତାହାରି ନାମ । ସଂକ୍ଷେପରେ କହିଲେ ଏହା ନିର୍ଭୀକ, ଦୁଃସାହସିକ ଓ ପରିଣାମସର୍ବସ୍ୱ କ୍ରିକେଟର ଅନ୍ୟ ନାମ । ମ୍ୟାକ୍କୁଲମଙ୍କ ଡାକ ନାମ (ବାଜ୍) ଅନୁଯାୟୀ ଏହି ବ୍ରାଣ୍ଡର କ୍ରିକେଟର ନାମକରଣ କରିଥିଲେ ଇ ଏସ ପି ଏନ୍ କ୍ରିକିନ୍ଫୋ ନାମକ ଅଗ୍ରଣୀ ଆନ୍ତର୍ଜାତିକ କ୍ରିକେଟ ୱେବସାଇଟର ଇଂଲଣ୍ଡ ସମ୍ପାଦକ ଆଣ୍ଡ୍ର୍ୟୁ ମିଲର । ସୂଚନାଯୋଗ୍ୟ ଯେ ମ୍ୟାକ୍କୁଲମ ନ୍ୟୁଜିଲାଣ୍ଡ ଦଳର ଅଧିନାୟକ ଥିଲାବେଳେ ଏହି ବ୍ରାଣ୍ଡର କ୍ରିକେଟ ଖେଳି ଅଷ୍ଟ୍ରେଲିଆ ବିପକ୍ଷରେ ମାତ୍ର ୫୪ ବଲରେ ଶତକ ହାସଲ କରିଥିଲେ ।

୨୦୨୨ ପୂର୍ବର ଦୁଇ ବର୍ଷରେ ମହାନ୍ ବ୍ୟାଟର ଜୋ ରୁଟଙ୍କ ଅଧିନାୟକତ୍ୱରେ ୧୭ ଟି ଟେଷ୍ଟ ମ୍ୟାଚରୁ ମାତ୍ର ଗୋଟିଏ ଜିତି ପାରିଥିବା ଇଂଲଣ୍ଡ ଦଳ 'ବାଜ୍‌ବଲ୍‌'ର ପ୍ରଥମ ବର୍ଷରେ ଏହି ଅଭିନବ ପ୍ରୟୋଗ କରି ଆଶାତୀତ ସଫଳତା ଲାଭ କରିଥିଲା । ସେବର୍ଷ ଘରୋଇ ମାଟିରେ ଇଂଲଣ୍ଡ ଦଳ ଲଗାତାର ଚାରୋଟି ମ୍ୟାଚରେ (ତିନୋଟି ନ୍ୟୁଜିଲାଣ୍ଡ ବିପକ୍ଷରେ ଓ ଗୋଟିଏ ଭାରତ ବିରୁଦ୍ଧରେ) ଚତୁର୍ଥ ପାଳିରେ ୨୫୦ ରୁ ଅଧିକ ରନର ଲକ୍ଷ୍ୟକୁ ସଫଳତାର ସହ ପିଛା କରି ସମଗ୍ର ବିଶ୍ୱକୁ ଚମକାଇ ଦେଇଥିଲା । ସବୁଠାରୁ ଚମକପ୍ରଦ ବିଜୟ ଥିଲା ଭାରତ ବିପକ୍ଷରେ ଯେଉଁଥିରେ ଇଂଲଣ୍ଡ ଦଳ ଶେଷ ପାଳିରେ ୩୭୮ ରନର ବିଶାଳ ଲକ୍ଷ୍ୟକୁ ମାତ୍ର ତିନୋଟି ୱିକେଟ ହରାଇ ହାସଲ କରି ନେଇଥିଲା । ରୁଟ ଏବଂ ଜନି ବେୟାରଷ୍ଟୋ ଉଭୟେ ଅପରାଜିତ ଶତକ ହାସଲ କରିଥିଲେ ।

ଏଭଳି ସଫଳତାରେ ଉତ୍ସାହିତ ହୋଇ ଇଂଲଣ୍ଡ ଦଳ ପରବର୍ତ୍ତୀ ସମୟରେ 'ବାଜ୍‌ବଲ୍‌'କୁ ଆହୁରି ଶାଣିତ କଲା । ଜୁନ, ୨୦୨୨ ରୁ ଜୁନ, ୨୦୨୩ ପର୍ଯ୍ୟନ୍ତ ଟେଷ୍ଟ ମ୍ୟାଚରେ ଇଂଲଣ୍ଡ ଦଳ ଓଭର ପିଛା ୪.୭୬ ରନ ହାରରେ ସ୍କୋର କଲା ଯାହା ଥିଲା କ୍ରିକେଟ ଇତିହାସରେ ଅଶ୍ରୁତପୂର୍ବ । ଏହା ପୂର୍ବରୁ ଏହି ରେକର୍ଡର ଅଧିକାରୀ ଥିଲା ଷ୍ଟିଭ ୱଙ୍କ ନେତୃତ୍ୱାଧୀନ ଅଷ୍ଟ୍ରେଲିଆ ଦଳ ଯାହାର ରନ ହାର ଥିଲା ୩.୭୭ । ଡିସେମ୍ବର, ୨୦୨୨ ରେ ପାକିସ୍ତାନ ବିରୁଦ୍ଧରେ ଏକ ଟେଷ୍ଟର ପ୍ରଥମ ଦିନରେ ମାତ୍ର ୭୫ ଓଭର ଖେଳି ଚାରି ଉଇକେଟରେ ୫୦୪ କରି ଆଉ ଏକ ବିରଳ ରେକର୍ଡ ସ୍ଥାପନ କଲା ଇଂଲଣ୍ଡ । ଏହା ପୂର୍ବରୁ ଗୋଟିଏ ଦିନରେ ସର୍ବାଧିକ ସ୍କୋର (୪୯୪ ରନ) କରିବାର ରେକର୍ଡ ଅଷ୍ଟ୍ରେଲିଆ ଦଳ ଦକ୍ଷିଣ ଆଫ୍ରିକା ବିରୁଦ୍ଧରେ ୧୯୧୦ ମସିହାରେ ସ୍ଥାପିତ କରିଥିଲା । କେବଳ ଦ୍ରୁତ ସ୍କୋର କରିବାରେ ନୁହେଁ; "ବାଜ୍ ବଲ" କ୍ରିକେଟର ସବୁ ପାରମ୍ପରିକ ଅବଧାରଣାକୁ ସମ୍ପୂର୍ଣ୍ଣ ଭାବେ ଓଲଟ ପାଲଟ କରି ଦେଇଥିଲା । ଉନବିଂଶ ଶତାବ୍ଦୀରେ ଟେଷ୍ଟ କ୍ରିକେଟ ଆରମ୍ଭ ହେବା ଦିନଠାରୁ ପ୍ରାୟ ସବୁ ଦଳ ଟସ୍ ଜିଣି ବ୍ୟାଟିଂ କରିବାକୁ ପସନ୍ଦ କରୁଥିଲା ବେଳେ ଇଂଲଣ୍ଡ ଦଳ ପ୍ରାୟ ପ୍ରତିଥର ଟସ୍ ଜିତି ବୋଲିଂ ନେବାକୁ - ଏବଂ ଚତୁର୍ଥ ପାଳିରେ ଯେତେ ବଡ଼ ଲକ୍ଷ୍ୟ ହେଉ ପଛେ ତାର ପିଛା କରିବାକୁ - ନିଜର ନୂତନ ରଣକୌଶଳ ବନେଇଲା ଓ ସେଥିରେ ଅପାର ସଫଳତା ମଧ୍ୟ ଲାଭ କଲା । ଇଂଲଣ୍ଡ ଦଳର ଏ ଅଭିନବ ଶୈଳୀ ସମଗ୍ର ବିଶ୍ୱକୁ ଚମତ୍କୃତ କଲା । ଅନ୍ୟ ଦଳମାନେ ତ୍ରାହି ତ୍ରାହି ଡାକିଲେ ।

କିନ୍ତୁ ଘରୋଇ ମାଟିରେ ଏବଂ ପାକିସ୍ତାନର ନିର୍ଜୀବ ପିଚ୍ ରେ ଇଂଲଣ୍ଡ ପାଇଁ ଅଭୂତପୂର୍ବ ସଫଳତା ଆଣି ଦେଇଥିବା ଏହି ରଣକୌଶଳ ସବୁ ଜାଗାରେ ଓ ସବୁ ଦଳ ବିରୁଦ୍ଧରେ କାମ ଦେଲା ନାହିଁ । ଏହାର ପ୍ରଥମ ପ୍ରମାଣ ମିଳିଲା ୨୦୨୪ ଆରମ୍ଭରେ ଇଂଲଣ୍ଡ ଦଳର ଭାରତ ଗସ୍ତ ସମୟରେ । 'ବାଜ୍‌ବଲ୍‌' ମନ୍ତ୍ର ପ୍ରୟୋଗ କରି ଇଂଲଣ୍ଡ ହାଇଦରାବାଦଠାରେ ଖେଳା ଯାଇଥିବା ପ୍ରଥମ ଟେଷ୍ଟରେ ବିଜୟ ଲାଭ କଲା ସତ । କିନ୍ତୁ ଭାରତୀୟ ପିଚ୍ ରେ ସ୍ପିନର ମାନଙ୍କର ମୁକାବିଲା କରି ନ ପାରି ପରବର୍ତ୍ତୀ ଚାରୋଟି ଯାକ ଟେଷ୍ଟ ହାରିଲା ଓ ତା ସହ ସିରିଜ ୪-୧ ରେ ହାରି ଶୋଚନୀୟ ପରାଜୟ ବରଣ କଲା । ସେହିବର୍ଷ ଶେଷ ଆଡ଼କୁ ନ୍ୟୁଜିଲାଣ୍ଡ ସହ ଏକ ଟେଷ୍ଟରେ ଇଂଲଣ୍ଡ ୪୨୩ ରନର ବିଶାଳ ବ୍ୟବଧାନରେ ହାରିଲା। ଏଭଳି ପରାଜୟ ପରେ ସେପର୍ଯ୍ୟନ୍ତ 'ବାଜ୍‌ବଲ୍‌'କୁ ଅକୁଣ୍ଠ ସମର୍ଥନ ଦେଇ ଆସିଥିବା ଇଂଲଣ୍ଡର କ୍ରିକେଟ ପ୍ରେମୀମାନେ ଏହାର ଉପଯୋଗିତା ଉପରେ ପ୍ରଶ୍ନ ପଚାରିବା ଆରମ୍ଭ କଲେ ।

ସଦ୍ୟ ସମାପ୍ତ ଭାରତ ଇଂଲଣ୍ଡ ଟେଷ୍ଟ ସିରିଜ ୨-୨ ରେ ଡ୍ର ହେବାପରେ ଏଭଳି ପ୍ରଶ୍ନ ଆହୁରି ଶାଣିତ ହେବାରେ ଲାଗିଛି କାରଣ ପ୍ରଥମ ଥର ପାଇଁ ଘରୋଇ ମାଟିରେ ମଧ୍ୟ ଇଂଲଣ୍ଡ ସିରିଜ ଜିତିବାରେ ସକ୍ଷମ ହେଲାନାହିଁ । ଏଭଳି ସମାଲୋଚନା ଯେ ଇଂଲଣ୍ଡ ଦଳକୁ ନିଜ ରଣନୀତି ଉପରେ ପୁନର୍ବିଚାର କରିବାକୁ ବାଧ୍ୟ କରିଛି, ତାର ପ୍ରମାଣ ଏହି ସିରିଜ ମଧ୍ୟରେ ବାରମ୍ବାର ମିଳିଛି । ଅବଶ୍ୟ ଏକଥା ସତ ଯେ ଇଂଲଣ୍ଡ ଦଳ 'ବାଜ୍‌ବଲ୍‌'କୁ ସମ୍ପୂର୍ଣ୍ଣ ପରିତ୍ୟାଗ କରିନାହିଁ । କିନ୍ତୁ ପରିସ୍ଥିତିର ତାଡ଼ନାରେ ଏବଂ ମ୍ୟାଚର ସ୍ଥିତି ଅନୁସାରେ ସାମୟିକ ଭାବେ ପାରମ୍ପରିକ କ୍ରିକେଟ ଖେଳିବାକୁ ବାଧ୍ୟ ହୋଇଛି । ଓଭାଲଠାରେ ଖେଳା ଯାଇଥିବା ଶେଷ ଟେଷ୍ଟରେ ଇଂଲଣ୍ଡ ଦଳର ଏହି ଦ୍ୱିଧା ଓ ଅନିଶ୍ଚିତତାର ପ୍ରକୃଷ୍ଟ ପ୍ରମାଣ ମିଳିଲା । ପ୍ରଥମ ପାଳିରେ 'ବାଜ୍‌ବଲ୍‌' ଶୈଳୀରେ ଖେଳ ଆରମ୍ଭ କରି ମାତ୍ର ୧୨.୫ ଓଭରରେ ୯୨ ରନ କରିଥିବା ଜାକ୍ କ୍ରଲି ଓ ବେନ ଡକେଟ୍ ଙ୍କ ଓପନିଂ ଯୋଡ଼ି ଦ୍ୱିତୀୟ ପାଳିରେ ୫୦ ରନ କରିବା ପାଇଁ ୧୩.୫ ଓଭର ନେଇଥିଲା । କେବଳ ସେତିକି ନୁହେଁ । 'ବାଜ୍‌ବଲ୍‌' ଖେଳି ପ୍ରଥମ ୬୨.୪ ଓଭରରେ ୩୦୧ ରନ (ରନ ହାର ୪.୮୨) କରିଥିବା ଇଂଲଣ୍ଡ ଦଳ ପରବର୍ତ୍ତୀ ୬୬ ରନ କରିବା ପାଇଁ ପ୍ରାୟ ୨୩ ଓଭର (ରନ ହାର ୨.୮୬) ନେଇଥିଲା । ବର୍ମିଂହମ୍ ରେ ଇଂଲଣ୍ଡ ହାରିଥିବା ମ୍ୟାଚ୍ ସହ ସିରିଜର ବିଭିନ୍ନ ପର୍ଯ୍ୟାୟରେ ଇଂଲଣ୍ଡ ବ୍ୟାଟର ମାନଙ୍କର ଏହି ଦ୍ୱନ୍ଦ ସ୍ପଷ୍ଟ ବାରି ହୋଇ ପଡୁଥିଲା।

ନଭେମ୍ବର ମାସରେ ଇଂଲଣ୍ଡ ଦଳ ପାଞ୍ଚ ଟେଷ୍ଟ ବିଶିଷ୍ଟ "ଆସେଜ୍" ସିରିଜ ଖେଳିବା ପାଇଁ ଅଷ୍ଟ୍ରେଲିଆ ଯିବ । ୨୦୦୫ ପରଠାରୁ ଅଷ୍ଟ୍ରେଲିଆ ମାଟିରେ କ୍ରମାଗତ ଭାବେ ଶୋଚନୀୟ ପରାଜୟ ବରଣ କରି ଆସୁଥିବା ଇଂଲଣ୍ଡ ଦଳ ପାଇଁ ଏହି ସିରିଜ ଅଗ୍ନି ପରୀକ୍ଷା ହେବ ବୋଲି ବିଚାର କରାଯାଉଛି । ଯଦି ବିଶେଷଜ୍ଞଙ୍କ ଅନୁମାନ ଠିକ୍ ପ୍ରମାଣିତ ହୁଏ ଏବଂ ଇଂଲଣ୍ଡ ସତରେ ହାରେ ତେବେ ଅଷ୍ଟ୍ରେଲିଆ ମାଟି 'ବାଜ୍‌ବଲ୍‌'ର କବର ସାଜିବ ବୋଲି ବିଚାର କରା ଯାଉଛି ।

# ବାଳିକା ବଧୂ

ଏହା କୌଣସି ଚଳଚ୍ଚିତ୍ର କିମ୍ବା ଯାତ୍ରା ଜଗତର ସଂଳାପ ନୁହେଁ। ଓଡ଼ିଶାର ଅନ୍ୟତମ ଶ୍ରେଷ୍ଠ ଧନୀ ଜିଲ୍ଲା ଅନୁଗୁଳରେ ଥିବା ସାତକୋଶିଆ ନିକଟସ୍ଥ ହିଂସାଲୋଇ ଏବଂ ଡିମିରିପାଳ ଗାଁର ମହ୍ଲାର ଜନଜାତିଙ୍କ ଜୀବନଯନ୍ତ୍ରଣାର ବାସ୍ତବ କଥା ଓ ବ୍ୟଥା। ଏହି ଗାଁର ଗ୍ରାଉଣ୍ଡ୍ ଜିରୋରେ 'ଆମ ଓଡ଼ିଶା' ଟିମ୍ ଦେଖିଥିଲା ନାବାଳିକା ବାଲ୍ୟବିବାହ ଏବଂ ଜନଜାତିର ଜର୍ଜରିତ ଜୀବନ।

''ଅନୁଗୁଳ ବ୍ଲକ୍‌ର ବଲାଙ୍ଗ ପଞ୍ଚାୟତର ହିଂସାଲୋଇ ଓ ଡିମିରିପାଳ ଗାଁର ପ୍ରାୟ ୨୫ ମହ୍ଲାର ପରିବାରଙ୍କ ପୁରୁଷ ପୁରୁଷର ସ୍ୱପ୍ନକୁ ସମାଧି ଦେଇଛନ୍ତି ୨୪ ବର୍ଷ ଶାସନ କ୍ଷମତାରେ ଥିବା ତତ୍‌କାଳୀନ ନବୀନ ପଟ୍ଟନାୟକଙ୍କ ବିଜେଡି ସରକାର। ଆଦିବାସୀ ଜନଜାତିଙ୍କ ପାଇଁ ସର୍ବଦା ନିଜ ପ୍ରାଣ କାନ୍ଦୁଥିବା କଥା କହୁଥିବା ନବୀନ ପଟ୍ଟନାୟକ କେବେ ମହ୍ଲାର ଜନଜାତିଙ୍କ ପାଇଁ ଲୁହ ଟୋପାଏ ଢାଳିନାହାନ୍ତି। ଅଧିକାଂଶ ମହ୍ଲାର ଜନଜାତିଙ୍କ ପାଖରେ ଆଜି ବି ଆଧାର, ଭୋଟର କିମ୍ବା ରାସନ କାର୍ଡ ଖଣ୍ଡିଏ ନାହିଁ। ନାବାଳିକା ଅବସ୍ଥାରେ ବିବାହ କରି ବାଳିକାବଧୂର ବିରହ ବେଦନା ଏଠାରେ ବାରି ହୋଇପଡୁଛି। ସମସ୍ତ ସରକାରୀ ସାହାଯ୍ୟ ଅନୁଦାନରୁ ବଞ୍ଚିତ ହୋଇ ମହ୍ଲାରର ମରଣ ରୂପର ବୀଭତ୍ସ ଦୃଶ୍ୟ ୨୪ ବର୍ଷ ଭିତରେ ନବୀନ କିମ୍ବା ବିଜେଡି ସରକାର ଦେଖିପାରିଲେନି। ବର୍ତ୍ତମାନର ବିଜେପି ବିଧାୟକ ମଧ୍ୟ ଏଠାରେ ଦେଖିବାକୁ ମିଳନ୍ତି ନାହିଁ। ଏହାହିଁ ଆଦିବାସୀ ଜନଜାତିଙ୍କ ବିକାଶର ବାସ୍ତବତା'' ବୋଲି କୁହନ୍ତି ସ୍ଥାନୀୟ ଅଞ୍ଚଳବାସୀ ବିଜୟ କୁମାର ସ୍ୱାଇଁ।

**ମୌନ ମହ୍ଲାରର ମରମ ମରୁଛି ଟିକେ ମଳୟ ଓ ମଲମ ପାଇଁ। ମିଞ୍ଜି ମିଞ୍ଜି ହୋଇ ଜଳୁଛି ମହ୍ଲାରର ଯନ୍ତ୍ରଣା ଜର୍ଜରିତ ଜୀବନ। ମନସ୍ତାପର ମନରେ ମହ୍ଲାର ଦେଖୁଛି ଆଦିବାସୀ ଜନଜାତିଙ୍କ ପାଇଁ ସରକାରୀ ମାୟାକାନ୍ଦଣା। ଜୀବନର ଚଲାପଥରେ ଜଳିଜଳି ବଣପାହାଡ଼ ଝରଣାର ମଧୁରତା କରୁଣ ରାଗକୁ ଶୁଣୁଛି ମହ୍ଲାର। ମାୟାବୀ ପ୍ରଶାସନର ଆଦିବାସୀ ବିକାଶର ମାହାଳିଆ ପ୍ରତିଶ୍ରୁତିର ମିଛୁଆ ରୂପକୁ ବଖାଣୁଛି ମହ୍ଲାର। ଯୌବନର ମଧୁରତା ହରାଇ ବାଲ୍ୟବସ୍ଥାରେ ବାଳିକା ବଧୂ ସାଜି ମଲାଜହ୍ନ ପାଲଟି ଯାଉଛି ମହ୍ଲାର ନାବାଳିକା। ହେଲେ ମହ୍ଲାରର ମରମ ପାଇଁ ଏଠି ମଳୟ, ମଲମ କିମ୍ବା ମରଣ ନାହିଁ। ମରଣ ମୁହଁରେ ଜିଅନ୍ତା ମୂର୍ଦ୍ଧାର ସାଜି ମହ୍ଲାର ଶୁଣୁଛି କରୁଣ ମୂର୍ଚ୍ଛନାର ରାଗ।**

ଆମ ଓଡ଼ିଶା ସ୍ୱତନ୍ତ୍ର ଅନୁସନ୍ଧାନ ରିପୋର୍ଟ

ମହ୍ଲାର ଜନଜାତିର ଅଧିକାଂଶ ଲୋକ ଆଜି ବି ଏହି ଅଞ୍ଚଳରେ ନିଜର ପାରମ୍ପରିକ ଜୀବନଶୈଳୀରେ ଯାଯାବର ହୋଇ ଜୀବନଯାପନ କରୁଛନ୍ତି। ଡାଲି, ତରକାରି ସେମାନେ ରୋଷେଇ କରିନଥାନ୍ତି। ଗରମ ଭାତ ଖାଇ ନଥାନ୍ତି। ଓଳିଏ ରୋଷେଇ କରି ତାହାକୁ ପଖାଳି ବାଡ଼ିବଗିଚାର ପନିପରିବାକୁ ଚୁଲିରେ ପୋଡ଼ି ସେମାନେ ପଖାଳ ଭାତରେ ଚକଟି ଖାଇଥାନ୍ତି। ଝିଅକୁ ବିବାହ ଦେବା ପୂର୍ବରୁ ସେମାନେ ପୁଅର ଜଙ୍ଗଲରେ ଗଛଚଢ଼ା, ମହୁ ଖୋଜିବା, ଖଜୁରୀ ତାଡ଼ି ପ୍ରସ୍ତୁତି ଏବଂ ଜଙ୍ଗଲ ଫଳମୂଳ ସଂଗ୍ରହ କରିବାର ଅଭିଜ୍ଞତାକୁ ପରଖିଥାନ୍ତି। ନିଜ ଦଳ ନେଇ ପାଳି କରି ଦୁଇମାସ ଧରି ସେମାନେ ଜଙ୍ଗଲକୁ ଯାଇ ବିଭିନ୍ନ ପ୍ରକାରର ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ କରିଥାନ୍ତି। ଏହାକୁ ସେମାନେ 'ପାହି' ବୋଲି କହିଥାନ୍ତି। ମହ୍ଲାର ଜନଜାତିଙ୍କର ଏଭଳି ମାର୍ମିକ ଜୀବନ ଜିଇବାର କଳା ବିଷୟରେ ଯଶୋଦା ଏବଂ ବରୀ ଭଳି ମହିଳା ଆମ ଓଡ଼ିଶାର କ୍ୟାମେରା ଆଗରେ ବର୍ଣ୍ଣନା କରିଥିଲେ।

'ଆମ ଓଡ଼ିଶା' ଟିମ୍ ହିଂସାଲୋଇ ଗାଁ ମହ୍ଲାର ସାହିର ଗ୍ରାଉଣ୍ଡ୍ ଜିରୋରେ ପହଞ୍ଚିବା ପରେ ଗଣତନ୍ତ୍ର ସରକାରରେ ମହ୍ଲାର ଜନଜାତିଙ୍କ ଲଙ୍ଗଳା ଛୁଆଙ୍କ କୁପୋଷଣତାର ଶିକାର ହୋଇଥିବା ଲଜ୍ଜାଜନକ ରୂପକୁ ଦେଖିପାରିଥିଲା। ଝାଟିମାଟିର ଜରାଜୀର୍ଣ୍ଣ କୁଡ଼ିଆ ଘରେ ଛିଣ୍ଡାଲୁଗାରେ ନିଜ ଶରୀରକୁ ଲୁଚାଇବାକୁ ଚେଷ୍ଟା କରୁଥିବା ଯଶୋଦା ଓ ବରୀଙ୍କ କୋହଭରା ମନର ଅବ୍ୟକ୍ତ ଭାଷାର ଶବ୍ଦକୁ ଶୁଣିପାରିଥିଲା। ସେ ଭାଷା କହୁଥିଲା ମହ୍ଲାର ଜନଜାତିଙ୍କ ପ୍ରତାରିତ ପ୍ରଗତିର କଥା। ଆଧାର ହେଉ କି ଭୋଟର କିମ୍ବା ରାସନ କାର୍ଡ କିଛି ନାହିଁ। ବିଧବା ଓ ବାର୍ଦ୍ଧକ୍ୟ ଭତ୍ତାର ଭରସା ୨୪ ବର୍ଷର ବିଜେଡି ସରକାରରେ ଏମାନଙ୍କ ପାଇଁ ସାତସପନ ପାଲଟିଛି। ଜାଣିଲେ ଆଶ୍ଚର୍ଯ୍ୟ ଲାଗିବ ହିଂସାଲୋଇ ଗାଁରେ ଗତ ସାଧାରଣ ନିର୍ବାଚନରେ ଗୋଟିଏ ନଳକୂପ କରିଦେଲେ ଏବଂ ଶୌଚାଳୟ ନଥାଇ ଶୌଚାଳୟ ଟାଙ୍କି ନିର୍ମାଣ କାର୍ଯ୍ୟ ହାତକୁ ନିଆଗଲା। ଯାହା ଆଜି ବି ଅଧାପନ୍ତରିଆ ହୋଇ ପଡ଼ିରହିଛି। ଏସବୁ ଦେଖିବା ପରେ ଲାଗୁଥିଲା ସତରେ କ'ଣ ବର୍ତ୍ତମାନର ବିଜେପି ସରକାରଙ୍କ ଶାସନରେ ଏମାନେ ସଭ୍ୟ ମଣିଷ ଭାବରେ ବଞ୍ଚିବେ ନା ବିକାଶର ଆଶାରେ ପୁଣି ଦିନ କାଟିବେ। ଏହାକୁ ଅତ୍ୟନ୍ତ ମାର୍ମିକ ଭାଷାରେ ବର୍ଣ୍ଣନା କରୁଥିଲେ ଯଶୋଦା ଓ ବରୀ ଭଳି ଅନେକ ମହ୍ଲାର ମହିଳା।

ଏହି ଅଭିଯୋଗକୁ ଭିତ୍ତିକରି ଗାଁ ସରପଞ୍ଚ ଜଗବନ୍ଧୁ ସାହୁଙ୍କ ପଚାରିବାରୁ ସେ ନିଜ ମୁଣ୍ଡରୁ ବୋଝ ଖସାଇ ଦେଇ କୁହନ୍ତି, ''ବାସ୍ତବରେ ମହ୍ଲାର ଜନଜାତି ବହୁତ ଦୁଃଖକଷ୍ଟରେ ଜୀବନ କାଟୁଛନ୍ତି। ସରକାରୀ ଯୋଜନା ସେମାନଙ୍କ ପାଇଁ ଅପହଞ୍ଚ। କିନ୍ତୁ ଆମେ ସେମାନଙ୍କ ପାଇଁ ଆଧାର ଓ ଭୋଟର କାର୍ଡ କରିବାକୁ ଚେଷ୍ଟା କରିଛୁ। ମାତ୍ର ସେମାନେ ଭୋଟର କିମ୍ବା ଆଧାର କାର୍ଡ କରିବାକୁ ଇଚ୍ଛା କରୁନାହାନ୍ତି। ଆଜି ବି ସେମାନେ ଅନେକ ସମୟ ଧରି ନିଜର ଜୀବନଜୀବିକା ପାଇଁ ଜଙ୍ଗଲକୁ ଯାଆନ୍ତି ଏବଂ ଗୋଟିଏ ଜାଗାରେ ନିର୍ଦ୍ଦିଷ୍ଟ ଭାବେ ରହୁନାହାନ୍ତି। ତେଣୁ ଆମେ କ'ଣ କରିବୁ?''

ହିଂସାଲୋଇ ମହ୍ଲାର ସାହିର ଦାରୁଣ ଦୃଶ୍ୟକୁ ଦିନର ଆଲୁଅରେ ଦେଖିବା ପରେ ଆମ ଓଡ଼ିଶା ଟିମ୍ ପହଞ୍ଚିଥିଲା ଡିମିରିପାଳ ଗାଁରେ। ଡିମିରିପାଳ ଗାଁର ଦୁର୍ଦ୍ଦିନର ଦୁନିଆକୁ ଦେଖିଲା ପରେ ଲାଗୁଥିଲା ମହ୍ଲାର ଜନଜାତିଙ୍କ ବିକଟାଳ ଚିତ୍ର ବିଦ୍ରୁପ କରୁଛି ବିଜେଡିର ୨୪ ବର୍ଷର ଶାସନ ବ୍ୟବସ୍ଥାକୁ। ମୁନି, ମଲ୍ଲି, ବାଇଗଣିଙ୍କ ପରି ନାବାଳିକା ବାଳିକାବଧୂ ସାଜି ଅକାଳରେ ମଉଳି ଯାଉଥିବା ମହ୍ଲାର କିଶୋରୀଙ୍କ କାକୁତିମିନତି ଭରା କାତର ପ୍ରାର୍ଥନା ଶୁଣିବା ପରେ ଲାଗୁଥିଲା ଏହା ଜନତନ୍ତ୍ରର ନିର୍ବାଚିତ ଜନପ୍ରତିନିଧିଙ୍କୁ ତିରଷ୍କାର କରୁଛି।

ପାଣୁ ଓ ଫଗୁଣିର ଦୁଃଖକଷ୍ଟର ଦିନକୁ ଭାଷାରେ ବର୍ଣ୍ଣନା କରିବା ମଧ୍ୟ କଷ୍ଟକର ଥିଲା। ବୃଦ୍ଧ ଓ ବୃଦ୍ଧା ପାଣୁ ଓ ଫଗୁଣି ଆଖିର ଲୁହ ଓ ମନର କୋହକୁ ଲୁଚାଇ କହୁଥିଲେ, ''ଗାଁ ସରପଞ୍ଚଙ୍କୁ କହିଲୁ, ନିର୍ବାଚନ ବେଳେ ବିଜେଡି ନେତା ମନ୍ତ୍ରୀ ରଜନୀକାନ୍ତ ସିଂହଙ୍କୁ ମଧ୍ୟ କାର୍ଡ ଖଣ୍ଡିଏ ପାଇଁ ଅନେକ ଥର ନେହୁରା ହେଲୁ। କିନ୍ତୁ କିଛି ଫଳ ମିଳିଲାନି। ଚାଉଳ କିମ୍ବା ସରକାରୀ ସାହାଯ୍ୟ କିଛି ମିଳୁନି ବାବୁ। ସମସ୍ତେ କହୁଛନ୍ତି ହେବ, କିନ୍ତୁ କିଛି ହେଲାନି। ମୋର ରୋଗିଣା ପତ୍ନୀକୁ ଡାକ୍ତର ଦେଖାଇ ଔଷଧ ଦେଇପାରୁନି। ବିଜେଡିବାଲା କହୁଥିଲେ ଭୋଟ୍





ଦେଲେ ନବୀନ ବାବୁଙ୍କ ବିଜୁ ସ୍ୱାସ୍ଥ୍ୟ କାର୍ଡରେ ମୋର ପତ୍ନୀର ଚିକିତ୍ସା ହେବ। ଏକଥା ଶୁଣି ଶୁଣି ଦି'ବର୍ଷ ହୋଇଗଲା, କିଛି ହେଲାନାହିଁ।''

ନାବାଳିକା ବାଳିକାବଧୂ ସାଜି ମାତୃତ୍ୱ ଲଭିଥିବା ମୁନି, ମଲ୍ଲି ଓ ବାଇଗଣି ଭଳି କିଶୋରୀମାନଙ୍କ କଥା କହିଲେ ନ ସରେ। ସଂସାର କ'ଣ ଜାଣି ନ ଥିବା ଏହି ନାବାଳିକାମାନେ ବଧୂ ସାଜି ମା' ହୋଇ ପରିବାର ଭିତରେ ଡହଳବିକଳ ହୋଇ ଜୀବନ କାଟୁଛନ୍ତି। ସେମାନଙ୍କ କଷ୍ଟ କହିଲେ ନ ସରେ। ମହ୍ଲାର ଅଭାବୀ ଦୁନିଆର ଏକ ଭିନ୍ନ ଦୁଃଖଦ ରୂପ ହେଉଛନ୍ତି ମୁନି, ମଲ୍ଲି ଓ ବାଇଗଣି ଭଳି ଅନେକ ନାବାଳିକା ବଧୂ। ସେମାନଙ୍କ କଷ୍ଟ ବର୍ଣ୍ଣନା କରିବାକୁ ଯାଇ ହତଭାଗିନୀ ସୁକାନ୍ତି କୁହନ୍ତି, ''ଏ ଜୀବନର ସଂଘର୍ଷ କାହାଣୀ ଯଦି ଥରେ ସଂସଦ କିମ୍ବା ବିଧାନସଭାରେ ଉଠିବ ତେବେ ରାଜନୀତିରେ ଝଡ଼ ସୃଷ୍ଟିହେବ। ଆମ ଅଞ୍ଚଳର ମହ୍ଲାର ଆଦିବାସୀଙ୍କ ମିଛ ବିକାଶର ପ୍ରକୃତ ରୂପକୁ ନେଇ ସମସ୍ତଙ୍କ ମୁହଁରେ କଳା ଲାଗିଯିବ। ଆଜି ବି ଏଠାରେ ଅପ୍ରାପ୍ତ ବୟସରୁ ବାଳିକାମାନଙ୍କୁ ବିବାହ କରି ଦିଆଯାଉଛି, ଯାହାକି ସଭ୍ୟ ସମାଜ ପାଇଁ ଏକ କଳଙ୍କ। ବୟସ ନ ହୋଇଥିବାରୁ ସେମାନେ ମା' ହୋଇଯାଉଛନ୍ତି ସତ, କିନ୍ତୁ ଜନନୀ ସୁରକ୍ଷା ଏବଂ ଶିଶୁମାନଙ୍କ ପୁଷ୍ଟିକର ଖାଦ୍ୟ ଯୋଜନାର ସୁଫଳ ପାଇପାରୁ ନାହାନ୍ତି। ଏପରିକି ବର୍ତ୍ତମାନର ବହୁଚର୍ଚ୍ଚିତ ବିଜେପି ସୁଭଦ୍ରା ଯୋଜନାରୁ ମଧ୍ୟ ସେମାନେ ବଞ୍ଚିତ। ଏ ଦୁଃଖ କାହାଣୀ ଆମ ସ୍ଥାନୀୟ ଅଞ୍ଚଳର ବିଜେଡି ନେତା ସମେତ ଅନ୍ୟ ରାଜନୈତିକ ବ୍ୟକ୍ତିମାନଙ୍କୁ ଭଲରେ ଜଣା। କିନ୍ତୁ ସେମାନେ ଏହାକୁ ଆଖି ବୁଜିଦେଇଛନ୍ତି।''



ଏହି ପ୍ରସଙ୍ଗରେ ସ୍ଥାନୀୟ ବିଜେଡି ନେତା ତଥା ତତ୍‌କାଳୀନ ମନ୍ତ୍ରୀ ରଜନୀକାନ୍ତ ସିଂହଙ୍କୁ ପଚାରିବାରୁ ସେ ଅତି ଚତୁରତାର ସହିତ ନିଜ ମତ ଦେଇ କୁହନ୍ତି, ''ଏ ସମସ୍ୟା ମୁଁ ଆପଣଙ୍କ ଠାରୁ ଜାଣିଲି। ସମାଜର ଭଲ ପାଇଁ ମୁଁ ନିଶ୍ଚିତ ଜିଲ୍ଲାପାଳଙ୍କ ସହିତ ଆଲୋଚନା କରି ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରିବି।'' ନାବାଳିକା ବାଳିକାବଧୂ ପ୍ରସଙ୍ଗ ତାଙ୍କୁ ପଚାରିବାରୁ ସେ କହିଲେ, ''ଆମେ ତାଙ୍କୁ ଜମିଜମା ଦେଇ ଥଇଥାନ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସେମାନେ ସେଠାକୁ ଯାଉନାହାନ୍ତି। ଆପଣ ଯେଉଁ ବାଳିକାବଧୂ କଥା କହୁଛନ୍ତି ତାହା ମୁଁ ଉପଜିଲ୍ଲାପାଳଙ୍କୁ ଜଣାଇବି। ମୁଁ ଗୋଟିଏ ବାହାଘରରେ ଆସିଛି, ଏ ବିଷୟରେ ପରେ କଥା ହେବା କହି ପ୍ରସଙ୍ଗକୁ ହାଲୁକା ଭାବରେ ଏଡ଼ାଇ ଦେଇଥିଲେ।''

ମହ୍ଲାର ଜନଜାତିଙ୍କର ଏହି ମରମ ବେଦନାକୁ ବର୍ତ୍ତମାନର ବିଜେପି ସରକାର କିପରି ଗ୍ରହଣ କରିବେ ତାହା ଏକ ପ୍ରଶ୍ନ ଭାବରେ ରାଜ୍ୟରେ ଉଭା ହୋଇଥିବାବେଳେ ନବୀନ ସରକାରଙ୍କ ଜନଜାତିଙ୍କ ଉନ୍ନତି ପାଇଁ କୁମ୍ଭୀର କାନ୍ଦଣା ତାଙ୍କର କପଟି ମାୟା ରୂପକୁ ପଦାରେ ପକାଇ ଦେଇଛି।



ଏକଦା ୭୦ ଦଶକରେ ଅନୁଗୁଳ ବ୍ଲକ୍‌ର ବଣ ପାହାଡ଼ ଘେରା ଗାଁ କନ୍ଧ ଜନଜାତିଙ୍କ ଗାଁ ପବଲା ଦେଶରେ ଚହଳ ସୃଷ୍ଟି କରିଥିଲା। ଏହି ଗାଁରେ ଖଜୁରି ତାଡ଼ି ଓ ମଦ ପିଇବା କାରଣରୁ ୪୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ କନ୍ଧ ପୁରୁଷ ବଞ୍ଚୁ ନଥିଲେ ବୋଲି ଚର୍ଚ୍ଚା ହେଉଥିଲା। ଏହା ଜାଣିବା ପରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଏବଂ ପତ୍ନୀ ମାଳତି ଚୌଧୁରୀ ସେଠାରେ ସଚେତନତା ସୃଷ୍ଟି ପାଇଁ ଗୋଟିଏ ବିଦ୍ୟାଳୟ ସ୍ଥାପନ କରିଥିଲେ ତଥା କନ୍ଧ ପୁରୁଷଙ୍କୁ ଖଜୁରି ତାଡ଼ି ଓ ମଦ ଛଡ଼ାଇବା ପାଇଁ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ସେଠାରେ ଖଜୁରି ତାଡ଼ିରୁ ଗୁଡ଼ ପ୍ରସ୍ତୁତି କରିବା କାର୍ଯ୍ୟକ୍ରମ ପରିଚାଳନା କରି ସେମାନଙ୍କ ବିଶେଷ ଉନ୍ନତି କରାଇଥିଲେ। କିନ୍ତୁ ପ୍ରାୟ ୧୦ ବର୍ଷ ହେବ ସେହି ଗୁଡ଼ ପ୍ରସ୍ତୁତି କାର୍ଯ୍ୟକ୍ରମ ଆର୍ଥିକ ସାହାଯ୍ୟ ଓ ସହଯୋଗର ଅଭାବରୁ ବନ୍ଦ ହୋଇପଡ଼ିଛି। କନ୍ଧ ମହିଳାମାନେ ଆର୍ଥିକ ଦୂରାବସ୍ଥାରେ ଗତି କରୁଛି। ଏହି ଘରଟି ତା'ର ମୁକସାଖୀ...





# ‘ବିଶ୍ୱ ଭାରତକୁ ସମ୍ମାନର ସହ ଦେଖୁଛି’



**ପୂର୍ବତନ ବୈଦେଶିକ ସଚିବ ଏବଂ ଏକଦା ଯୁକ୍ତରାଷ୍ଟ୍ର ଆମେରିକାରେ ଭାରତର ରାଷ୍ଟ୍ରଦୂତ ହର୍ଷବର୍ଦ୍ଧନ ଶ୍ରୀଙ୍ଗଲାଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନିକଟରେ ରାଜ୍ୟସଭାକୁ ମନୋନୀତ କରିଛନ୍ତି। ଶ୍ରୀଙ୍ଗଲା ୨୦୨୦ ରୁ ୨୦୨୨ ପର୍ଯ୍ୟନ୍ତ ଭାରତର ବୈଦେଶିକ ସଚିବ ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି । ୨୦୨୩ ରେ ଭାରତରେ ଜି ୨୦ ଶିଖର ସମ୍ମିଳନୀର ସଫଳ ଆୟୋଜନରେ ମୁଖ୍ୟ ସଂଯୋଜକ ଭାବେ ସେ ଉଲ୍ଲେଖନୀୟ ଯୋଗଦାନ ଦେଇଥିଲେ। ଆମେରିକାରେ ରାଷ୍ଟ୍ରଦୂତ ଭାବେ କାର୍ଯ୍ୟରତ ଥିଲାବେଳେ ସେ ପ୍ରତିରକ୍ଷା ଓ ଅର୍ଥନୀତି କ୍ଷେତ୍ରରେ ଭାରତ ଓ ଆମେରିକା ମଧ୍ୟରେ ସମ୍ପର୍କକୁ ଦୃଢ଼ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ୨୦୧୯ ରେ ହ୍ୟୁଷ୍ଟନଠାରେ "ହାଉଡ଼ି ମୋଦୀ" କାର୍ଯ୍ୟକ୍ରମର ସଫଳ ଆୟୋଜନରେ ତାଙ୍କର ପ୍ରମୁଖ ଭୂମିକା ଥିଲା । ଏହା ପୂର୍ବରୁ ନିଜର ଦୀର୍ଘ ୩୫ ବର୍ଷ ବ୍ୟାପୀ କୁଟନୈତିକ କାର୍ଯ୍ୟକାଳ ମଧ୍ୟରେ ସେ ଥାଇଲାଣ୍ଡ ଓ ବାଂଲାଦେଶରେ ଉଚ୍ଚାୟୁକ୍ତ ଭାବେ ଓ ଇସ୍ରାଏଲ, ଦକ୍ଷିଣ ଆଫ୍ରିକା ଓ ଭିଏତନାମ ଆଦି ଦେଶରେ ଭାରତୀୟ ମିଶନରେ କାର୍ଯ୍ୟ କରିଛନ୍ତି । ଏହାଛଡ଼ା ସେ ଜାତିସଂଘ ଓ ୟୁନେସ୍କୋରେ ମଧ୍ୟ ଭାରତୀୟ ପ୍ରତିନିଧି ଭାବେ କାର୍ଯ୍ୟଭାର ସମ୍ଭାଳିଛନ୍ତି । ଦାର୍ଜିଲିଂ ପାର୍ବତ୍ୟାଞ୍ଚଳର ମୂଳ ବାସିନ୍ଦା ଓ ଜଣେ ପ୍ରମୁଖ ଗୋର୍ଖା ବେହେରା ଶ୍ରୀଙ୍ଗଲା ଜଣେ କୁଟନୀତିଜ୍ଞ ଏବଂ ବୁଦ୍ଧିଜୀବି ଭାବରେ ବେଶ୍ ସୁନାମ ଅର୍ଜନ କରିଛନ୍ତି । ଦିଲ୍ଲୀ ବିଶ୍ୱ ବିଦ୍ୟାଳୟର ସେଣ୍ଟ ଷ୍ଟିଫେନ୍ସ କଲେଜରୁ ଶିକ୍ଷାଲାଭ କରିଥିବା ଶ୍ରୀଙ୍ଗଲା ଅନେକ ଭାରତୀୟ ଭାଷା ବ୍ୟତୀତ ଫରାସୀ, ଭିଏତନାମୀ ଓ ନେପାଳୀ ଭାଷାରେ ମଧ୍ୟ ବେଶ ଦକ୍ଷତା ହାସଲ କରିଛନ୍ତି ।**

**‘ଆମ ଓଡ଼ିଶା’ର ସ୍ୱତନ୍ତ୍ର ପ୍ରତିନିଧି ବିଭୂତି ପତିଙ୍କ ସହ ଏକ ବିଶେଷ ସାକ୍ଷାତକାରରେ ସେ ବିଦେଶ ନୀତି, ‘ଅପରେସନ ସିନ୍ଦୂର’, ଆତଙ୍କବାଦ ଆଦି ବିଭିନ୍ନ ପ୍ରସଙ୍ଗରେ ନିଜ ମତ ରଖିଛନ୍ତି । ପ୍ରକାଶ ଥାଉ କି ଓଡ଼ିଶା ଗଣମାଧ୍ୟମରେ ଶ୍ରୀଙ୍ଗଲାଙ୍କର ଏହା ପ୍ରଥମ ସାକ୍ଷାତକାର।**

**◆ ଆପଣଙ୍କୁ ରାଜ୍ୟସଭାକୁ ମନୋନୀତ କରାଯାଇଛି। ରାଜ୍ୟସଭା ସାଂସଦ ଭାବରେ ଆପଣ କ’ଣ କହିବାକୁ ଚାହିଁବେ ?**

ମୁଁ ସରକାରଙ୍କ ଅଂଶ ହୋଇ ନ ଥିଲେ ମଧ୍ୟ ଜଣେ ପର୍ଯ୍ୟବେକ୍ଷକ। ମୋତେ ଏତେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦେଇଥିବାରୁ ମୁଁ ପ୍ରଧାନମନ୍ତ୍ରୀଙ୍କୁ ହୃଦୟରୁ କୃତଜ୍ଞତା ଜ୍ଞାପନ କରୁଛି। କୂଟନୀତି କ୍ଷେତ୍ରରେ ମୋର ୪୦ ବର୍ଷରୁ ଅଧିକର ଅଭିଜ୍ଞତା ରହିଛି। ମୁଁ ବୈଦେଶିକ ଓ ପ୍ରତିରକ୍ଷା ପ୍ରସଙ୍ଗରେ ଦେଶର ରଣନୀତି କିପରି ଅଧିକ ଶାଣିତ ହେବ ସେ ଦିଗରେ ବିଶେଷ ଧ୍ୟାନ ଦେବି। ଏହା ସହିତ ମୁଁ ବିଭିନ୍ନ ରାଜ୍ୟର ଆଞ୍ଚଳିକ ବିକାଶ ଦିଗରେ ଅଧିକ କାର୍ଯ୍ୟ କରିବି। ଏବେ ମୁଁ ସଂସଦ ଜରିଆରେ ଦେଶବାସୀଙ୍କର ସେବା କରିବାକୁ ଆଗ୍ରହର ସହ ଅପେକ୍ଷା କରିଛି। ଏପରି ସମ୍ମାନ ପାଇଁ ମୁଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରୁଛି।

**◆ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଭାରତର ବୈଦେଶିକ ନୀତି ସଂପର୍କରେ ଆପଣଙ୍କର ମତ କ’ଣ ?**

ଆପଣମାନେ ବିଗତ ବର୍ଷର କୂଟନୀତିକୁ ଆଜିର କୂଟନୀତି ସହ ତୁଳନା କରିବା ଆଦୌ ଉଚିତ ନୁହେଁ। କୂଟନୀତି ସର୍ବଦା ଦେଶର ସାମ୍ପ୍ରତିକ ସାମରିକ, ରାଜନୈତିକ ଓ ବୈଦେଶିକ ସ୍ଥିତିକୁ ନେଇ ସ୍ଥିର କରାଯାଏ। ଆଜିକାଲି ଭାରତକୁ ବେଶ୍ ସମ୍ମାନର ସହ ଦେଖାଯାଉଛି। ବିଶ୍ୱବ୍ୟାପୀ ଲୋକମାନେ ପ୍ରଯୁକ୍ତିବିଦ୍ୟା, ନବସୃଜନ ଏବଂ ସାର୍ବଜନୀନ ଡିଜିଟାଲ୍ ଭିତ୍ତିଭୂମି କ୍ଷେତ୍ରରେ ଭାରତର ନେତୃତ୍ୱକୁ ସ୍ୱୀକାର କରନ୍ତି। ବୈଶ୍ୱିକ ସ୍ତରରେ ଭାରତର ଅବଦାନ ଏବେ ବହୁଳ ଭାବେ ସ୍ୱୀକୃତ। କୋଭିଡ୍-୧୯ ସଂକଟ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଟୀକାମୈତ୍ରୀ ଆରମ୍ଭ କରିଥିଲେ, ଯାହା ମାଧ୍ୟମରେ ଭାରତ ଅନେକଗୁଡ଼ିଏ ବିକାଶଶୀଳ ରାଷ୍ଟ୍ରକୁ ଟୀକା ଯୋଗାଇଥିଲା। ଏପରି ଦେଶମାନେ ମଧ୍ୟ ଥିଲେ ଯେଉଁମାନଙ୍କର ନିଜସ୍ୱ ଟୀକା ଥିଲା, କିନ୍ତୁ ଘରୋଇ ଆବଶ୍ୟକତା କିମ୍ବା ଆର୍ଥିକ ଚିନ୍ତା ଯୋଗୁଁ ସେମାନେ ସେଗୁଡ଼ିକୁ ଅନ୍ୟମାନଙ୍କୁ ଦେଇ ନ ଥିଲେ। ଅନ୍ୟ ପକ୍ଷରେ ଭାରତ ଏ ସବୁର ଊର୍ଦ୍ଧ୍ୱକୁ ଉଠି ସବୁଠାରୁ ଅଧିକ ଆବଶ୍ୟକତା ଥିବା ସମୟରେ ଟୀକା ଯୋଗାଇ ଦେଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯେଉଁଠାକୁ ଯାଆନ୍ତି ତାଙ୍କୁ ସେଠାରେ ଆନ୍ତର୍ଜାତିକ ସମ୍ମାନରେ ସମ୍ମାନୀତ କରାଯାଏ। ଏହା ଭାରତର ବୃଦ୍ଧି ପାଉଥିବା ପ୍ରତିଷ୍ଠାକୁ ସୂଚିତ କରିଥାଏ। ଅପରେସନ ସିନ୍ଦୂର ପରେ ମୁଁ ଏକ ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀର ଅଂଶସ୍ୱରୂପ ନିକଟରେ କୁଏତ, ଆଲ୍‌ଜେରିଆ ଓ ବାହାରିନ୍ ପରି ଦେଶ ଗସ୍ତ କରିଥିଲି। ଏହି ସମସ୍ତ ଦେଶର ନେତାମାନେ ପ୍ରଧାନମନ୍ତ୍ରୀ ମୋଦୀଙ୍କର ପ୍ରଶଂସା କରିଥିଲେ ଏବଂ ତାଙ୍କ ନେତୃତ୍ୱରେ ଉପସାଗରୀୟ ରାଷ୍ଟ୍ରଗୁଡ଼ିକ ସହିତ ଭାରତର ସଂପର୍କ କେତେ ମଜବୁତ ହୋଇପାରିଛି, ସେ କଥା କହିଥିଲେ ।

**◆ ରାହୁଲ ଗାନ୍ଧୀ ସଂସଦରେ ଅପରେସନ ସିନ୍ଦୂର ସଂପର୍କରେ ବିତର୍କ ସମୟରେ ହଠାତ୍ ଅପରେସନ୍ ବନ୍ଦ କରାଯିବାକୁ ‘ନରେନ୍ଦ୍ରଙ୍କ ଆତ୍ମସମର୍ପଣ’ ବୋଲି କହିଛନ୍ତି। ଏହା ଉପରେ ଆପଣଙ୍କ ପ୍ରତିକ୍ରିୟା କ’ଣ ?**

ଏପରି ବକ୍ତବ୍ୟ ସଂପୂର୍ଣ୍ଣ ଭିତ୍ତିହୀନ। ଭାରତ କିପରି ତା’ର ଶକ୍ତି ଜାହିର କରିଛି ସେକଥା ସାରା ବିଶ୍ୱ ଦେଖିଛି। ଚାରିଦିନ ମଧ୍ୟରେ ଆମ ସେନା ସଠିକତାର ସହ ଏକ ସଫଳ ଅଭିଯାନ କରିଥିଲା। ଆମ ବ୍ରହ୍ମୋସ କ୍ଷେପଣାସ୍ତ୍ର ନଅଟି ଆତଙ୍କବାଦୀ ଘାଟୀ ଉପରେ ଆକ୍ରମଣ କରିଥିଲା। ପାକିସ୍ତାନକୁ ବହୁ କ୍ଷତି ସହିବାକୁ ପଡ଼ିଥିଲା। ପ୍ରକୃତରେ ପାକିସ୍ତାନ ହିଁ ଯୁଦ୍ଧବିରତି ପାଇଁ ହାତ ବଢ଼ାଇଥିଲା। ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ସଂପ୍ରତି ଏକ ସାର୍ବଜନୀନ ବିବୃତି ଦେଇଛନ୍ତି ଯେ ଭାରତୀୟ ସଂପତ୍ତିର କୌଣସି କ୍ଷତି ହୋଇନାହିଁ। ଗୋଟିଏ ମଧ୍ୟ ସାମରିକ ପ୍ରତିଷ୍ଠାନ କ୍ଷତିଗ୍ରସ୍ତ ହୋଇନାହିଁ। ଉପଗ୍ରହ ଚିତ୍ର ସ୍ପଷ୍ଟ ଭାବରେ ଦର୍ଶାଇଛି ଯେ ପାକିସ୍ତାନର ସାମରିକ ସ୍ଥାନଗୁଡ଼ିକ କେତେ କ୍ଷତିଗ୍ରସ୍ତ ହୋଇଛନ୍ତି। ଏହା ଏକ ନିର୍ଣ୍ଣାୟକ ଅଭିଯାନ ଏବଂ ଭାରତ ପାଇଁ ଏକ ନିର୍ବିବାଦୀୟ ବିଜୟ।



**◆ ବିରୋଧୀ ଦଳ ଭାରତର ସାଂପ୍ରତିକ ବୈଦେଶିକ ନୀତିକୁ ସମାଲୋଚନା କରୁଛନ୍ତି। ଏ ପ୍ରସଙ୍ଗରେ ଆପଣ କ’ଣ କହିବାକୁ ଚାହିଁବେ ?**

ଯେତେବେଳେ ଆପଣଙ୍କ ପାଖରେ କୌଣସି ସାରକଥା ନ ଥାଏ, ଆପଣ ସ୍ଲୋଗାନ ଓ ବିଭ୍ରାନ୍ତିର ଆଶ୍ରୟ ନିଅନ୍ତି। ଆନ୍ତର୍ଜାତିକ ମଞ୍ଚରେ ନିଜ ଦେଶ ବିରୁଦ୍ଧରେ କହିବା କେବଳ ଅପରିପକ୍ୱତାର ପରିଚାୟକ ନୁହେଁ ବରଂ କ୍ଷତିକାରକ ମଧ୍ୟ। ଜନସାଧାରଣ ଦେଖୁଛନ୍ତି। କଂଗ୍ରେସ ଦ୍ୱାରା ସୃଷ୍ଟି କରାଯାଉଥିବା ତାମସା ଜନସାଧାରଣ ସ୍ପଷ୍ଟ ଭାବରେ ଦେଖିପାରୁଛନ୍ତି। ଆମେମାନେ ପୂର୍ବରୁ ଯେପରି ଜାତୀୟ ସୁରକ୍ଷା ଆହ୍ୱାନଗୁଡ଼ିକର ସମ୍ମୁଖୀନ ହେଉଥିଲୁ, ଏହି ସରକାରଙ୍କ ଅଧୀନରେ ସେସବୁ ଆଉ ନାହିଁ। ଏବେ ଭାରତ ବିଶ୍ୱ ସ୍ତରରେ ଆତ୍ମବିଶ୍ୱାସ ଓ ସମ୍ମାନର ସହ କାର୍ଯ୍ୟ କରୁଛି। ଏହା ହେଉଛି ଦୃଢ଼ ଓ ଦୂରଦୃଷ୍ଟିସଂପନ୍ନ ନେତୃତ୍ୱର ସଫଳତା।

## କଥା ଓ ଗାଥା-୩

# ବ୍ରହ୍ମ ପୁରାଣ ଓ ଦାରୁବ୍ରହ୍ମ

ଅସିତ ମହାନ୍ତି




କେବଳ ଯେ 'ସ୍କନ୍ଦପୁରାଣ-ଉତ୍କଳଖଣ୍ଡ'ରେ ଶ୍ରୀଜଗନ୍ନାଥଙ୍କ କଥା ଓ ଗାଥା ବର୍ଣ୍ଣିତ ହୋଇଛି, ତାହା ନୁହେଁ। ଅନ୍ୟ କେତେକ ପୁରାଣରେ ମଧ୍ୟ ବିକ୍ଷିପ୍ତ ଭାବରେ ତାଙ୍କର କଥା ଓ ଗାଥା ରହିଛି। ସେଥି ମଧ୍ୟରେ 'ବ୍ରହ୍ମପୁରାଣ' ପ୍ରମୁଖ।

ପୁରାଣର ରହିଛି ଅନେକ ପ୍ରକାର। ସେଗୁଡ଼ିକ ହେଉଛି- ମହାପୁରାଣ, ପୁରାଣ, ଉପପୁରାଣ, ଔପପୁରାଣ ଓ ସ୍ଥଳପୁରାଣ। ବ୍ୟାସଦେବ ବିରଚିତ 'ଅଷ୍ଟାଦଶ ପୁରାଣ' ମହାପୁରାଣ ରୂପେ ପରିଗଣିତ। 'ବ୍ରହ୍ମପୁରାଣ' ସେଥିମଧ୍ୟରୁ ଅନ୍ୟତମ ଓ ମହତ୍ତ୍ୱପୂର୍ଣ୍ଣ।

'ବ୍ରହ୍ମପୁରାଣ' ଏକ ପ୍ରାଚୀନ ପୁରାଣ। କାରଣ, 'ବିଷ୍ଣୁପୁରାଣ', 'ମତ୍ସ୍ୟପୁରାଣ' ଓ 'ବାୟୁପୁରାଣ' ଆଦିରେ ବିଭିନ୍ନ ପୁରାଣର ଯେଉଁ ସୂଚୀ ମିଳେ, ସେଥିରେ ଏହାର ଉଲ୍ଲେଖ ଅଛି। କେତେକ ପୁଣି 'ମତ୍ସ୍ୟପୁରାଣ'କୁ ପ୍ରଥମ ପୁରାଣ କହିବା ବେଳେ, ଆଉ କେତେକ ଏହି ପୁରାଣକୁ ପ୍ରଥମ ପୁରାଣ କହିଛନ୍ତି। ଏପରି ଗୋଟିଏ ଉକ୍ତି ହେଉଛି, ''ଆଦ୍ୟଂ ସର୍ବପୁରାଣାନାଂ ପୁରାଣଂ ବ୍ରାହ୍ମମୁଚ୍ୟତେ। ଅଷ୍ଟାଦଶ ପୁରାଣାନି ପୁରାଣଜ୍ଞାଃ ପ୍ରଚକ୍ଷତେ।'' 'ବାୟୁପୁରାଣ' ଓ 'ଦେବୀ ଭାଗବତ'ରେ କିନ୍ତୁ 'ମତ୍ସ୍ୟପୁରାଣ'କୁ ପ୍ରଥମ କୁହାଯାଇ, 'ବ୍ରହ୍ମପୁରାଣ'କୁ ପଞ୍ଚମ ସ୍ଥାନ ଦିଆଯାଇଛି।

ତେବେ, ପ୍ରଥମ ହେଉ କି ପଞ୍ଚମ ବା ଅନ୍ୟ ଯେକୌଣସି ସଂଖ୍ୟାକ୍ରମ- ଭଗବାନ ବିଷ୍ଣୁଙ୍କ ବିବରଣ ଦୃଷ୍ଟିରୁ 'ବ୍ରହ୍ମପୁରାଣ' ମହତ୍ତ୍ୱପୂର୍ଣ୍ଣ। 'ବ୍ରହ୍ମପୁରାଣ'ରେ ହିଁ ଏହି ପୁରାଣ ସଂପର୍କରେ କୁହାଯାଇଛି, ''ପୁରାଣଂ ବୈଷ୍ଣବଂ ତ୍ୱେତ୍ସର୍ବଂ କିଲ୍‌ବିଷନାଶନମ୍। ବିଶିଷ୍ଟ ସର୍ବଶାସ୍ତ୍ରେଭ୍ୟଃ ପୁରୁଷାର୍ଥୋପପାଦକମ୍ ॥'' ଅର୍ଥାତ୍, ଭଗବାନ ବିଷ୍ଣୁଙ୍କ ବିବରଣାତ୍ମକ ଏହି ପୁରାଣ ସମସ୍ତ ପାପନାଶନକ୍ଷମ। ସମସ୍ତ ଶାସ୍ତ୍ର ମଧ୍ୟରେ ଏହା ବିଶିଷ୍ଟ ଏବଂ ଏହା ମଧ୍ୟ ପୁରୁଷାର୍ଥ ପ୍ରଦାୟକ।

ଏହି ପୁରାଣର ନାମକରଣରୁ କେହି କେହି ଅନୁମାନ କରନ୍ତି, ଯେ ଏହା ବ୍ରହ୍ମାଙ୍କ ସଂପର୍କିତ ଏକ ପୁରାଣ। କିନ୍ତୁ ଏହାର ରଚୟିତା ମହର୍ଷି ବ୍ୟାସଦେବ ଆରମ୍ଭରୁ ହିଁ ଏହାର ନାମକରଣର ତାତ୍ପର୍ଯ୍ୟ ସ୍ପଷ୍ଟ କରି ଦେଇଛନ୍ତି। ଏହାର ପ୍ରଥମ ଶ୍ଳୋକରେ ଯେଉଁ ବନ୍ଦନା ରହିଛି, ସେଥିରେ କୁହାଯାଇଛି- ଯାହାଙ୍କ ଦ୍ୱାରା ଏହି ବିସ୍ତୃତ ମାୟାମୟ ଜଗତ୍‌ର ଉତ୍ପତ୍ତି ହୋଇଛି, ଯେ ଏହି ମାୟାମୟ ଜଗତ୍‌ର ଊର୍ଦ୍ଧ୍ୱରେ, ଯେ ଏହି ମାୟାମୟ ଜଗତ୍‌ରେ ସ୍ଥିତ, ଅଥଚ କଳ୍ପଶେଷର ପ୍ରଳୟରେ ଯାହାଙ୍କଠାରେ ଏହି ମାୟାମୟ ଜଗତ୍ ଲୀନ ହୁଏ; ସେହି ନିତ୍ୟ, ନିଶ୍ଚଳ, ବିଭୁ, ପୁରୁଷୋତ୍ତମ ନାମସଂପନ୍ନ ପ୍ରଭୁଙ୍କୁ ମୁଁ ବନ୍ଦନା କରୁଛି।

ଏହି ପରମାତ୍ମା ପରଂବ୍ରହ୍ମଙ୍କ ବନ୍ଦନା ପରେ ଆରମ୍ଭ ହୋଇଛି 'ବ୍ରହ୍ମପୁରାଣ'ର ବିଷୟକ୍ରମ। ନୈମିଷାରଣ୍ୟରେ ମୁନିଗଣ ଓ ଋତିକ୍‌ଗଣ ଅବସ୍ଥାନ କରୁଥିବାବେଳେ, ସେଠାକୁ ଆଗମନ କରିଛନ୍ତି ବ୍ୟାସଦେବଙ୍କ ଶିଷ୍ୟ ଲୋମହର୍ଷଣ ମୁନି। ତାଙ୍କୁ ପାଦ୍ୟ ଓ ଆସନ ଦେବାପରେ ମୁନିଗଣ ତାଙ୍କୁ କହିଛନ୍ତି- ହେ ମୁନିସତ୍ତମ! ଆପଣ ପୁରାଣ, ଆଗମ, ଶାସ୍ତ୍ର, ଇତିହାସ,ଏବଂ ଦେବତା ଓ ଦୈତ୍ୟ- ସମସ୍ତଙ୍କର ଚରିତ, ଜନ୍ମ ଓ କର୍ମ ବାବଦରେ ଅବହିତ। ହେ ମହାମତି! ବେଦ, ଶାସ୍ତ୍ର, ମହାଭାରତ, ପୁରାଣ, ମୋକ୍ଷଶାସ୍ତ୍ର ଆଦି ଏପରି କିଛି ନାହିଁ, ଯାହା ଆପଣ ଜାଣନ୍ତି ନାହିଁ। ଆପଣ ସର୍ବଜ୍ଞ। ପୂର୍ବକାଳରେ ଏହି ଚରାଚର ଜଗତ୍, ଯେଉଁଠାରେ ଦେବତା, ଅସୁର, ଯକ୍ଷ, ରାକ୍ଷସ ଓ ଗନ୍ଧର୍ବ ଆଦି ପରିବ୍ୟାପ୍ତ ରହିଥିଲେ, ତାହା କିପରି ଉତ୍ପନ୍ନ ହୋଇଥିଲା? ହେ ସୂତ! ଏହି ସୃଷ୍ଟିର ଉତ୍ପତ୍ତି କିପରି ଭାବରେ ସମ୍ଭବ ହୋଇପାରିଲା? ହେ ମହାଭାଗ! ପ୍ରଳୟ ପରେ, ପୁନର୍ବାର ଏହି ସୃଷ୍ଟିର ଉତ୍ପତ୍ତି କିପରି ଭାବରେ ହେବ? ଏହି ଚରାଚର ଜଗତ୍ ଯେତେବେଳେ ପ୍ରଳୟଜଳରେ ଲୀନ ହେବ ଏବଂ ପୁନଶ୍ଚ ଏହାର ଉତ୍ପତ୍ତି ହେବ, ସେହି ଲୟରୂପୀ ଓ ସୃଷ୍ଟିରୂପୀ ଘଟଣାକ୍ରମ ସଂପର୍କରେ ଆମକୁ କହନ୍ତୁ!

ମୁନିମାନଙ୍କର ସେହି ଜିଜ୍ଞାସାର ଉତ୍ତରରେ ଲୋମହର୍ଷଣ ମୁନି କହିଛନ୍ତି- ହେ ମୁନିଗଣ! ସେହି ପରମାତ୍ମା ବିକାରରହିତ, ଶୁଦ୍ଧ, ବୁଦ୍ଧ ଓ ନିତ୍ୟ। ସେ ଏକରୂପ, ପୁଣି ଅନେକ ରୂପରେ ବିଦ୍ୟମାନ। ସେହି ହିରଣ୍ୟଗର୍ଭ, ସର୍ବଜିଷ୍ଣୁ (ସର୍ବବିଜୟୀ), ହରି, ଶଙ୍କର ଓ ବାସୁଦେବ, ସମସ୍ତଙ୍କର ସେହି ତ୍ରାଣକର୍ତ୍ତା, ସୃଷ୍ଟି, ସ୍ଥିତି ତଥା ଅନେକ କର୍ମର ସେହି କର୍ତ୍ତାଙ୍କୁ ପ୍ରଣାମ। ସେ ବିଶ୍ୱର ଆଧାର। ସେ ଅଣୁର ବି ଅଣୁରୂପ। ସେ ପୁରୁଷୋତ୍ତମ, ଅଚ୍ୟୁତ ଏବଂ ସମସ୍ତ ପ୍ରାଣୀଙ୍କଠାରେ ସ୍ଥିତ। ସେ ମୋର ପ୍ରଣମ୍ୟ। ସେହି ସମସ୍ତଙ୍କର ଆଦି, ସୂକ୍ଷ୍ମାତିସୂକ୍ଷ୍ମ, ବିଶ୍ୱର ଈଶ ଏବଂ ବ୍ରହ୍ମା ଆଦିଙ୍କୁ ମଧ୍ୟ ମୋର ପ୍ରଣାମ।

ଏହା ପରେ ଲୋମହର୍ଷଣ ମୁନି କହିଛନ୍ତି- ଇତିହାସ-ପୁରାଣବେତ୍ତା, ବେଦ-ବେଦାଙ୍ଗ ପାରଙ୍ଗମ, ସମସ୍ତ ଶାସ୍ତ୍ରର ଅର୍ଥ ଓ ତତ୍ତ୍ୱର ଜ୍ଞାତା, ପରାଶରଙ୍କପୁତ୍ର, ବ୍ୟାସଦେବରୂପୀ ଗୁରୁଙ୍କୁ ମଧ୍ୟ ପ୍ରଣାମ ନିବେଦନ କରି, ବେଦସମ୍ମତ ଏହି ପୁରାଣର କଥା ମୁଁ କହୁଛି।

ଏହା ହିଁ 'ବ୍ରହ୍ମପୁରାଣ'ର କଥା। ଏହାର ବର୍ତ୍ତମାନର ଶ୍ଳୋକସଂଖ୍ୟା ୧୩ ହଜାର ୭୮୩। ଏହା ଦୁଇ ଭାଗରେ ବିଭକ୍ତ ଏବଂ ଏହାର ଅଧ୍ୟାୟ ସଂଖ୍ୟା ୨୪୬। ଏହି ଦୁଇ ଭାଗ ହେଉଛି- ପୂର୍ବଭାଗ ଓ ଉତ୍ତରଭାଗ। ପୂର୍ବଭାଗରେ ଯେଉଁସବୁ ବିଷୟ ଅଛି, ସେଥି ମଧ୍ୟରେ ରହିଛି- ଦେବତା ଓ ଅସୁରମାନଙ୍କର ଉତ୍ପତ୍ତି ଓ ଦକ୍ଷ ଆଦି ପ୍ରଜାପତିମାନଙ୍କର ଉତ୍ପତ୍ତି କଥା। ଉଲ୍ଲେଖ ଆବଶ୍ୟକ, ଯେ ଅନ୍ୟାନ୍ୟ ପୁରାଣମାନଙ୍କରେ ମଧ୍ୟ ଏ ପ୍ରସଙ୍ଗ ରହିଛି। ବାଲ୍ମୀକି ରାମାୟଣରେ ବର୍ଣ୍ଣିତ ହେବା ପରି, ଏଥିରେ ଏହା ପରେ ରହିଛି- ସୂର୍ଯ୍ୟବଂଶର ବର୍ଣ୍ଣନା ସମେତ ଶ୍ରୀରାମଙ୍କ ଚତୁର୍ବ୍ୟୂହ (ଯଥା- ଶ୍ରୀରାମ, ଲକ୍ଷ୍ମଣ, ଭରତ ଓ ଶତ୍ରୁଘ୍ନ)ଙ୍କ ବିବରଣ। ତା' ସହିତ ରହିଛି, ଚନ୍ଦ୍ରବଂଶର ବର୍ଣ୍ଣନା କ୍ରମରେ ଶ୍ରୀକୃଷ୍ଣ ଚରିତର ବର୍ଣ୍ଣନ।

ସେହିପରି ମଧ୍ୟ ଏଥିରେ ଅଛି ଭୂଗୋଳ ବର୍ଣ୍ଣନ କ୍ରମରେ ପୃଥିବୀର ଦ୍ୱୀପ, ବର୍ଷ (ଦେଶ), ପର୍ବତ ଓ ନଦୀ, ସ୍ୱର୍ଗ ଓ ପାତାଳ ଆଦି ବିଭିନ୍ନ ଲୋକ ଏବଂ ନର୍କ ଆଦିର ବର୍ଣ୍ଣନ। ପାର୍ବତୀଙ୍କର ଜନ୍ମ ଓ ବିବାହ ଆଦିର ବର୍ଣ୍ଣନ ମଧ୍ୟ ଏଥିରେ ରହିଛି।

ତେବେ ଆମ ପାଇଁ ବିଶେଷତ୍ୱପୂର୍ଣ୍ଣ ବିଷୟ ହେଉଛି- ଏହି କ୍ରମରେ ଆମ ଓଡ଼ିଶାର ଏକାମ୍ର କ୍ଷେତ୍ରର ବର୍ଣ୍ଣନ ମଧ୍ୟ ହୋଇଛି। ଏ ପ୍ରସଙ୍ଗରେ ମହତ୍ତ୍ୱପୂର୍ଣ୍ଣ ବିଷୟ ଏହି, ଯେ ଏଥିରେ ଏକାମ୍ରକ୍ଷେତ୍ରର ଯେଉଁ ମାହାତ୍ମ୍ୟ ବର୍ଣ୍ଣିତ ହୋଇଛି, ତାହାର ଆଧାରରେ ପରବର୍ତ୍ତୀ କାଳରେ 'ଏକାମ୍ରପୁରାଣ' ନାମରେ ଉପପୁରାଣ ରଚିତ ହୋଇଛି। ଏ ପ୍ରସଙ୍ଗରେ ଅନ୍ୟ ଏକ ଉଲ୍ଲେଖନୀୟ ବିଷୟ ହେଉଛି- ଏହି 'ବ୍ରହ୍ମପୁରାଣ'ରେ ଗୋଦାବରୀ ନଦୀତଟବର୍ତ୍ତୀ ଦଣ୍ଡକାରଣ୍ୟର ଏପରି ଜୀବନ୍ତ ବର୍ଣ୍ଣନା ରହିଛି ଯେ ସେଥିରୁ ଅନୁମିତ ହୁଏ ଏହି ପୁରାଣର ରଚନାକ୍ଷେତ୍ର ଆମରି ଏଇ ଓଡ଼ିଶା। ପୁରାଣକାର ସତେ ଯେପରି ସ୍ୱଚକ୍ଷୁରେ ତାହା ଦେଖି ଏହି ପୁରାଣ ରଚନା କରିଛନ୍ତି।

ଶ୍ରୀଜଗନ୍ନାଥଙ୍କ କଥା ଓ ଗାଥା ପ୍ରସଙ୍ଗରେ ଏହି 'ବ୍ରହ୍ମପୁରାଣ'ର ବିଶେଷତ୍ୱ ହେଉଛି- ଏହାର ଉତ୍ତରଭାଗର ଆରମ୍ଭ ହୋଇଛି ପୁରୁଷୋତ୍ତମକ୍ଷେତ୍ରର ମହତ୍ତ୍ୱ ପ୍ରତିପାଦନରୁ। ପୁରୁଷୋତ୍ତମକ୍ଷେତ୍ରର ବିସ୍ତୃତବର୍ଣ୍ଣନ ଏଥିରେ ପରିଲକ୍ଷିତ। ସଂପ୍ରତି ଏହି ମହାପୁରାଣର ଯେଉଁ ପାଠ ଉପଲବ୍‌ଧ, ସେଥିରୁ ଜଣାଯାଏ, ଯେ ଏହାର ରଚନାକାଳ ଦଶମରୁ ଦ୍ୱାଦଶ ଶତାବ୍ଦୀ। ସେତେବେଳେ ପୁରୁଷୋତ୍ତମ କ୍ଷେତ୍ରର ମହତ୍ତ୍ୱ କିପରି ଶୀର୍ଷରେ ଥିଲା, ଏହି ପୁରାଣ ତାହାର ଏକ ପ୍ରମାଣ। କାରଣ, ଏଥିରେ ଏହି କ୍ଷେତ୍ରକୁ ତୀର୍ଥଯାତ୍ରାର ସ୍ୱରୂପ ଓ ମହତ୍ତ୍ୱ ସୁନ୍ଦର ଭାବରେ ବର୍ଣ୍ଣିତ ହୋଇଛି।


'ବ୍ରହ୍ମପୁରାଣ'ର ୪୧ ଅଧ୍ୟାୟରେ ଏକାମ୍ରକ୍ଷେତ୍ରର ମାହାତ୍ମ୍ୟ ବର୍ଣ୍ଣିତ ହେବା ପରେ, ୪୨ ଅଧ୍ୟାୟରେ ବିରଜାତୀର୍ଥ, ବିରଜାଦେବୀ, ବୈତରଣୀ ନଦୀ, ଉତ୍କଳତୀର୍ଥ ଓ ପୁରୁଷୋତ୍ତମ ତୀର୍ଥ ପ୍ରସଙ୍ଗ ବର୍ଣ୍ଣିତ ହୋଇଛି। ୪୩ ଅଧ୍ୟାୟରେ ଅବନ୍ତୀନଗର, ମହାକାଳ ଶିବ, କ୍ଷିପ୍ରାନଦୀ ଓ ବିନ୍ଦସ୍ୱାମୀ ବିଷ୍ଣୁଙ୍କ ମାହାତ୍ମ୍ୟ ବର୍ଣ୍ଣନ ହୋଇଛି ଏବଂ ତାହା ପରେ ୪୪ ଅଧ୍ୟାୟରେ ଆସିଛି ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ପ୍ରସଙ୍ଗ। ଏହାର ପରବର୍ତ୍ତୀ ଅଧ୍ୟାୟଗୁଡ଼ିକରେ ଯଥାକ୍ରମେ ବର୍ଣ୍ଣିତ ହୋଇଛି- ଦକ୍ଷିଣସାଗର ତଟବର୍ତ୍ତୀ ପୁରୁଷୋତ୍ତମକ୍ଷେତ୍ରକୁ ଇନ୍ଦ୍ରଦ୍ୟୁମ୍ନଙ୍କର ଆଗମନ ଓ ବିଷ୍ଣୁଙ୍କ ଦ୍ୱାରା ପୁରୁଷୋତ୍ତମ କ୍ଷେତ୍ରର ବର୍ଣ୍ଣନ। ଇନ୍ଦ୍ରଦ୍ୟୁମ୍ନଙ୍କ ପୁରୁଷୋତ୍ତମକ୍ଷେତ୍ର ଦର୍ଶନ, ଇନ୍ଦ୍ରଦ୍ୟୁମ୍ନଙ୍କ ଦ୍ୱାରା ଦେବାଳୟପ୍ରାସାଦ ନିର୍ମାଣ, ବିଗ୍ରହପ୍ରାପ୍ତି ନିମନ୍ତେ ଇନ୍ଦ୍ରଦ୍ୟୁମ୍ନଙ୍କ ଦ୍ୱାରା ଭୋଗର ତ୍ୟାଗ, ଇନ୍ଦ୍ରଦ୍ୟୁମ୍ନଙ୍କ ଦ୍ୱାରା ଭଗବାନଙ୍କ ସ୍ତୁତି ଏବଂ ପ୍ରତିମାଙ୍କର ଉତ୍ପତ୍ତି ବର୍ଣ୍ଣନ ମଧ୍ୟ ଏଥିରେ ରହିଛି। ସ୍ୱପ୍ନରେ ଇନ୍ଦ୍ରଦ୍ୟୁମ୍ନଙ୍କର ଭଗବାନଙ୍କର ଦର୍ଶନଲାଭ ଏବଂ ବିଶ୍ୱକର୍ମାଙ୍କ ଦ୍ୱାରା ବିଗ୍ରହ ନିର୍ମାଣ ପ୍ରସଙ୍ଗ ମଧ୍ୟ ଏଥିରେ ବର୍ଣ୍ଣିତ।

ଏସବୁ ହେଉଛି- ୫୦ ଅଧ୍ୟାୟ ପର୍ଯ୍ୟନ୍ତ ବିଷୟକ୍ରମ। ଏହା ପରେ ଅବଶିଷ୍ଟ ୧୯ ଅଧ୍ୟାୟ, ଅର୍ଥାତ୍ ୫୧ରୁ ୬୯ ଅଧ୍ୟାୟ ପର୍ଯ୍ୟନ୍ତ ବର୍ଣ୍ଣିତ ବିଷୟ ମଧ୍ୟରେ ରହିଛି- ପୁରୁଷୋତ୍ତମ କ୍ଷେତ୍ରରେ ବିଗ୍ରହଙ୍କର ପ୍ରତିଷ୍ଠା, ପଞ୍ଚତୀର୍ଥ ବର୍ଣ୍ଣନ, ମାର୍କଣ୍ଡେୟଙ୍କ ଉପାଖ୍ୟାନ, ମାର୍କଣ୍ଡେୟଙ୍କ ଦ୍ୱାରା କଳ୍ପବଟ ଆଦି ଦର୍ଶନ, ମାର୍କଣ୍ଡେୟଙ୍କ ଭଗବତ୍ ଦର୍ଶନ, ଭଗବାନଙ୍କ ଉଦରରେ ମାର୍କଣ୍ଡେୟଙ୍କ ପ୍ରବେଶ, ଭଗବାନଙ୍କ ମୁଖ ଦେଇ ମାର୍କଣ୍ଡେୟଙ୍କ ନିର୍ଗମନ ଏବଂ ଭଗବାନଙ୍କୁ ତାଙ୍କର ସ୍ତୁତି, ବିଷ୍ଣୁ-ମାର୍କଣ୍ଡେୟ ସମ୍ବାଦ ଏବଂ ପଞ୍ଚତୀର୍ଥ ବିଧି ବର୍ଣ୍ଣନ। ଏହା ୫୭ ଅଧ୍ୟାୟ ପର୍ଯ୍ୟନ୍ତ ବିଷୟକ୍ରମ।

ଏହାପରେ, ୫୮ ଅଧ୍ୟାୟରୁ ୬୯ ଅଧ୍ୟାୟ ପର୍ଯ୍ୟନ୍ତ ବର୍ଣ୍ଣିତ ବିଷୟ ହେଉଛି- କପାଳ ମୋଚନ ଋଷି ପ୍ରସଙ୍ଗ ଓ ଶ୍ୱେତମାଧବଙ୍କ ବର୍ଣ୍ଣନ, ନାରାୟଣ କବଚ ଓ ସମୁଦ୍ରସ୍ନାନ ବିଧି, ସମୁଦ୍ରସ୍ନାନ ମାହାତ୍ମ୍ୟ, ପଞ୍ଚତୀର୍ଥ ମାହାତ୍ମ୍ୟ ବର୍ଣ୍ଣନ, ଗୁଡ଼ିଚ୍ଚା (ଗୁଣ୍ଡିଚା) ଯାତ୍ରା ମାହାତ୍ମ୍ୟ, ବିଷ୍ଣୁଲୋକ ବର୍ଣ୍ଣନ ଓ ପୁରୁଷୋତ୍ତମ ମାହାତ୍ମ୍ୟ ବର୍ଣ୍ଣନ।

ଏହିପରି ଭାବରେ, 'ସ୍କନ୍ଦପୁରାଣ-ଉତ୍କଳଖଣ୍ଡ' ପରି, 'ବ୍ରହ୍ମପୁରାଣ' ମଧ୍ୟ, ଦାରୁବ୍ରହ୍ମ ଶ୍ରୀଜଗନ୍ନାଥଙ୍କ କଥା ଓ ଗାଥା ସଂପର୍କିତ ଏକ ମହତ୍ତ୍ୱପୂର୍ଣ୍ଣ ମହାପୁରାଣ। ତେବେ ଉଲ୍ଲେଖଯୋଗ୍ୟ ଯେ ଏହାର ୧୭୮ ଅଧ୍ୟାୟରେ ମଧ୍ୟ ପୁନଶ୍ଚ ପୁରୁଷୋତ୍ତମକ୍ଷେତ୍ର ମାହାତ୍ମ୍ୟ ବର୍ଣ୍ଣିତ ହୋଇଛି। ଏହି ଅଧ୍ୟାୟରେ ସ୍ୱୟଂ ବ୍ରହ୍ମା କହିଛନ୍ତି- ହେ ଦ୍ୱିଜସତ୍ତମଗଣ! ଯେଉଁ କ୍ଷେତ୍ରରେ ମନୁଷ୍ୟ କେବଳ ଦେହତ୍ୟାଗ ଦ୍ୱାରା ଦୁର୍ଲଭ ମୁକ୍ତିଲାଭ କରେ, ସେହି ପୁରୁଷୋତ୍ତମ କ୍ଷେତ୍ରର ମାହାତ୍ମ୍ୟ ପରି ମାହାତ୍ମ୍ୟ ଅନ୍ୟ କୌଣସି କ୍ଷେତ୍ରରେ ନାହିଁ। ହେ ମୁନିଗଣ! ଯଦି ତୁମ୍ଭେମାନେ ଶାଶ୍ୱତ ମୋକ୍ଷକାମୀ, ତେବେ ତୁମ୍ଭେମାନେ ଏହି କ୍ଷେତ୍ରରେ ଅବଶ୍ୟ ଅବସ୍ଥାନ କର।

(ଆରଥରକୁ)




# ଏକଜିଦିଆ ଟ୍ରମ୍ପଙ୍କୁ ଭରସା ନାହିଁ

ଭାରତ ପ୍ରତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପରିବର୍ତ୍ତିତ ତଥା ଅହେତୁକ ଆଭିମୁଖ୍ୟ ଉଭୟ ଦେଶର ଦ୍ୱିପାକ୍ଷିକ ସମ୍ପର୍କକୁ ଏକପ୍ରକାର ଅଫେରା ମୋଡ଼ରେ ପହଞ୍ଚାଇଛି। ଏଭଳି ସ୍ଥିତିରେ ଭାରତ କୌଣସି ବୁଝାମଣା ନକରି ପାଲଟା ଜବାବ ଦେବାକୁ କୂଟନୈତିକ ବିଶେଷଜ୍ଞମାନେ ଗୁରୁତ୍ୱ ଦେଇଛନ୍ତି। ରୁଷିଆ ଠାରୁ ଭାରତ ଅଶୋଧିତ ପେଟ୍ରୋଲିୟମ୍ ଆମଦାନି ବନ୍ଦ ନକଲେ ଭାରତ ରପ୍ତାନି କରୁଥିବା ସାମଗ୍ରୀ ଉପରେ ଆମେରିକା ଶୁଳ୍କ (ଟାରିଫ୍) କଟକଣା ଲାଗୁ କରିବ ବୋଲି ଟ୍ରମ୍ପ୍ ଗତ ମାସରେ ସିଧା ଧମକ ଦେଇଥିଲେ। ଏକ ବିଚିତ୍ର ଆଳ ଦେଖାଇ ସେ କହିଥିଲେ ଯେ ଭାରତ ତୈଳ ଆମଦାନି କରି ପରୋକ୍ଷରେ ଋଷିଆକୁ ଆର୍ଥିକ ସହଯୋଗ ଦେଉଥିବାରୁ ୟୁକ୍ରେନ୍ ସହ ଋଷ ଯୁଦ୍ଧ ବନ୍ଦ କରୁନାହିଁ କି ଯୁଦ୍ଧବିରତି ପାଇଁ ରାଜି ହେଉନାହିଁ। ମାତ୍ର ଆମ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ଜଣାଇଥିଲେ ଯେ ଭାରତର ତୈଳ ଆମଦାନି ସହ ୟୁକ୍ରେନ୍-ଋଷ ଯୁଦ୍ଧର କୌଣସି ସିଧାସଳଖସମ୍ପର୍କ ନାହିଁ। ଏହି ଯୁଦ୍ଧ ଆରମ୍ଭ ପୂର୍ବରୁ ଭାରତ ଅଶୋଧିତ ତୈଳ ଆମଦାନି କରୁଥିଲା। ଅନ୍ତର୍ଜାତୀୟ ବଜାରରେ ଋଷିଆର ପେଟ୍ରୋଲିୟମ୍ ଦର ତୁଳନାତ୍ମକ ଭାବେ ଶସ୍ତା ଥିବାରୁ ଭାରତ ଏହାର ଆବଶ୍ୟକତା ପୂରଣ ଲାଭି ଆମଦାନି ଜାରି ରଖିଛି। ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ଭାରତ ଏଥିରେ ବୁଝାମଣା କରିପାରିବ ନାହିଁ। ବରଂ ୟୁକ୍ରେନ୍-ଋଷ ଯୁଦ୍ଧ ଅଧିକ ହିଂସ୍ର ହେଉଥିବା ବେଳେ ଆମେରିକା ଋଷରୁ କୃଷି ସାମଗ୍ରୀଠାରୁ ଆରମ୍ଭ କରି ଅଶୋଧିକ ତୈଳ, ଆଣବିକ ଇନ୍ଧନ ଆଦିର ଆମଦାନି ଜାରି ରଖିଥିଲା। ଏବେ ବି ଋଷିଆଠାରୁ ଆମେରିକା କେତେକ ସାମଗ୍ରୀ ଆମଦାନି କରୁଛି। ପୁନଶ୍ଚ ଚୀନ୍ ମଧ୍ୟ ଋଷିଆଠାରୁ ଅଶୋଧିତ ତୈଳ ଆମଦାନୀ କରୁଥିଲେ ମଧ୍ୟ ଟ୍ରମ୍ପ୍ ଚୀନ୍ ପ୍ରତି ଅନୁରୂପ କଠୋର ଦୃଷ୍ଟିଭଙ୍ଗୀ ଗ୍ରହଣ କରୁ ନାହାନ୍ତି। ଭାରତର ଏହି ଯୁକ୍ତିକୁ ଉପରଠାଉରିଆ ଭାବେ ଫାଙ୍କି ଟ୍ରମ୍ପ ଭାରତୀୟ ରପ୍ତାନି ଉପରେ ପ୍ରଥମେ ୨୫% ଟାରିଫ୍ ଲାଗୁ କରିଥିଲେ। ଏହା ସତ୍ତ୍ୱେ ଭାରତ ତୈଳ ଆମଦାନିରୁ ଓହରି ନଥିବାରୁ ଟ୍ରମ୍ପ୍ ପ୍ରାୟ ଅଧଡ଼ଜନେ ଭାରତୀୟ କମ୍ପାନିଙ୍କ ପ୍ରତି କଟକଣା/ନିଷେଧାଜ୍ଞା ଜାରି କରିଥିଲେ। ସେପଟେ ପାକିସ୍ତାନ ସହ ଆମେରିକା ତୈଳ ଚୁକ୍ତି ସମେତ ଏହାର ପ୍ରତିରକ୍ଷା ରପ୍ତାନି ବୃଦ୍ଧି କରିବାକୁ ଘୋଷଣା କରିଛି। ଶେଷରେ ସେ ମାସ ୬ ତାରିଖରେ ଭାରତୀୟ ରପ୍ତାନି ଉପରେ ଟ୍ରମ୍ପ୍ ୫୦% ଟାରିଫ୍ ଲାଗୁ କରିବାକୁ ଧମକ ଦେଇଛନ୍ତି।

ପରିସ୍ଥିତି ଏଭଳି ମୋଡ଼ରେ ପହଞ୍ଚିଛି ଯେ ଭାରତ ଆଉ ବୁଝାମଣା କରିବାକୁ ପ୍ରସ୍ତୁତ ନୁହେଁ। ବରଂ ଆମେରିକାକୁ ପାଲଟା ଜବାବ ଦେବା ଲାଗି ଭାରତର କୂଟନୈତିକ ଗତିବିଧି ପ୍ରଖର ହେବାରେ ଲାଗିଛି। ମୋଟାମୋଟି ଭାବେ ଟ୍ରମ୍ପଙ୍କ ଟାରିଫ ନୀତି ଭାରତ-ଆମେରିକାର ଦ୍ୱିପାକ୍ଷିକ ସହଭାଗିତାକୁ ଦୋହଲାଇ ଦେଇଛି। ଅନ୍ତର୍ଜାତୀୟ ସ୍ତରରେ ଚୀନର ଉତ୍‌ଥାନରେ ଆତଙ୍କିତ ଆମେରିକା ଭାରତକୁ ଏକ ପ୍ରମୁଖ ପ୍ରତିରକ୍ଷା ସହଯୋଗୀ ଭାବେ ଆଲିଙ୍ଗନରେ ଆଣିଥିଲା। ଡେମୋକ୍ରାଟ ଏବଂ ରିପବ୍ଲିକାନ ରାଷ୍ଟ୍ରପତିଙ୍କ କାର୍ଯ୍ୟକାଳରେ ଭାରତ ସହ ଆମେରିକାର ଦ୍ୱିପାକ୍ଷିକ ସମ୍ପର୍କ ବେଶ୍ ବୃଦ୍ଧି ପାଇଥିଲା। ଆମେରିକାର ନୀତି ନିର୍ଦ୍ଧାରକମାନେ ଏହି ସମ୍ପର୍କକୁ ଏକବିଂଶ ଶତାବ୍ଦୀର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସହଭାଗୀତା ଭାବେ ଘୋଷଣା କରିଥିଲେ। ଏହି ବିଶ୍ୱାସରେ ଭାରତ ୨୦୦୮ ମସିହାରୁ ଆମେରିକା ଠାରୁ ୨୦୦୦ କୋଟି ଡଲାରରୁ ଅଧିକ ମୂଲ୍ୟର ଅସ୍ତ୍ରଶସ୍ତ୍ର କିଣିଛି। ଅନ୍ୟ ଯେ କୌଣସି ଦେଶ ତୁଳନାରେ ଭାରତ-ଆମେରିକା ମଧ୍ୟରେ ଦ୍ୱିପାକ୍ଷିକ ସମରାଭ୍ୟାସ କରିଆସୁଛି। ଆମେରିକା, ଜାପାନ ଓ ଅଷ୍ଟ୍ରେଲିଆ ସହିତ ଭାରତର ଚତୁଃରାଷ୍ଟ୍ରୀୟ ପ୍ରତିରକ୍ଷା ତଥା ନିରାପତ୍ତା ସମ୍ପର୍କ ଇତିମଧ୍ୟରେ ବଢ଼ିଛି।

ଋଷିଆରୁ ଭାରତ ଅଶୋଧିକ ପେଟ୍ରୋଲିୟମ୍ ଆମଦାନି କରୁଥିବାରୁ ଭାରତୀୟ ରପ୍ତାନିରେ ୫୦% ଟାରିଫ୍ ଲାଗୁ ଯୁକ୍ତିଯୁକ୍ତ ବୋଲି ଟ୍ରମ୍ପ ପରୋକ୍ଷ ଧମକ ଦେଇଛନ୍ତି। ତେବେ ଆସନ୍ତା ୨୫ ତାରିଖରେ ଭାରତ ଗସ୍ତରେ ଆସୁଥିବା ମାର୍କିନ୍ ପ୍ରତିନିଧି ଦଳ ଏଠାରେ କେତେକ ବାଣିଜ୍ୟ ଚୁକ୍ତି କରିବା ପ୍ରସ୍ତାବ ଥିବାରୁ ଟାରିଫ୍ ବୃଦ୍ଧି ଧମକ ଏକ ଚାଲ ହୋଇପାରେ। ସେପଟେ ଋଷିଆରୁ ଭାରତର ତୈଳ ଆମଦାନି ବନ୍ଦ କରିବା ଲାଗି ଟ୍ରମ୍ପ ଋଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନଙ୍କୁ ଚାପ ଦେଉଥିବା କୁହାଯାଉଛି। ଏଭଳି ପରିସ୍ଥିତିରେ ଆମେରିକାକୁ ଉଚିତ ଜବାବ୍ ଦେବାକୁ ଋଷିଆ ଭାରତ ଓଚୀନ୍ ସମେତ ସମଭାବାପନ୍ନ ରାଷ୍ଟ୍ରଗୁଡ଼ିକୁ ଏକ ହେବା ପାଇଁ ଆହ୍ୱାନ ଦେଇଛନ୍ତି। ଆଉ ଏକ ଉଲ୍ଲେଖନୀୟ ଘଟଣାକ୍ରମରେ



ଋଷ ରାଷ୍ଟ୍ରପତି ପୁଟିନ୍ ଖୁବ ଶୀଘ୍ର ଭାରତ ଗସ୍ତରେ ଆସିବେ ବୋଲି ସୂଚନା ଦେଇଛନ୍ତି।

ଜୁଲାଇ ୩୦ରେ ଭାରତ ଉପରେ ପ୍ରଥମ ଟାରିଫ ଲାଗୁ କରି ଟ୍ରମ୍ପ ଭାରତକୁ 'ମୃତ ଅର୍ଥନୀତି' ବୋଲି ଅଭିହିତ କରିଥିଲେ ଏବଂ ପରେ ଭାରତ ପାକିସ୍ତାନରୁ ତୈଳ କିଣିପାରେ ବୋଲି ବ୍ୟଙ୍ଗ କରିଥିଲେ। ମେ ୪ରେ ଏକ କଠୋର ବୟାନରେ ନୂଆଦିଲ୍ଲୀ ରୁଷିଆରୁ ତୈଳ ଆମଦାନୀକୁ "ଜାତୀୟ ବାଧ୍ୟତା" ବୋଲି ଅଭିହିତ କରି ଆମେରିକାର ଦ୍ୱିମୁଖୀ ନୀତିକୁ ଅଙ୍ଗୁଳି ନିର୍ଦ୍ଦେଶ କରିଥିଲା। ଋଷିଆରୁ ଭାରତର ତୈଳ ଆମଦାନିକୁ ବିରୋଧ କରୁଥିବା ୟୁରୋପୀୟ ରାଷ୍ଟ୍ର ସମେତ ଆମେରିକା ବିରୋଧ କରୁଥିବା ବେଳେ ସେମାନେ କିଭଳି ରୁଷିଆ ସହ ବାଣିଜ୍ୟିକ ସମ୍ପର୍କ ଜାରି ରଖିଛନ୍ତି ବୋଲି ଭାରତ ପ୍ରଶ୍ନ କରିଛି। ନିର୍ଦ୍ଦିଷ୍ଟ ଭାବେ ଦର୍ଶାଇଛି ଯେ ଆମେରିକା ସମେତ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ଋଷିଆରୁ ଟାଇଟାନିୟମ, ଇଉରାନିୟମ ହେକ୍ସାଫ୍ଲୋରାଇଡ୍, ପାଲାଡିୟମ ଏବଂ ସାର ଇତ୍ୟାଦି ଆମଦାନି କରିବା ସେମାନଙ୍କ ଦୋମୁହାଁ ନୀତି ନୁହେଁ କି? ଆମେରିକାର ପ୍ରାକ୍ତନ ସେନା ଅଧିକାରୀ ସ୍କଟ ରିଟର ଏକ୍ସରେ ଉଲ୍ଲେଖ କରିଛନ୍ତି ଯେ ଆମେରିକା ୨୦୨୪ରେ ଋଷିଆରୁ ୩୦୦ କୋଟି ଡଲାରରୁ ଅଧିକ ମୂଲ୍ୟର ରୁଷିଆ ସାମାଗ୍ରୀ ଆମଦାନି କରିଛି। ଭାରତକୁ ପରାମର୍ଶ ଦେବା ପୂର୍ବରୁ ଟ୍ରମ୍ପ ନିଜେ ଏହା ଚିନ୍ତା କରିବା ଉଚିତ।

ଜମ୍ମୁ-କାଶ୍ମୀରର ପାହାଲଗାମରେ ପାକିସ୍ତାନୀ ଆତଙ୍କବାଦୀମାନେ ୨୬ ଜଣ ଭାରତୀୟ ପର୍ଯ୍ୟଟକଙ୍କୁ ହତ୍ୟା କରିବାର ଦୁଇ ମାସ ନଯାଉଣୁ ଟ୍ରମ୍ପ ପାକିସ୍ତାନ ସେନା ମୁଖ୍ୟ ଅସୀମ ମୁନୀର୍‌ଙ୍କୁ ହ୍ୱାଇଟ୍ ହାଉସ୍‌ରେ ଆପ୍ୟାୟିତ କରିବା ଘଟଣାକୁ ସହଜରେ ଗ୍ରହଣ କରାଯାଇ ନପାରେ। ଅନ୍ୟ ପକ୍ଷରେ ଭାରତ-ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ପାଇଁ ଟ୍ରମ୍ପ୍ ମଧ୍ୟସ୍ଥି ଭୂମିକା ନେଇଥିଲେ ବୋଲି ବାରମ୍ବାର ଦାବି କରିବା ଓ ଭାରତ ଏହାକୁ ଖଣ୍ଡନ କରିବା ଘଟଣାରେ ଟ୍ରମ୍ପ୍ ଆଦୌ ଖୁସି ନଥିବେ। ମୋଟାମୋଟି ଭାବେ ଆମେରିକା ତୁଳନାରେ ରୁଷିଆ ବରଂ ଅଧିକ ବିଶ୍ୱସନୀୟ ପ୍ରତିରକ୍ଷା ସହଭାଗୀ। ୟୁକ୍ରେନରେ ତିନି ବର୍ଷରୁ ଅଧିକ ସମୟ ଧରି ଯୁଦ୍ଧ ଚାଲିଥିଲେ ମଧ୍ୟ, ରୁଷିଆ ବ୍ରହ୍ମୋସ୍ କ୍ଷେପଣାସ୍ତ୍ରର ଇଞ୍ଜିନ ଓ ଯନ୍ତ୍ରାଂଶ ଯୋଗାଣରେ କେବେ ହେଳା କରି ନାହିଁ।

ମେ ୭ ଓ ମେ ୧୦ରେ ଦୁଇଟି ଆକ୍ରମଣରେ, ବ୍ରହ୍ମୋସ ମିସାଇଲ ପାକିସ୍ତାନ ଆତଙ୍କବାଦୀ ତାଲିମ ଶିବିର ଏବଂ ବାୟୁସେନା ଘାଟିକୁ ଧ୍ୱଂସ କରିଦେଇଥିଲା। ଏହା ଅପରେସନ ସିନ୍ଦୁରର ପରାକ୍ରମକୁ ପ୍ରମାଣ କରିଥିଲା। ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଓ ଋଷ୍ ରାଷ୍ଟ୍ରପତି ପୁଟିନ୍‌ଙ୍କ ସମ୍ମତିରେ ୨୫ ବର୍ଷ ପୂର୍ବେ ବ୍ରହ୍ମୋସ୍ କ୍ଷେପଣାସ୍ତ୍ର ବିକଶିତ ହୋଇଥିଲା। ସ୍ମରଣ କରାଯାଇପାରେ ଯେ ୧୯୭୧ର ଭାରତ-ପାକ ଯୁଦ୍ଧ ସମୟରେ ଆମେରିକା ପାକିସ୍ତାନକୁ ସିଧା ସମର୍ଥନ ଦେଇ ଭାରତ ବିରୋଧରେ ଲଢ଼ିବା ପାଇଁ ଭାରତୀୟ ମହାସାଗରରେ ଏହାର ଯୁଦ୍ଧ ଜାହଜ ସହ ନୌବାହିନୀକୁ ମୁତୟନ କରିଥିଲା।

ଅବଶ୍ୟ ୨୦୦୮ର ଭାରତ-ଆମେରିକା ବେସାମରିକ ପରମାଣୁ ଚୁକ୍ତି ପରେ ଉଭୟ ଦେଶ ମଧ୍ୟରେ ପୁଣି ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ଫେରିଥିଲା। ଅନ୍ୟ ପକ୍ଷରେ ୨୦୧୮ରେ ଭାରତ ରୁଷିଆରୁ ଏସ-୪୦୦କ୍ଷେପଣାସ୍ତ୍ର ନିରୋଧି ମିସାଇଲ କିଣି ଆମେରିକାର ପ୍ରତିବନ୍ଧକକୁ ଏଡ଼ାଇ ଦେଇଥିଲା।

ଆମେରିକା ୟୁରୋପୀୟ ସଂଘ ଉପରେ ପୂର୍ବରୁ ଧାର୍ଯ୍ୟ ୩୦% ଟାରିଫକୁ ଏବେ ୧୫%କୁ ଇଂଲଣ୍ଡ ଉପରୁ ଟାରିଫ୍‌କୁ ୨୫%ରୁ ୧୦%କୁ ହ୍ରାସ କରିଛି। ଦକ୍ଷିଣ କୋରିଆ ୩୫୦ ବିଲିୟନ ଡଲାରର ବିନିଯୋଗ ଏବଂ ଆମେରିକାରୁ ଅଧିକ ଶକ୍ତି ଆମଦାନୀ ପ୍ରସ୍ତାବ ଦେଇ ୨୫% ବଦଳରେ ୧୫% ଟାରିଫ ହାସଲ କରିଛି। ହେଲେ ଭାରତ ପ୍ରତି ଟମ୍ପଙ୍କ କଠୋର ଅଭିମୁଖ୍ୟ ଜାରି ରହିଛି। ଯଦି ଏଥିରେ କୌଣସି ପରିବର୍ତ୍ତନ ବା ସମାଧାନ ନଆସେ, ତେବେ ଭାରତ ବାଧ୍ୟହୋଇ ଆମେରିକାର ପରବର୍ତ୍ତୀ ନିର୍ବାଚନ (୨୦୨୮) ପର୍ଯ୍ୟନ୍ତ ଅପେକ୍ଷା କରିବ। କାରଣ ଆମେରିକା ସହ ସୁସମ୍ପର୍କ ସ୍ଥାପନ ପାଇଁ ଟ୍ରମ୍ପଙ୍କ ଭଳି ଜଣେ ଅସ୍ଥିର ତଥା ଏକଜିଦିଆ ରାଷ୍ଟ୍ରପତିଙ୍କୁ ଭାରତ ଭରସା କରିବା ବୋକାମୀ ହେବ।

ଟ୍ରମ୍ପ୍‌ଙ୍କ ଟାରିଫ୍ ନୀତି ଆମେରିକାର ଅର୍ଥନୀତିକୁ ବିପଦରେ ପକାଇବ ବୋଲି ଅନେକ ମାର୍କିନ୍ ବିଶେଷଜ୍ଞ ଆଶଙ୍କା ବ୍ୟକ୍ତ କରିଛନ୍ତି। ସେମାନଙ୍କ ମତରେ ଆମେରିକାର ଅର୍ଥନୀତି ବିଶେଷ ଉତ୍ପାଦନକ୍ଷମ ହୋଇପାରିବ ନାହିଁ, ବରଂ ଏହା କ୍ରମଶଃ ଅବକ୍ଷୟମୁଖୀ ହେବ। ଜର୍ଜଟାଉନ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ବ୍ରାର୍ଡ ଜେନ୍‌ସନ୍ କହିଛନ୍ତି ଆମେରିକାର ବାଣିଜ୍ୟ ନିଅଣ୍ଟ ବୃଦ୍ଧି ପାଇବା ବଦଳରେ ବଢ଼ିପାରେ। ୨୦୨୪ର ପ୍ରଥମ ୬ ମାସରେ ଆମେରିକାର ବାଣିଜ୍ୟ ନିଅଣ୍ଟ ୫୮୨୭୦ କୋଟି ଡଲାର (୩୮%) ପହଞ୍ଚି ଥିଲା। ଏହାକୁ ପୂରଣ କରି ଆଗାମୀ ବର୍ଷରେ ବାଣିଜ୍ୟ ନିଅଣ୍ଟକୁ ହ୍ରାସ କରିବା ଲକ୍ଷ୍ୟରେ ଟ୍ରମ୍ପ୍ ଯେଉଁ ଟାରିଫ୍ କୌଶଳ ପ୍ରୟୋଗ କରିଛନ୍ତି ତାହାଦ୍ୱାରା ଆମେରିକାର ପ୍ରତିରକ୍ଷା ରପ୍ତାନୀ ଗୁରୁତର ଭାବେ ହ୍ରାସ ପାଇବ। ସମ୍ଭାବ୍ୟ ପରିସ୍ଥିତିରେ ଋଷିଆ, ଚୀନ ଓ ଭାରତ ଭଳି ବିକାଶମୁଖୀ ରାଷ୍ଟ୍ରଗୁଡ଼ିକର ପ୍ରତିରକ୍ଷା ସାମଗ୍ରୀ ରପ୍ତାନୀ ବୃଦ୍ଧି ପାଇବା ସମ୍ଭାବନା ଅଛି।

## ଟାରିଫ୍ କାହାକୁ କେତେ

| | |
|---|---|
| ଭାରତ | ୫୦% |
| ୬୦ ୟୁରୋପୀୟ ରାଷ୍ଟ୍ର | ୧୦% |
| ଜାପାନ, ଦକ୍ଷିଣ କୋରିଆ | ୧୫% |
| ତାଇୱାନ୍, ଭିଏତ୍‌ନାମ୍, ବାଂଲାଦେଶ | ୨୦% |


## 'ଆମ ବିତର୍କ'ରେ ଯୋଗ ଦେବାକୁ ଆହ୍ୱାନ

ଆସନ୍ତା ସଂଖ୍ୟାଠାରୁ ଆମେ 'ଆମ ବିତର୍କ' ନାମରେ ଏକ ପୃଷ୍ଠାର ପରିକଳ୍ପନା କରିଛୁ। ସେଥିରେ ରାଜ୍ୟ ତଥା ଜାତୀୟ ପ୍ରସଙ୍ଗକୁ ନେଇ ମତାମତ ସ୍ଥାନ ପାଇବ। ଆସନ୍ତା ସଂଖ୍ୟା ପାଇଁ ଆମେ ଚୟନ କରିଥିବା ବିଷୟଟି ହେଲା-

**ନିର୍ବାଚନ କମିସନ୍ ସଂପର୍କରେ ରାହୁଲ ଗାନ୍ଧୀ ଦେଇଥିବା 'ଭୋଟ୍ ଚୋରି' ଅଭିଯୋଗ କେତେ ଦୂର ଯଥାର୍ଥ?**

ଆପଣଙ୍କ ମତାମତ ସର୍ବାଧିକ ୧୦୦ଟି ଶବ୍ଦରେ ସୀମିତ ରହିବା ଆବଶ୍ୟକ। ସୁନିର୍ବାଚିତ ମତାମତ ଆପଣଙ୍କ ନାମରେ ପ୍ରକାଶ ପାଇବ।

**ଆମ ଠିକଣା:**
aamaodishamembership@gmail.com
whatsApp: 9777902113



# ବିରଳ ମୃତ୍ତିକା ଚୁମ୍ବକରେ ଚାଇନାର ଏକାଧିପତ୍ୟ

# ମୁଣ୍ଡ ନୁଆଁଇବା ବିନା ଅନ୍ୟ ଗତି ନାହିଁ

ଆମ ଓଡ଼ିଶା ବ୍ୟୁରୋ

ବିରଳ ମୃତ୍ତିକାରେ ନିର୍ମିତ ବିଭିନ୍ନ ମିଶ୍ରିତ ଧାତୁ ମଧ୍ୟରେ ମୁଖ୍ୟତଃ ଚୁମ୍ବକ (ରେୟାର୍ ଆର୍ଥ ମ୍ୟାଗ୍ନେଟ୍)ର ଉତ୍ପାଦନ ଓ ରପ୍ତାନୀ କ୍ଷେତ୍ରରେ ଚୀନ୍‌ର ଏକାଧିପତ୍ୟ ଆଗରେ ଭାରତ ଭଳି ଅନେକ ବିକାଶମୁଖୀ ରାଷ୍ଟ୍ର ସମେତ ଆମେରିକା, ଜାପାନ ଭଳି ବିଭିନ୍ନ ବିକଶିତ ରାଷ୍ଟ୍ରଗୁଡ଼ିକ ମୁଣ୍ଡ ନୁଆଁଇବାକୁ ବାଧ୍ୟ ହେଉଛନ୍ତି। ଏଭଳି ଆହ୍ୱାନର ମୁକାବିଲା ନିମନ୍ତେ ଆମେରିକା ଭଳି କିଛି ରାଷ୍ଟ୍ର ଦୀର୍ଘ ବର୍ଷ ଧରି ବିକଳ୍ପ ସନ୍ଧାନରେ ବ୍ୟସ୍ତ ଥିଲେ ହେଁ ସେମାନଙ୍କ ପାଇଁ ବିକଳ୍ପ ଏବେ ବି ଅପହଞ୍ଚ। ସମ୍ଭବତଃ ଏହି ନିର୍ଦ୍ଦିଷ୍ଟ କାରଣ ଯୋଗୁଁ ଚୀନ୍ ପ୍ରତି ଏକଦା କଠୋର ଟାରିଫ୍ ନୀତିରେ ଅଟଳ ଥିବା ମାର୍କିନ୍ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଶେଷରେ ତାହାକୁ କୋହଳ କରି ଚୀନ୍ ସହ ବୁଝାମଣା କରିବାକୁ ବାଧ୍ୟ ହୋଇଛନ୍ତି। ଏପଟେ ଏହି ନିର୍ଦ୍ଦିଷ୍ଟ ସାମଗ୍ରୀ ଆମଦାନୀ ସକାଶେ ଚୀନ୍ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ଭାରତ ମଧ୍ୟ ଆତ୍ମସମର୍ପଣ କରିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ଦେଖାଯାଉ ନାହିଁ। ସୁତରାଂ ବେଶ୍ କିଛି ବର୍ଷ ଧରି ଚୀନ୍ ସାମଗ୍ରୀ ବର୍ଜନ ପାଇଁ 'ଆତ୍ମନିର୍ଭରଶୀଳ ଭାରତ'ର ନାରା ଦେଇ ଆସିଥିବା ବିଜେପି ନେତୃତ୍ୱାଧୀନ ମୋଦୀ ସରକାର ଏବେ ଉପାୟଶୂନ୍ୟ।

ଏହାର ଅସଲ କାରଣ ହେଲା- ବିରଳ ମୃତ୍ତିକାରୁ ଉତ୍ପାଦିତ ବିଭିନ୍ନ ଧାତବ ପଦାର୍ଥ ଓ ଚୁମ୍ବକ ବିନା ସାରା ବିଶ୍ୱରେ ମୋବାଇଲ୍ ଫୋନ୍, ଲ୍ୟାପ୍‌ଟପ୍‌ଠାରୁ ଆରମ୍ଭ କରି ବିଭିନ୍ନ ବେତାର (କର୍ଡ ଲେସ୍) ଉପକରଣ ସମେତ ଇଲେକ୍ଟ୍ରିକ୍/ହାଇବ୍ରିଡ୍ ଯାନ (ଇଭି), ଇଲେକ୍ଟ୍ରୋନିକ୍ସ ତଥା ଏପରି ଶିଳ୍ପଗୁଡ଼ିକରେ ବ୍ୟବହୃତ ସ୍ୱୟଂକ୍ରିୟ ଯନ୍ତ୍ରାଂଶ ଉତ୍ପାଦନ ଅସମ୍ଭବ। ଏପରିକି ମହାକାଶ ବିଜ୍ଞାନ ସମେତ ପ୍ରତିରକ୍ଷା କୌଶଳରେ ବ୍ୟବହୃତ ବିଭିନ୍ନ ଉପକରଣରେ ମଧ୍ୟ ବିରଳ ମୃତ୍ତିକାରୁ ଉତ୍ପାଦିତ ଧାତବ ଯନ୍ତ୍ରାଂଶର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଚୀନ୍ ତିଆରି ବିରଳ ମୃତ୍ତିକା ମ୍ୟାଗ୍ନେଟ୍ ଯୋଗାଣ ବିଶ୍ୱ ଚାହିଦାର ୯୧% ଭରଣା କରୁଥିବାରୁ ପ୍ରାୟତଃ ସବୁ ରାଷ୍ଟ୍ର ଏ କ୍ଷେତ୍ରରେ ଚୀନ୍ ଉପରେ ନିର୍ଭରଶୀଳ। ବିଶ୍ୱ ବ୍ୟାଙ୍କ ରିପୋର୍ଟ ଅନୁସାରେ




ଆମେରିକା, ଅଷ୍ଟ୍ରେଲିଆ, ମିଆଁମାର, ଜାପାନ୍, ଥାଇଲ୍ୟାଣ୍ଡ, ନାଇଜେରିଆ ଭଳି ହାତଗଣତି ରାଷ୍ଟ୍ର ବିରଳ ମୃତ୍ତିକା ଧାତୁ ଉତ୍ପାଦନ କରୁଥିଲେ ମଧ୍ୟ ତାହା ସେମାନଙ୍କ ଆଭ୍ୟନ୍ତରୀଣ ଚାହିଦା ପୂରଣ କରିବାରେ ସମୁଦ୍ରକୁ ଶଙ୍ଖେ ଭଳି। ତେଣୁ ଏସବୁ ରାଷ୍ଟ୍ରଗୁଡ଼ିକ ଚୀନ୍ ସହ



ବୁଝାମଣା କରିବାକୁ ଏକପ୍ରକାର ବାଧ୍ୟ ହୋଇଛନ୍ତି।

ଚୀନ ସହ ଭାରତର ସାମ୍ପ୍ରତିକ କୂଟନୈତିକ ସମ୍ପର୍କ ପୂର୍ବ ପରି ଅନୁକୂଳ ନଥିବା ବେଳେ ବିରଳ ମୃତ୍ତିକା ଧାତୁ ଓ ବିଶେଷକରି ମ୍ୟାଗ୍ନେଟ୍ ରପ୍ତାନୀ ଉପରେ ଚୀନ୍ ଇତିମଧ୍ୟରେ କଟକଣା ଜାରି କରିଛି। ଏହାର ତୁରନ୍ତ ପ୍ରଭାବ ସ୍ୱରୂପ ଭାରତର ପ୍ରଦୂଷଣ-ନିରୋଧୀ ଇଭି ଉତ୍ପାଦନ ବାଧାପ୍ରାପ୍ତ ହୋଇଛି। ଆମ ମୋଟରଯାନ ଶିଳ୍ପଗୁଡ଼ିକ ଇଭି/ହାଇବ୍ରିଡ୍ କାର୍ ଉତ୍ପାଦନ ହ୍ରାସ କରିବାକୁ ବାଧ୍ୟ ହୋଇଛନ୍ତି। ଏହି ସମସ୍ୟାର ସମାଧାନ ସକାଶେ ଭାରତୀୟ ଶିଳ୍ପ ପ୍ରତିନିଧି ଦଳ ଚୀନ୍‌ର ବାଣିଜ୍ୟ ମନ୍ତ୍ରୀଙ୍କୁ ଭେଟିବା ଲାଗି କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ମଧ୍ୟ ଲୋଡ଼ିଛନ୍ତି। ମୋଟାମୋଟି ଭାବେ ଚୀନ୍‌ର କଟକଣା ପରେ ଆମ ସରକାରଙ୍କ ନିଦ ଭାଙ୍ଗିଛି। ଭବିଷ୍ୟତରେ ବିରଳ ମୃତ୍ତିକାରୁ ଚୁମ୍ବକ ଓ ଅନ୍ୟାନ୍ୟ ଧାତବ ଯନ୍ତ୍ରାଂଶ ଉତ୍ପାଦନ ନିମନ୍ତେ ଗତ ଜୁନ୍‌ରେ କେନ୍ଦ୍ର ଶିଳ୍ପ, ଖଣି, କୋଇଲା, ଆଣବିକ ଶକ୍ତି ଓ ବାଣିଜ୍ୟ ବିଭାଗର ମିଳିତ ମାନସମନ୍ଥନ ବୈଠକ ଅନୁଷ୍ଠିତ ହୋଇଥିଲେ ହେଁ ସହସା ସମାଧାନ ପନ୍ଥା ବାହାରି ପାରିନାହିଁ। କିଛି ବର୍ଷ ପୂର୍ବେ ଗୃହୀତ ନିଷ୍ପତ୍ତି ଅନୁସାରେ ଦେଶର ମିଡ୍‌ୱେଷ୍ଟ୍ ଗ୍ରୁପ୍‌ର ସହଯୋଗୀ ସଂସ୍ଥା ଦ୍ୱାରା ହାଇଦ୍ରାବାଦ୍‌ରେ ସ୍ଥାପିତ ଏହି ଧରଣର ଶିଳ୍ପକୁ ଆଗାମୀ ୬ ମାସରେ ଉତ୍ପାଦନକ୍ଷମ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହାର ଉତ୍ପାଦନ କ୍ଷମତା ବାର୍ଷିକ ମାତ୍ର ୫୦୦ ଟନ୍। ଏହାକୁ ୩୦୦୦ ଟନ୍‌ରେ ପହଞ୍ଚାଇବାକୁ ନିହାତି ୫ ବର୍ଷ ଲାଗିବ। ସୁତରାଂ ଦେଶରେ ବିରଳ ମୃତ୍ତିକା ମ୍ୟାଗ୍ନେଟ୍‌ର କ୍ରମବର୍ଦ୍ଧିଷ୍ଣୁ ଚାହିଦାର ମୁକାବିଲା ପାଇଁ ଏବେ ଅନ୍ୟ କୌଣସି ବିକଳ୍ପ ନଥିବାରୁ ଆମକୁ ଲମ୍ବା ସମୟ ଯାଏ ଚୀନ୍ ଆଗରେ ମୁଣ୍ଡ ନୁଆଁଇବାକୁ ପଡ଼ିବ।



ସୂଚନାଯୋଗ୍ୟ, ଆମ ଦେଶର ଶିଳ୍ପ ସଂସ୍ଥାଗୁଡ଼ିକର ବିରଳ ମୃତ୍ତିକା ଚୁମ୍ବକ ଆମଦାନୀ ବର୍ଷକୁ ହାରାହାରି ୧୨% ହାରରେ ବୃଦ୍ଧିପାଇ ୨୦୨୪-୨୫ ଆର୍ଥିକ ବର୍ଷ ସୁଦ୍ଧା ୫୩ ହଜାର ୭୦୦ ଟନ୍‌ରେ ପହଞ୍ଚିଥିଲା। ବିରଳ ମୃତ୍ତିକାରୁ ଉତ୍ପାଦିତ ଧାତବ ସାମଗ୍ରୀର ମୂଲ୍ୟ ସେ ବର୍ଷ କିଲୋଗ୍ରାମ ପିଛା ଥିଲା ୯୬.୯୦ ଡଲାର; ଯାହା ଭାରତୀୟ ମୁଦ୍ରାରେ ୮ ହଜାର ୪୦୩ ଟଙ୍କାରୁ ସାମାନ୍ୟ ଅଧିକ। ଏହି ହିସାବରେ ଆମ ଦେଶର ଶିଳ୍ପ ସଂସ୍ଥାଗୁଡ଼ିକ ସେ ବର୍ଷ ଚୀନରୁ ବିରଳ ମୃତ୍ତିକା ଚୁମ୍ବକ ଓ ଆନୁସଙ୍ଗିକ ଧାତବ ସାମଗ୍ରୀ ଆମଦାନୀ ବାବଦରେ ବ୍ୟୟ କରିଥିଲେ ୪୫,୧୨୪ କୋଟି ଟଙ୍କାରୁ ଅଧିକ। ବିରଳ ମୃତ୍ତିକାରୁ ଉତ୍ପାଦିତ ଧାତବ ଯନ୍ତ୍ରାଂଶ ଓ ବିଶେଷକରି ଚୁମ୍ବକ ଆମଦାନୀ ବିନା ଭାରତୀୟ ଶିଳ୍ପ ସଂସ୍ଥାଗୁଡ଼ିକ ଗୁରୁତର ସଙ୍କଟର ସମ୍ମୁଖୀନ ହେବା ଆଶଙ୍କା ଥିବାରୁ ଚୀନ୍ ଆଗରେ ମୁଣ୍ଡ ନୁଆଁଇବା ବ୍ୟତୀତ ଏବେ ଅନ୍ୟ କୌଣସି ବିକଳ୍ପ ନାହିଁ। ହୁଏତ ଏହି କାରଣରୁ ଦ୍ୱିପାକ୍ଷିକ ସମ୍ପର୍କର ପୁନରୁଦ୍ଧାର ଲକ୍ଷ୍ୟରେ ବୈଦେଶିକ ମନ୍ତ୍ରୀ ଜୟଶଙ୍କର ଜୁଲାଇ ୧୪ରେ ତାଙ୍କ ଚୀନ୍ ପ୍ରତିପକ୍ଷଙ୍କ ସମେତ ରାଷ୍ଟ୍ରପତି ଜିନ୍ ପିଙ୍ଗ୍‌ଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି। ଏ କ୍ଷେତ୍ରରେ ଚୀନ୍‌ର ସହଯୋଗ ବିନା ଭାରତୀୟ ଇଲେକ୍ଟ୍ରୋନିକ୍ ଶିଳ୍ପ ସମୂହର ଉତ୍ପାଦନ ସାଂଘାତିକ ଭାବେ ପ୍ରଭାବିତ ହୋଇ ଆଭ୍ୟନ୍ତରୀଣ ନିଯୁକ୍ତି ବଜାରକୁ ସଙ୍କୁଚିତ କରିବାର ଆଶଙ୍କା ରହିଛି।

ଭରତରେ ବିରଳ ମୃତ୍ତିକା ପର୍ଯ୍ୟାପ୍ତ ଥିଲେ ମଧ୍ୟ ଆମ ଦୂରଦୃଷ୍ଟିର ଅଭାବ ଯୋଗୁଁ ଏହାର ଗବେଷଣା ଓ ବିକାଶ ଭିତ୍ତିଭୂମି ଆଶାନୁରୂପ ହୋଇ ପାରିନାହିଁ। ଅନ୍ୟାନ୍ୟ ଦେଶର ଅତ୍ୟାଧୁନିକ ଗବେଷଣାଗାର ସହିତ ଆବଶ୍ୟକ ସମନ୍ୱୟ ନାହିଁ। ପୁଣି ଦକ୍ଷ ବିଶେଷଜ୍ଞ ତଥା ଘରୋଇ ଭାଗିଦାରୀର ଅଭାବ ଯୋଗୁଁ ଏଭଳି ଏକ ଅତ୍ୟାବଶ୍ୟକ କ୍ଷେତ୍ରର ବିକାଶ ଏ ପର୍ଯ୍ୟନ୍ତ ଗୁରୁତ୍ୱ ପାଇ ନାହିଁ। ଅପରପକ୍ଷରେ ଚାଇନା ଭବିଷ୍ୟତରେ ବିଶ୍ୱର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହାର ଗବେଷଣା ଓ ଉତ୍ପାଦନକୁ ଶାଣିତ କରୁଥିବା ବେଳେ ଭାରତ ଏ ଦିଗରେ ବେଶ୍ ପଛୁଆ ବୋଲି କୁହାଯାଇପାରେ।



# ରେଭେନ୍ସା: ଆଶାର ଆଲୋକ

**ଉତ୍କଳ ମିତ୍ର**

ଭାରତ ସରକାରଙ୍କ ନେସନାଲ୍ ଆସେସମେଣ୍ଟ୍ ଆଣ୍ଡ ଆକ୍ରେଡିସନ୍ କାଉନସିଲ୍ ବା ନାକ୍ (National Assessment and Accreditation Council, NAAC) ରେଭେନ୍ସା ବିଶ୍ୱବିଦ୍ୟାଳୟ(Ravenshaw University)କୁ ଶିକ୍ଷା, ଗବେଷଣା, ପରିଚାଳନା, ପ୍ରବନ୍ଧନ ଆଦି କ୍ଷେତ୍ରରେ ବିଶେଷ ଉତ୍କର୍ଷ ପାଇଁ ଚଳିତ ବର୍ଷ ଏ ପ୍ଲସ୍ ପ୍ଲସ୍ ଗ୍ରେଡ୍(A++) ମାନ୍ୟତା ପ୍ରଦାନ କରିଛି। ଉଚ୍ଚଶିକ୍ଷା କ୍ଷେତ୍ରରେ ଏଭଳି ମାନ୍ୟତା ଭାରତର କିଛି ହାତଗଣତି ଶିକ୍ଷାନୁଷ୍ଠାନକୁ ମିଳିଥାଏ। ସାଂପ୍ରତିକ ପରିସ୍ଥିତିରେ ଓଡ଼ିଶାର ଏକମାତ୍ର ଅନୁଷ୍ଠାନ ଭାବେ ରେଭେନ୍ସା ଏଭଳି ମର୍ଯ୍ୟାଦା ଲାଭ କରିଛି। ଏହା ପ୍ରତ୍ୟେକ ଶିକ୍ଷାନୁରାଗୀ ଓଡ଼ିଆ ପାଇଁ ରେଭେନ୍ସାକୁ ନେଇ ଗର୍ବ କରିବାର ଏକ ବିରଳ ସୁଯୋଗ ପ୍ରଦାନ କରିଛି। କେହି କେହି ହୁଏତ ପ୍ରଶ୍ନ କରିବେ; ଏକ ଶିକ୍ଷାନୁଷ୍ଠାନ ଶିକ୍ଷା କ୍ଷେତ୍ରରେ ଉତ୍କର୍ଷ ଦେଖାଇବନି ତ କିଏ ଦେଖାଇବ? ଶିକ୍ଷାନୁଷ୍ଠାନର କାମ ତ ସେଇଆ। ଏଥିରେ ଏତେ ଉତ୍ସାହିତ ହେବାର କାରଣ କଣ? ଆମେ ଭଲ ଛାତ୍ର ନ ଥିଲୁ। ତେଣୁ 'ରେଭେନ୍ସାଭିଆନ୍' ବୋଲାଇବାର ଗୌରବ ଲାଭ କରିପାରି ନାହୁଁ। କିନ୍ତୁ ରେଭେନ୍ସାକୁ ନେଇ ଗର୍ବ କରିବାର ବହୁ ଯଥାର୍ଥ କାରଣ ଅଛି। ସାଧାରଣ ଭାବେ ମନ ଭିତରେ ସୃଷ୍ଟି ହେଉଥିବା ଏଭଳି ପ୍ରଶ୍ନଗୁଡ଼ିକର ଅନାସକ୍ତ ଆଲୋଚନା କଲେ ହିଁ ଆମେ କାହିଁକି ରେଭେନ୍ସାର ଏଭଳି ସଫଳତାରେ ଗର୍ବ ଅନୁଭବ କରୁଛୁ ତାହା ଅତି ପ୍ରାଞ୍ଜଳ ଭାବେ ବୁଝାଇ ଦେଇ ହେବ।

ରେଭେନ୍ସା ବିଶ୍ୱବିଦ୍ୟାଳୟ(ପୂର୍ବର ରେଭେନ୍ସା କଲେଜ) ଆମ ଜାତୀୟ ଜୀବନର ପ୍ରଥମ ତଥା ଏକମାତ୍ର ମାର୍ଗଦର୍ଶକ। ରେଭେନ୍ସା କଲେଜକୁ ବାଦ ଦେଇ ଆମେ ଆଧୁନିକ ଓଡ଼ିଶାର ଇତିହାସ ସଂପର୍କରେ ଚିନ୍ତା କରିପାରିବା ନାହିଁ। ରେଭେନ୍ସା ହେଉଛି ଓଡ଼ିଶାର ଜ୍ଞାନ,ପ୍ରଜ୍ଞା, ବିବେକ, ବିଚାର,ବୌଦ୍ଧିକତା ଓ ନେତୃତ୍ୱର ପ୍ରାଣ କେନ୍ଦ୍ର। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ୬୮ ବର୍ଷ ଏବଂ ଦେଶ ସ୍ୱାଧିନତାର ୭୯ ବର୍ଷ ପୂର୍ବରୁ ଏହି ଶିକ୍ଷାନୁଷ୍ଠାନର ପ୍ରତିଷ୍ଠା କରାଯାଇଥିଲା। ଏତିକିରୁ ଅନୁଭବ କରାଯାଇ ପାରିବ ଯେ ଏହି ଶିକ୍ଷାନୁଷ୍ଠାନଟି ଓଡ଼ିଶା ଗଠନରେ କେଉଁ ଭୂମିକା ଗ୍ରହଣ କରିଥିବ। ସାମାନ୍ୟ ଆତ୍ମସଚେତନ ହୋଇ ଚିନ୍ତା କଲେ ଓଡ଼ିଶା ପାଇଁ ରେଭେନ୍ସାର ଅବଦାନକୁ ଯେ କେହି ଅନୁଭବ କରିପାରିବ। ଏଥିପାଇଁ କୌଣସି ଇତିହାସକାରଙ୍କ ସହଯୋଗ ଦରକାର ପଡ଼ିବ ନାହିଁ। ସମୟ ଥିଲା ରେଭେନ୍ସା ଥିଲା ସ୍ୱାଧୀନତା ସଂଗ୍ରାମ, ନେତୃତ୍ୱ, ରାଜନୀତି, ପ୍ରଶାସନ, ଆଧୁନିକ ରାଜନୈତିକ ଓ ସାଂସ୍କୃତିକ ଜୀବନର ପ୍ରତ୍ୟେକ କ୍ଷେତ୍ରକୁ ବ୍ୟାପି ଥିବା ଏକ ପ୍ରାତଃସ୍ମରଣୀୟ ଅନୁଷ୍ଠାନ। ରେଭେନ୍ସା ହେଉଛି ଓଡ଼ିଶାର ସାଧାରଣ ମଣିଷ ପାଇଁ ଶକ୍ତି, ସାମର୍ଥ୍ୟ, ସାହସ, ଆଶା, ବିଶ୍ୱାସ, ସ୍ୱପ୍ନ ଓ ବିକାଶର ପ୍ରାଣକେନ୍ଦ୍ର। ମୁଁ ଏଠାରେ ଆଧୁନିକ ଓଡ଼ିଶା ଗଠନରେ ରାଜ୍ୟରେ ପ୍ରତିଷ୍ଠା ହୋଇଥିବା ଅନ୍ୟ ଶିକ୍ଷାନୁଷ୍ଠାନଗୁଡିକର ଅବଦାନ ଯେ ନାହିଁ, ସେ କଥା କହୁ ନାହିଁ। ବରଂ ଆମ ରାଜ୍ୟର ଶିକ୍ଷା କ୍ଷେତ୍ରରେ ରେଭେନ୍ସା ଏକ ନିର୍ବିବାଦୀୟ ତଥା ଅଭିଜ୍ଞ ଅଧିନାୟକ ଭାବେ ଭୂମିକା ନିର୍ବାହ କରି ଆସୁଥିଲା। ସେ ଉତ୍କଳ ପ୍ରଦେଶ ଗଠନର ଅଙ୍କୁରୋପଣ ହେଉ ବା ସ୍ୱାଧୀନତା ସଂଗ୍ରାମର ଶଙ୍ଖନାଦ, ବିଜ୍ଞାନର ବୀଜବପନ ହେଉ ବା ଅନ୍ୟାୟ-ଶୋଷଣ ବିରୋଧରେ ସ୍ୱର ଉତ୍ତୋଳନ, ଶାସକୀୟ ଏକଛତ୍ରବାଦ ବିରୋଧରେ ସଦର୍ପରେ ଠିଆ ହେବାର ସାମର୍ଥ୍ୟ ହେଉ ବା ନିଡର ହୋଇ ଦୁର୍ବାର ଛାତ୍ର ଆନ୍ଦୋଳନ ଗଢ଼ିତୋଳିବା, ସବୁଥିରେ ରେଭେନ୍ସା ହିଁ ଆମ ଓଡ଼ିଆ ଜାତୀୟ ଜୀବନରେ ଅଗ୍ନିସ୍ଫୁଲିଙ୍ଗ ସୃଷ୍ଟି କରିଥିଲା। କୁହାଯାଉ ଥିଲା 'ଆଜି ରେଭେନ୍ସା ଯାହା ଚିନ୍ତା କରୁଛି ଆସନ୍ତାକାଲି ଓଡ଼ିଶା ତାହା ଚିନ୍ତା କରିବ'। ଏଭଳି ଏକ ମର୍ଯ୍ୟାଦାବନ୍ତ ଏବଂ ସ୍ୱୟଂସମ୍ପୂର୍ଣ୍ଣ ଦେଢ଼ଶହ ବର୍ଷର ଶିକ୍ଷାନୁଷ୍ଠାନ ପାଇଁ 'NAAC' ର A++ ମାନ୍ୟତା କଣ ଗୋଟେ ବଡ଼ କଥା? ଆମ ବିଚାରରେ ତ ଆଦୌ ହେବା କଥା ନୁହେଁ। କିନ୍ତୁ ଓଡ଼ିଶାର ଶିକ୍ଷା ବ୍ୟବସ୍ଥାକୁ ନିରିଖେଇ ଦେଖିଲେ ଭରା ହୃଦୟରେ ସ୍ୱୀକାର କରିବାକୁ ପଡୁଛି ଯେ ଏହି ମାନ୍ୟତା ଆମ ନିରାଶ ମନରେ ଏକ ନୂଆ ଆଶା ସଞ୍ଚାର କରୁଛି। ଅପାଳକ ରାଇଜରେ ବିଜୁଳି ଲକ୍ଷେ ଟଙ୍କା ପରି ନିରାଶାର କଳା ବାଦଲ ଭିତରେ ଆଶାର ଆଲୋକ ରେଖାଟିଏ ସୃଷ୍ଟି ହେଉଛି। ଗତ ଦୁଇ ଦଶନ୍ଧି ଧରି ଆମ ଶିକ୍ଷା ବ୍ୟବସ୍ଥାର ଅବକ୍ଷୟକୁ ଲକ୍ଷ୍ୟ କରି ଆମେ ଏ କଥା କହୁଛୁ। ଥରେ ରାଜନୀତି, ଦଳ ମତ ନିର୍ବିଶେଷରେ ଜଣେ ଓଡ଼ିଆ ଭାବେ କହିଲେ ଦେଖି ଆମ ଶିକ୍ଷା ବ୍ୟବସ୍ଥାର ସ୍ଥିତି କଣ ? ଆମ ପିଲାମାନେ କେଉଁ ଗୁଣ ଅଥବା ମାନର ଶିକ୍ଷା ପାଉଛନ୍ତି ? ପ୍ରାଥମିକ ଶିକ୍ଷା ଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ଶିକ୍ଷା ପର୍ଯ୍ୟନ୍ତ ସବୁଆଡ଼େ ଯେପରି ଏକ ଅନ୍ଧକାର ରାଜୁତି କରୁ ନାହିଁ କି ? ଏଭଳି ଶିକ୍ଷା ବ୍ୟବସ୍ଥାରୁ ବାହାରୁଥିବା ଛାତ୍ରଛାତ୍ରୀମାନେ ଆଜିକାଲିର ପ୍ରତିଯୋଗିତାମୂଳକ ଦୁନିଆର ସମ୍ମୁଖୀନ ହେବାର ସାମର୍ଥ୍ୟ ରଖୁଛନ୍ତି ତ ? ଶିକ୍ଷାର ଉତ୍କର୍ଷ କେନ୍ଦ୍ର ଭାବେ ରେଭେନ୍ସାକୁ ମିଳିଥିବା ଏହି ଜାତୀୟ ମାନ୍ୟତା ଆମକୁ ଉପରୋକ୍ତ ପ୍ରଶ୍ନଗୁଡ଼ିକ ସଂପର୍କରେ ଅନାସକ୍ତ ଆଲୋଚନା କରିବାର ଏକ ବିରଳ ସୁଯୋଗ ଦେଇଛି।

ଆମ ରାଜ୍ୟର ଶିକ୍ଷା ବ୍ୟବସ୍ଥା ସଂପର୍କରେ ଆଲୋଚନା କଲାବେଳେ ଦକ୍ଷିଣ ଆଫ୍ରିକା ବିଶ୍ୱବିଦ୍ୟାଳୟର ମୁଖ୍ୟଦ୍ୱାରରେ ଗାନ୍ଧୀବାଦୀ ନେଲସନ୍ ମଣ୍ଡେଲାଙ୍କ ଏକ ପ୍ରସିଦ୍ଧ ଉକ୍ତି ମନକୁ ଆସୁଛି। "Destroying any nation does not require the use of atom bombs or the use of long range missiles. It only requires lowering the quality of education and allowing cheating in the examinations by the students." ଅର୍ଥାତ୍ 'କୌଣସି ଦେଶକୁ ଧ୍ୱଂସ କରିବାକୁ ହେଲେ ପରମାଣୁ ବୋମା କି ଦୂରଗାମୀ କ୍ଷେପଣାସ୍ତ୍ରର ଆବଶ୍ୟକତା ନାହିଁ। କେବଳ ସେହି ଦେଶର ଶିକ୍ଷାର ଗୁଣାତ୍ମକ ମାନକୁ ହ୍ରାସ କରିବା ସହିତ ପରୀକ୍ଷାରେ ଛାତ୍ରଛାତ୍ରୀଙ୍କୁ ନକଲ କରିବାକୁ ସୁଯୋଗ ଦେଇଦେଲେ ଦେଶଟି ଆପଣାଛାଏଁ ଧ୍ୱଂସ ହୋଇଯିବ।' ଓଡ଼ିଶାର ପ୍ରତ୍ୟେକ ଶିକ୍ଷକ, ଶିକ୍ଷାବିତ୍, ଅବିଭାବକ ଏବଂ ଶିକ୍ଷାନୁରାଗୀ ବୁଦ୍ଧିଜୀବୀମାନେ ଥରୁଟିଏ ଅନାସକ୍ତ ହୋଇ ଭାବିଲେ ଓଡ଼ିଶାରେ ସରକାରୀ ଶିକ୍ଷା ବ୍ୟବସ୍ଥା ନେଲସନ ମଣ୍ଡେଲାଙ୍କ ଉକ୍ତିକୁ ସତ୍ୟ ପ୍ରମାଣିତ କରୁନାହି: କି?

ଦୀର୍ଘ ୨୪ ବର୍ଷ ଧରି ନବୀନ ପଟ୍ଟନାୟକ ନିରବଚ୍ଛିନ୍ନ ଭାବେ ଓଡ଼ିଶାକୁ ତାଙ୍କର ହସ୍ତମୁଦିମାହାଲ ଭଳି ଶାସନ କରି ଆସୁଥିଲେ। ତାଙ୍କ ସତୀର୍ଥମାନେ ଛାତି ପିଟି କହୁଛନ୍ତି ଯେ ୨୪ ବର୍ଷ ତଳେ ଓଭର୍ ଡ୍ରାଫ୍ଟରେ ଅର୍ଥନୀତି ଚାଲୁଥିଲା। ସରକାରୀ କର୍ମଚାରୀଙ୍କୁ ଦରମା ଦିଆଯାଇ ପାରୁ ନଥିଲା। ଏବେ ବାର୍ଷିକ ବଜେଟ୍ ପରିମାଣ ଅଢ଼େଇ ଲକ୍ଷ କୋଟିରେ ପହଞ୍ଚିଲାଣି। ଦେଶରେ ଓଡ଼ିଶା ଏକ ନିଅଣ୍ଟିଆ ରାଜ୍ୟରୁ ରାଜସ୍ୱ ବଳକା ରାଜ୍ୟ ଭାବେ ପରିଗଣିତ ହେଲାଣି। ହେଲେ କ୍ଷୁଦ୍ର ମସ୍ତିଷ୍କରେ ଆମେ ବୁଝିପାରୁ ନାହୁଁ ଯେ ନବୀନଙ୍କ ଅନୁଗାମୀମାନେ କରୁଥିବା ଦାବି ଯଦି ସତ ତେବେ ଦରମା ଏବଂ ଅନ୍ୟାନ୍ୟ ଆର୍ଥିକ ପ୍ରୋତ୍ସାହନ ପାଇଁ ମାଷ୍ଟର କ୍ୟାଣ୍ଟିନରେ ହଜାର ହଜାର ଶିକ୍ଷକ ଶିକ୍ଷୟିତ୍ରୀ ବାରମ୍ବାର ଆନ୍ଦୋଳନ କରୁଛନ୍ତି କାହିଁକି ? ପ୍ରାଥମିକ ବିଦ୍ୟାଳୟମାନଙ୍କରେ ଛାତ୍ର ସଂଖ୍ୟା ଅନୁପାତରେ ଯଥେଷ୍ଟ ଶିକ୍ଷକ ନାହାନ୍ତି କାହିଁକି ? ଭଲ ଗୁଣମାନର ଶିକ୍ଷକ ନିଯୁକ୍ତି କରାଯାଉ ନାହିଁ କାହିଁକି? ମେଧାବୀ ଛାତ୍ରଛାତ୍ରୀମାନେ ଶିକ୍ଷକତା ପ୍ରତି ଆକୃଷ୍ଟ ହେଉ ନାହାନ୍ତି କାହିଁକି? Annual Status of Education(ASER) ରିପୋର୍ଟ କହୁଛି ଯେ ଅଷ୍ଟମ ଶ୍ରେଣୀରେ ପଢୁଥିବା ଛାତ୍ରଟି ପଞ୍ଚମ-ଷଷ୍ଠ ଶ୍ରେଣୀର ପାଠକୁ ଆୟତ୍ତ କରିପାରୁ ନାହିଁ। ଶିକ୍ଷା ଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଠିକା ନିଯୁକ୍ତି କରାଯାଉଛି କାହିଁକି ? ତାହା ହେଲେ କଣ ଜାଣିଶୁଣି ଆମ ଶିକ୍ଷା ବ୍ୟବସ୍ଥାକୁ ଧ୍ୱଂସ କରିବାକୁ ସରକାରୀ ସ୍ତରରେ ଷଡ଼ଯନ୍ତ୍ର କରାଯାଉଛି କି ? ଏଭଳି ଶିକ୍ଷା ପ୍ରଦାନ କରି ଓଡ଼ିଆ ପିଲାମାନଙ୍କୁ 'ଘାସକୁ ଛୋଟ, ବେଣାକୁ ମୋଟ' ଭଳି କରି ଦିଆଯାଉ ନାହିଁ ତ? ଓଡ଼ିଆ ଯୁବକମାନଙ୍କୁ ବୋଲକରା କରି ରଖିବାକୁ ଏହା ଏକ ଯୋଜନାବଦ୍ଧ କାର୍ଯ୍ୟକ୍ରମ ନୁହେଁ ତ?

ଆପଣମାନେ ଲକ୍ଷ୍ୟ କରିଥିବେ ବିଶ୍ୱବିଦ୍ୟାଳୟମାନଙ୍କରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନାହାନ୍ତି ବୋଲି ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଉଛି। ଅଳ୍ପ କେତୋଟି ବିଶ୍ୱବିଦ୍ୟାଳୟର ଶିକ୍ଷକ ଅଭାବ ଜନିତ ସମସ୍ୟା ସଂପର୍କରେ ଅବଗତ ହେଲେ ରାଜ୍ୟର ଶିକ୍ଷା ବ୍ୟବସ୍ଥାର ବିକଳ ସ୍ଥିତି ଆପେ ସ୍ପଷ୍ଟ ହୋଇଯିବ। ରେଭେନ୍ସା ବିଶ୍ୱବିଦ୍ୟାଳୟରେ ସ୍ୱୀକୃତ ପ୍ରଫେସର ପଦବୀ ହେଉଛି ୨୯ କିନ୍ତୁ ଅଛନ୍ତି ୯ ଜଣ; ଆସୋସିଏଟ୍ ପ୍ରଫେସର୍ ପଦବୀ ହେଲା ୭୧, ଅଛନ୍ତି ୧୯; ସ୍ୱୀକୃତ ଆସିଷ୍ଟାଣ୍ଟ ପ୍ରଫେସର ପଦବୀ ସଂଖ୍ୟା ୧୬୭, ଅଛନ୍ତି ୮୩ ଜଣ। ସେହିପରି ଉତ୍କଳ ବିଶ୍ୱବିଦ୍ୟାଳୟରେ ସ୍ୱୀକୃତ ପ୍ରଫେସର ପଦବୀ ହେଲା ୪୬, ଅଛନ୍ତି ୧୩ ଜଣ, ଆସୋସିଏଟ୍ ପ୍ରଫେସର୍ ପଦବୀ ହେଲା ୭୫, ଅଛନ୍ତି ୩୬ ସେହିପରି ସ୍ୱୀକୃତ ଆସିଷ୍ଟାଣ୍ଟ ପ୍ରଫେସର ପଦବୀ ସଂଖ୍ୟା ୧୨୩, ଅଛନ୍ତି ୮୪ ଜଣ। ଏମାନଙ୍କ ମଧ୍ୟରୁ ବହୁ ପଦବୀ ଚୁକ୍ତିଭିତ୍ତିକ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଓଡ଼ିଶାର ସର୍ବପୁରାତନ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟରେ ସ୍ୱୀକୃତ ପ୍ରଫେସର ପଦବୀ ହେଲା ୬ ଆସୋସିଏଟ୍ ପ୍ରଫେସର୍ ପଦବୀ ହେଲା ୧୨, ଏବଂ ସ୍ୱୀକୃତ ଆସିଷ୍ଟାଣ୍ଟ ପ୍ରଫେସର ପଦବୀ ସଂଖ୍ୟା ୩୨ କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ହେଲା ଏହି ସବୁ ପଦବୀ ଗୁଡ଼ିକ ଖାଲି ପଡ଼ିଛି। କଟକ-ଭୁବନେଶ୍ୱରର ଏହି ନାମକରା ବିଶ୍ୱବଦ୍ୟାଳୟମାନଙ୍କରେ ଯଦି ସ୍ଥିତି ଏଇଆ ତେବେ ଅନ୍ୟ ବିଶ୍ୱବିଦ୍ୟାଳୟମାନଙ୍କରେ ଶୈକ୍ଷିକ ସ୍ଥିତି କଣ ହୋଇଥିବ ତାହା ସହଜରେ ଅନୁମାନ କରାଯାଇପାରେ। ଏହାଛଡ଼ା ସରକାରୀ ଓ ଅନୁଦାନପ୍ରାପ୍ତ କଲେଜମାନଙ୍କ ସ୍ଥିତି ନ କହିଲେ ଭଲ। ବହୁ ସ୍ୱୟଂଶାସିତ ମହାବିଦ୍ୟାଳୟମାନଙ୍କର ସ୍ୱୟଂଶାସନ ମାନ୍ୟତା କଟିଯାଇଥିଲେ ମଧ୍ୟ ଅନୁଷ୍ଠାନଗୁଡ଼ିକ ପୂର୍ବଭଳି ଚାଲୁଛନ୍ତି। ନବୀନବାବୁ କ୍ଷମତାକୁ ଆସିବା ପରେ କଲେଜ ଅଧ୍ୟକ୍ଷମାନଙ୍କ କ୍ୟାଡର ଗଠନ ବନ୍ଦ କରିଦେଲେ। ଫଳରେ ଆଜି ସମସ୍ତ ସରକାରୀ ଏବଂ ଅନୁଦାନପ୍ରାପ୍ତ କଲେଜମାନଙ୍କରେ କାମଚଳା ଅଧ୍ୟକ୍ଷରେ କାମ ଚାଲିଛି। ଏପରିକି କାମଚଳା ଅଧ୍ୟକ୍ଷଙ୍କୁ ନେଇ ସ୍ୱୟଂଶାସିତ ମହାବିଦ୍ୟାଳୟ ବି ଚାଲିଛି। ବହୁ ଅନୁଦାନପ୍ରାପ୍ତ ସ୍ୱୟଂଶାସିତ କଲେଜମାନଙ୍କରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଠିକା ଶିକ୍ଷକଙ୍କ ଦ୍ୱାରା ପାଠ ପଢ଼ାଯାଉଛି। ସେମାନଙ୍କ ଗୁଣମାନ ଓ ଦକ୍ଷତା ଯାଞ୍ଚ କରିବାକୁ କିଛି ବ୍ୟବସ୍ଥା ନାହିଁ। ସରକାରୀ ଏବଂ ସ୍ୱୟଂଶାସିତ କଲେଜଗୁଡ଼ିକର ଯଦି ଏହିଭଳି ଅବସ୍ଥା, ତେବେ ଅନ୍ୟ ଅନୁଦାନପ୍ରାପ୍ତ ଏବଂ ଅଣଅନୁଦାନପ୍ରାପ୍ତ କଲେଜ ବିଷୟରେ ପଚାରେ କିଏ ?

କାମଚଳା ଅଧ୍ୟକ୍ଷ, ଠିକା ଶିକ୍ଷକ ପୁଣି ଆବଶ୍ୟକ ସଂଖ୍ୟକ ଶିକ୍ଷକ ଅଭାବ, ଅନିୟମିତ ପାଠପଢ଼ା ସତ୍ତ୍ୱେ ପରୀକ୍ଷାରେ ଭଲ ନମ୍ବର ମିଳୁଥିବାରୁ ଛାତ୍ର ଖୁସି। ପାଠ ନପଢ଼ାଇ ପରୀକ୍ଷା ଖାତାରେ ହାତଖୋଲା ମାର୍କ ଦେଇ ଶିକ୍ଷକ ବି ଖୁସି। ବିନା ଶିକ୍ଷକ, ବିନା ଭିତ୍ତିଭୂମିରେ ରାଜ୍ୟରେ ଭଲ ପରୀକ୍ଷା ଫଳ ହେଉଥିବାରୁ ସରକାର ବି ଖୁସି। ଭଲ ନମ୍ବର ରଖି ପିଲାଟି ଭଲ ଡିଭିଜନ୍ ରେ ପାସ କଲେ ଅବିଭାବକ ବି ଖୁସି। ଏ ସବୁ ଖୁସି ଭିତରେ ନବୀନବାବୁଙ୍କ 'ଆପଣମାନେ ଖୁସି ତ ?' କଥାଟି ବେଶ୍ ମହତ୍ତ୍ୱ ରଖେ।

ଗତ ଦୁଇ ଦଶନ୍ଧିର ପରିସଂଖ୍ୟାନକୁ ଥରେ ଆଖି ବୁଲାଇ ଆଣନ୍ତୁ। ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ପାଇଁ ସରକାରଙ୍କ ପକ୍ଷରୁ ନିଷ୍ଠାପର ଉଦ୍ୟମ ତ ଦୂରର କଥା ବରଂ ଛୋଟ ଛୋଟ ମୌଳିକ ସମସ୍ୟା ପ୍ରତି ମଧ୍ୟ ଆଖି ବୁଜି ଦିଆଯାଇଛି। ଦକ୍ଷ ଶିକ୍ଷକ ନିଯୁକ୍ତି, ଭିତ୍ତିଭୂମିର ଆଧୁନିକୀକରଣ, ଗବେଷଣାକୁ ପ୍ରୋତ୍ସାହନ ଠାରୁ ଆରମ୍ଭ କରି ପରିଚାଳନା କ୍ଷେତ୍ରରେ ରାଜ୍ୟର ସମସ୍ତ ଛୋଟ ବଡ଼ ବିଶ୍ୱବିଦ୍ୟାଳୟ ଏବଂ ପ୍ରତିଷ୍ଠିତ କଲେଜମାନେ ଭୟଙ୍କର ଅବହେଳାର ଶିକାର ହୋଇଛନ୍ତି। ଶିକ୍ଷାନୁଷ୍ଠାନ କେବଳ ସିଲାବସ୍ ଅନୁସାରେ ପାଠ ପଢ଼ାଇ, ପରୀକ୍ଷା କରି ଡିଗ୍ରି ପ୍ରଦାନ କରେନାହିଁ। ଆମ ବିଚାରରେ ଶିକ୍ଷାନୁଷ୍ଠାନ ଯଦି ଜାତୀୟ ଜୀବନକୁ ପ୍ରଭାବିତ ବା ନିୟନ୍ତ୍ରଣ କରି ନ ପାରିଲା ତେବେ ତାହା କି ଶିକ୍ଷା ବା କି ଶିକ୍ଷାନୁଷ୍ଠାନ? ଶିକ୍ଷାନୁଷ୍ଠାନ କେବଳ ଛାତ୍ରର ଚିନ୍ତା ଓ ଚେତନାକୁ ଉଦ୍ରେକ କରେ ନାହିଁ ବରଂ ସାମାଜିକ ପରିବର୍ତ୍ତନରେ ସାର୍ଥକ ସାରଥୀଟିଏ ଭଳି କାର୍ଯ୍ୟ କରେ। ଶିକ୍ଷା ଭଲ-ମନ୍ଦର ପାର୍ଥକ୍ୟ ଦର୍ଶାଏ। ବୁଦ୍ଧି-ବିବେକକୁ ଜାଗ୍ରତ କରେ। ପ୍ରଶ୍ନ ପଚାରିବାର ସାମର୍ଥ୍ୟ ସୃଷ୍ଟି କରେ। ପ୍ରତିବାଦ କରିବାର ସାହସ ଦିଏ। ସର୍ବୋପରି ସାମାଜିକ, ଆର୍ଥିକ ତଥା ରାଜନୈତିକ ପରିବର୍ତ୍ତନର ବାହକ ସାଜେ। ଥରେ ଭାବିଲେ ଦେଖି ଗତ ଦୁଇ ଦଶନ୍ଧି ଧରି ଆମ ରାଜ୍ୟର ଶିକ୍ଷାନୁଷ୍ଠାନମାନଙ୍କରୁ ଶିକ୍ଷାପ୍ରାପ୍ତ ଛାତ୍ରଛାତ୍ରୀମାନେ ଏ ସବୁ ବିଶେଷ ଗୁଣର ଅଧିକାରୀ ହୋଇପାରିଛନ୍ତି କି ?

ରାଜ୍ୟର ସାମାଜିକ, ଆର୍ଥିକ ତଥା ରାଜନୈତିକ ପ୍ରସଙ୍ଗ ଛାଡ଼ନ୍ତୁ ନିଜର ଅଧିକାର ଶିକ୍ଷା କ୍ଷେତ୍ରରେ ସରକାର ସୃଷ୍ଟି କରିଥିବା ଅବକ୍ଷୟର ଧାରାକୁ ପ୍ରତିରୋଧ କରିବାର ସାମାନ୍ୟ ସାହସ ବି ଆମ ଛାତ୍ରଛାତ୍ରୀମାନଙ୍କ ଭିତରେ ସୃଷ୍ଟି ହେଉନାହିଁ। ନିଜ ଅଧିକାରର ସୁରକ୍ଷା ପ୍ରତି ସଚେତନ ନଥିବା ଛାତ୍ରଛାତ୍ରୀମାନେ ରାଜ୍ୟର ସାମୁହିକ ସ୍ୱାର୍ଥର ସୁରକ୍ଷା କିପରି କରିପାରିବେ? ବିନା କାରଣରେ ବର୍ଷ ବର୍ଷ ଧରି ଛାତ୍ର ସଂସଦ ନିର୍ବାଚନ ବନ୍ଦ କରି ଦିଆଯାଇଥିଲା। କିନ୍ତୁ ରେଭେନ୍ସାରେ କୌଣସି ପ୍ରତିବାଦ ଦେଖିବାକୁ ମିଳିନଥିଲା। ଏଭଳି ପ୍ରଶ୍ନମାନ ଆମକୁ ଆନ୍ଦୋଳିତ କରୁଥିବା ବେଳେ NAAC ଅନୁଷ୍ଠାନ ରେଭେନ୍ସା କୁ A++ ମାନ୍ୟତା ପ୍ରଦାନ କରିଛି। ସମସ୍ତ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଏଭଳି ମାନ୍ୟତା ହାସଲ କରିବା କୌଣସି ଚମତ୍କାର ଠାରୁ କମ ନୁହେଁ। ଆଶା କରିବା ରେଭେନ୍ସା ତାର ହୃତଗୌରବ ଫେରାଇ ଆଣିବ। ପୁଣି ଥରେ ରାଜ୍ୟର ଶିକ୍ଷା ମାନଚିତ୍ରରେ ତାର ଅବିଭାବକତ୍ୱକୁ ଜାହିର୍ କରିବ। ଓଡ଼ିଶାରେ ଗତ ଦୁଇ ଦଶନ୍ଧିରେ ପ୍ରତ୍ୟେକଟି କ୍ଷେତ୍ରରେ ସୃଷ୍ଟି ହୋଇଥିବା ଅବକ୍ଷୟର ଧାରାକୁ ରୋକିବା ପାଇଁ ନେତୃତ୍ୱ ନେବ! ଓଡ଼ଶାର ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ଜୀବନକୁ ମାର୍ଗଦର୍ଶନ କରିବ। ଓଡ଼ିଶାର ସବୁ ମେଧାବୀ ଛାତ୍ରଛାତ୍ରୀମାନଙ୍କର ଶିକ୍ଷାତୀର୍ଥ 'ରେଭେନ୍ସା' ଠାରୁ ଆମେ ଏତିକି ଆଶା କରୁଛୁ।

# ୪୦୦ ଅଧ୍ୟାୟରେ ଭାଗ୍ୟରେଖା



ଜୀ ସାର୍ଥକ ସବୁବେଳେ ଦର୍ଶକଙ୍କ ଭଲ ପାଇବାକୁ ଧ୍ୟାନରେ ରଖି ମନଛୁଆଁ ଧାରାବାହିକ ପ୍ରସ୍ତୁତ କରିଥାଏ । ଜୀ ସାର୍ଥକ ସବୁବେଳେ ନୂଆ ଓ ଭିନ୍ନ କାହାଣୀ ମାଧ୍ୟମରେ ଦର୍ଶକଙ୍କ ମନ ଜିତିବା ସହ ଓଡ଼ିଶାର ଏକ ନମ୍ବର ମନୋରଞ୍ଜନ ଚାନେଲ ପାଲଟିଛି। ସେହିପରି ୪ଶହ ଅଧ୍ୟାୟରେ ପହଞ୍ଚିଥିବା ମେଗା ଧାରାବାହିକ 'ଭାଗ୍ୟରେଖା' ପ୍ରତି ସୋମବାରରୁ ଶନିବାର ରାତି ୯ଟାରେ ପ୍ରଦର୍ଶିତ ଓଡିଆ ଦର୍ଶକଙ୍କ ଭଲପାଇବା ପାଇଛି । ଆଗକୁ ଏହି ଧାରାବାହିକର କାହାଣୀରେ ଆସିବାକୁ ଯାଉଛି ଏମିତି କିଛି ନୂଆ ମୋଡ ଯାହା ଦର୍ଶକଙ୍କୁ କାହାଣୀ ସହିତ ବାନ୍ଧି ରଖିବ। କାହାଣୀ ଗତିଶୀଳ ଓ ଅପ୍ରତ୍ୟାଶିତ ହୋଇଚାଲିଛି। ରେଖା ଓ ଭାଗ୍ୟ ପରସ୍ପର ପ୍ରତି ମନରେ ଥିବା ପ୍ରେମ ଆଗକୁ ବଢ଼ିଛି। ହେଲେ ସମୟ ଗତିରେ ଭାଗ୍ୟର ଏକ ବଡ଼ ଦୁର୍ଘଟଣା ହୋଇଛି ଓ ପ୍ଲାଷ୍ଟିକ ସର୍ଜରୀ ହୋଇଛି। ସବୁ ଜାଣିବା ପରେ ରେଖା ଭାଗ୍ୟକୁ ଘରକୁ ଆଣିଛି। ଆଦର୍ଶ ଏହି ସବୁ ସୁଯୋଗର ଫାଇଦା ଉଠାଇ ଏକ ମିଛ କାହାଣୀ ଗଢ଼ିଛି ଓ ସମସ୍ତଙ୍କ ଆଗରେ କହିଛି ରେଖା ଭାଗ୍ୟକୁ ମାରି ନିଜ ପ୍ରେମିକକୁ ଘରକୁ ଆଣିଛି ।

ତେବେ ଏହି ସମସ୍ୟା ଭିତରେ ରେଖା କେମିତି ପ୍ରମାଣ କରିବ ବଦଳିଥିବା ଚେହେରାହିଁ ହେଉଛି ପ୍ରକୃତ ଭାଗ୍ୟ ? ଭାଗ୍ୟକୁ କଣ ପରିବାର ଲୋକ ଆପଣାଇବେ ? ଏହି ସବୁ ପ୍ରଶ୍ନର ଉତ୍ତର ଜାଣିବାକୁ ହେଲେ ଭାଗ୍ୟରେଖା ଧାରାବାହିକକୁ ଦେଖିବାକୁ ହେବ । ଜୀ ସାର୍ଥକର ସବୁ ମେଗା ଧାରାବାହିକ ପରି 'ଭାଗ୍ୟରେଖା'କୁ ମିଳିଥିବା ଭଲପାଇବା ସହିତ ନାରୀର ସୃଜନଶୀଳତା ଓ ପରାକାଷ୍ଠା କେତେ ଏହି ମେଗା ଧାରାବାହିକ ମାଧ୍ୟମରେ ଆମ ଦର୍ଶକ ଉପଲବ୍ଧି କରିଛନ୍ତି ବୋଲି କହିଛନ୍ତି ଜୀ-ସାର୍ଥକର ଚିଫ୍ ଚ୍ୟାନେଲ୍ ଅଫିସର ପ୍ରତୀକ ସିଲ୍।

# ଜୀ ସାର୍ଥକରେ ପାରି କରିବେ ଭୋଳାଶଙ୍କର ୪



ଓଡ଼ିଶାର ଘରେ ଘରେ ପରିଚିତ, ରାଜ୍ୟର ୧ ନମ୍ବର ମନୋରଞ୍ଜନ ଚ୍ୟାନେଲ ଜୀ ସାର୍ଥକର ଗୋଟିଏ ପରେ ଗୋଟିଏ ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ ଓ ଧାରାବାହିକ ଦର୍ଶକଙ୍କ ମନ ଜିଣି ଚାଲିଛି । ସେହିପରି ଆସନ୍ତା ଅଗଷ୍ଟ ୧୦ ତାରିଖ ସନ୍ଧ୍ୟା ୬.୩୦ରୁ ପ୍ରସାରିତ ହେବ ଓଡ଼ିଆ ଫିଲ୍ମ 'ପାରି କରିବେ ଭୋଳାଶଙ୍କର ୪' । ଏହା ପୂର୍ବରୁ ଏହି ଫିଲ୍ମର ବିଗତ ୩ ଟି ସିକ୍ୱେଲକୁ ଆପଣମାନେ ବହୁତ ଭଲ ପାଇବା ଦେଇଥିଲେ । 'ପାରି କରିବେ ଭୋଳାଶଙ୍କର ୪' ରେ ସୁଜିତ ଆଉ ଅନନ୍ୟା ମୁଖ୍ୟ ଚରିତ୍ରରେ ନଜର ଆସିବେ । ବୈଦନାଥ ସଂଗୀତ ନିର୍ଦ୍ଦେଶନା ଦେଇ ଥିବା ବେଳେ ଗୀତ ଗୁଡିକୁ ଗାଇଛନ୍ତି ଶଶାଙ୍କ, ବିଷ୍ଣୁ ମୋହନ , ଅର୍ପିତା, କୁନମୁନ ଓ ସଂଗ୍ରାମ ।

ଶ୍ରାବଣ ମାସର ଶେଷ ସୋମବାରରେ, ରୁଦ୍ରପୁରରେ ଏକ ଭବିଷ୍ୟବାଣୀ ଅନୁଯାୟୀ, ଦୁଇଟି ଦିବ୍ୟ ସନ୍ତାନ ଜନ୍ମ ନିଅନ୍ତି। ସେମାନଙ୍କୁ ସୁରକ୍ଷା ଦେବା ପାଇଁ ଦୁଇ ଜଣଙ୍କୁ ଅଲଗା କରାଯାଏ, ପୁଅକୁ ଜଣେ ପୁରୋହିତ ପାଳନ କରନ୍ତି ଓ ଝିଅଟିକୁ ଜଣେ ଡାକ୍ତର ପାଳନ କରନ୍ତି । ଏହା ମଧ୍ୟରେ ୨୫ ବର୍ଷ ଅତିକ୍ରାନ୍ତ ହୋଇଯାଏ। ପୁଅ ଶଙ୍କର ବଡ଼ହୋଇ ପାଲଟେ ଜଣେ ନିର୍ଭୀକ ରକ୍ଷକ ଓ ଝିଅ ପଲ୍ଲବୀ ସହରର ଜଣେ ଡାକ୍ତର।

ସମୟକ୍ରମେ ଶଙ୍କରର ହଠାତ ମୃତ୍ୟୁ ହୁଏ ହେଲେ ହସ୍ପିଟାଲରେ ପଲ୍ଲବୀଙ୍କ କୁହୁକ ସ୍ପର୍ଶରେ ସେ ଚମତ୍କାର ଭାବରେ ପୁନର୍ଜୀବନ ପାଏ। ଏହି ସମୟରେ ଜଣେ ବୃଦ୍ଧା ମହିଳା ପ୍ରକାଶ କରନ୍ତି ଯେ ସେମାନେ ଭୋଳାଶଙ୍କର ଏବଂ ଭୈରବୀଙ୍କ ପୁନର୍ଜନ୍ମ - ପୂର୍ବ ଜନ୍ମରେ ଦୁଷ୍ଟ ଅଧିରାଜ ଦ୍ୱାରା ବିଶ୍ୱାସଘାତକତା ଏବଂ ହତ୍ୟା କରାଯାଇଥିବା ଦୁଇଟି ଦିବ୍ୟ ଆତ୍ମା।

ସେପଟେ ଅଧିରାଜ ଲାଗିପଡନ୍ତି ରୁଦ୍ରପୁରରେ ଅଶାନ୍ତି ଆଣି ନିଜ ବିନାଶର ଭବିଷ୍ୟବାଣୀକୁ ରୋକିବାକୁ। ହେଲେ ସେ କଣ ନିଜକୁ ରକ୍ଷା କରିପାରିବେ ? ଶଙ୍କର ଓ ପଲ୍ଲବୀ ପରସ୍ପରକୁ ଜାଣିପାରିବେ ତ ? ନିଜ ପରିବାରକୁ ନ୍ୟାୟ ଦେବେ ତ ? ରୁଦ୍ରପୁରରେ ଶାନ୍ତି ଫେରାଇ ଆଣି ପାରିବେ ତ ? ଏମିତି ବହୁ ପ୍ରଶ୍ନର ଉତ୍ତର ମିଳିବ ଫିଲ୍ମର ଶେଷରେ ।

ଜୀ ସାର୍ଥକ ସବୁବେଳେ ଓଡିଆ ଦର୍ଶକଙ୍କ ପର୍ବ ସମୂହକୁ ଧ୍ୟାନରେ ରଖି ମନଛୁଆଁ ଫିଲ୍ମ ଆଣିଥାଏ । ନୂଆ ଓ ଭିନ୍ନ କାହାଣୀ ସହିତ ଦର୍ଶକଙ୍କୁ ବାନ୍ଧି ରଖିବାରେ ସଫଳ ହୋଇଛି ଜୀ ସାର୍ଥକ । ଏହି ଫିଲ୍ମ ମଧ୍ୟ ଦର୍ଶକଙ୍କ ମନ ଜିତିବ ବୋଲି କହିଛନ୍ତି ଜୀ-ସାର୍ଥକର ଚିଫ୍ ଚ୍ୟାନେଲ୍ ଅଫିସର ପ୍ରତୀକ ସିଲ୍।

ତୃତୀୟ ପୃଷ୍ଠାରୁ...

## ନୂଆ 'ସୁପ୍ରିମୋ'...

ସବୁଆଡ଼େ ପାଣ୍ଡିଆନ୍‌ଙ୍କ ଫଟୋ ଓ କଟ୍‌ଆଉଟ୍ ବାବଦରେ ରାଜକୋଷରୁ ଓ ଅନ୍ୟାନ୍ୟ ସୂତ୍ରରୁ କେତେ ଖର୍ଚ୍ଚ ହୋଇଥିବ, ତାହାର ହିସାବ କେବଳ ପାଣ୍ଡିଆନ୍‌ଙ୍କୁ ହିଁ ଜଣା। ପୁଣି ସବୁ କଲେଜ୍ ଛାତ୍ରଙ୍କୁ ବୃତ୍ତି ଦେବା ପ୍ରତିଶ୍ରୁତିରେ ସେ ଶତାଧିକ କଲେଜ୍‌ରେ ସଭା କରିଥିଲେ। ତାହାର ହିସାବ ଯୋଡ଼ିବା ମଧ୍ୟ ଜଟିଳ। ସେହିପରି ତୁଚ୍ଛାରେ ରୂପାନ୍ତରିତ କୁହାଯାଉଥିବା ପ୍ରାୟ ୫୦ ହଜାର ସ୍କୁଲରେ ବିଜେଡିର ରଂଗ ଲେପନ ଓ ନବୀନ-ପାଣ୍ଡିଆନ୍‌ଙ୍କ ଫଟୋ ଖଚିତ 5T ଷ୍ଟିକର ଲାଗିବା ବାବଦରେ ଆଖିବୁଜା ବ୍ୟୟ କରାଯାଇଥିଲା। କେନ୍ଦୁଝର ଜିଲ୍ଲାର କିଛି ସ୍କୁଲରେ ଏଥିପାଇଁ ଡିଏମ୍‌ଏଫ୍ ପାଣ୍ଠିରୁ ୮ କୋଟି ଟଙ୍କା ଖର୍ଚ୍ଚ ହୋଇଥିବାରୁ ସାରା ରାଜ୍ୟରେ ରଂଗ ଓ ଷ୍ଟିକର୍‌ମରା ଖର୍ଚ୍ଚ କେତେ ଅନୁମାନ କରାଯାଇପାରେ। ହଜାର ହଜାର କୋଟି ଟଙ୍କା ବ୍ୟୟରେ ଚାଲିଲା ବିବାଦୀୟ 5T ରୂପାନ୍ତରଣ। ଏହି ବ୍ୟୟବହୁଳ କୌଶଳରେ ପାଣ୍ଡିଆନ୍ ନିଜକୁ ରୂପାନ୍ତରୀତ କଲେ ବାବୁରୁ ରାଜନେତାରେ।

ନିର୍ବାଚନ ଘୋଷଣାକୁ କିଛି ମାସ ବାକି ଥିବା ବେଳେ ନକ୍ସଲ ସମସ୍ୟାର ସମୀକ୍ଷା ପାଇଁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ସାହା ସରକାରୀ କାର୍ଯ୍ୟକ୍ରମରେ ଆସିଲେ ଓଡ଼ିଶା। ସଚିବାଳୟରେ ବୈଠକ ହେବା ପୂର୍ବରୁ ଶ୍ରୀ ଶାହା ହୋଟେଲ୍‌କୁ ଡାକି ପାଣ୍ଡିଆନ୍‌ଙ୍କ ସହ ଗୋପନ ଆଲେଚନା କଲେ। ସେଇଠୁ ଆରମ୍ଭ ହେଲା ବିଜେଡ଼ି-ବିଜେପିର ମେଣ୍ଟ ସମ୍ଭାବନା ଚର୍ଚ୍ଚା। ୨୦୨୩ ସେପ୍ଟେମ୍ବରରେ ପାଣ୍ଡିଆନ୍ ଆଇଏଏସ୍ ଚାକିରିରୁ ସ୍ୱେଚ୍ଛାକୃତ ଅବସର ପାଇଁ ଆବେଦନ କଲେ। ନିର୍ଦ୍ଧାରିତ ନୀତି-ନିୟମର ଅନୁସରଣ ବିନା କେନ୍ଦ୍ର ସରକାର ୨୦୨୩ ସେପ୍ଟେମ୍ବର (ପୂଜା ଛୁଟି)ରେ ଏହାକୁ ସ୍ୱୀକୃତି ଦେଲେ। ଦିନେ ନଯାଉଣୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପାଣ୍ଡିଆନ୍‌ଙ୍କୁ ମୁଖ୍ୟ ସଚିବ ପାହ୍ୟାର ସ୍ୱାଚ୍ଛନ୍ଦ୍ୟ ସହ 5T ଅଧ୍ୟକ୍ଷ ନିଯୁକ୍ତ କଲେ। ଏଥି ସହ ସେ ହେଲେ 'ମୋ ଓଡ଼ିଶା ମୋ ପରିବାର'ର ସର୍ବେସର୍ବା। ବିଜେପି ସହ ନିର୍ବାଚନୀ ମେଣ୍ଟ ଚୂଡ଼ାନ୍ତ ହେବା ପୂର୍ବରୁ ବିଜେଡ଼ି ନେତା ଭାବେ ପାଣ୍ଡିଆନ୍ ରାଜନୈତିକ ବିବୃତି ଦେଇ ଚାଲିଲେ। ସିଏନ୍‌ଏନ୍, ନ୍ୟୁଜ୍-୧୮ ଓ ହିନ୍ଦୁସ୍ତାନ ଟାଇମ୍ସର ମିଳିତ ଆୟୋଜନରେ ଅନୁଷ୍ଠିତ 'ରାଇଜିଂ ଭାରତ' ସମ୍ମିଳନୀରେ ବିଜେଡି ନେତା ଭାବେ ଯୋଗଦେଇ ସେ କହିଲେ, "ପ୍ରଧାନମନ୍ତ୍ରୀ ମୋଦୀ ଓ ମୁଖ୍ୟମନ୍ତ୍ରୀ ନବୀନ ଉଭୟେ ନିଜ ଦମ୍‌ରେ ନିର୍ବାଚନ ଜିତିପାରିବେ। ଦେଶର ବୃହତ୍ତର ସ୍ୱାର୍ଥ ପାଇଁ ଉଭୟ ହାତ ମିଳାଇବାକୁ ଚାହାନ୍ତି। ନିଃସନ୍ଦେହରେ ମୋଦୀ ପ୍ରଧାନମନ୍ତ୍ରୀ ହେବେ ଓ ନବୀନ ହେବେ ମୁଖ୍ୟମନ୍ତ୍ରୀ"। ଶେଷରେ ମେଣ୍ଟ ନୋହିଲା। ଦଳର ତାରକା ପ୍ରଚାରକ ତାଲିକାରେ ନବୀନଙ୍କ ପରେ ଦ୍ୱିତୀୟ ସ୍ଥାନରେ ଥିବା ପାଣ୍ଡିଆନ୍ ଦଳର ବ୍ୟୟବହୁଳ ପ୍ରଚାର ଅଭିଯାନର ନେତୃତ୍ୱ ନେଇ ସାରା ଓଡ଼ିଶା ବୁଲିଲେ। ହାତଗଣତି ସଭା/ସମାବେଶକୁ ବାଦ୍ ଦେଲେ ନବୀନ ଅଧିକାଂଶ ସମୟ ରହିଲେ ନବୀନ ନିବାସରେ। ଏଥିପାଇଁ ରାଜକୋଷରୁ ହୋଇଥିବା ଦୁରୁପଯୋଗର ପୁଳାପୁଳା ପ୍ରମାଣ ରହିଛି। ତେବେ ପାଣ୍ଡିଆନ୍‌ଙ୍କ ଦ୍ୱାରା ଜାରି ରହିଥିବା ଘୋର ଆର୍ଥିକ ବିଶୃଙ୍ଖଳା ଓ ଅରାଜକତା ପଛରେ ନବୀନଙ୍କ ଖୋଲା ସମର୍ଥନ ଥିବାରୁ ଦଳ କିମ୍ବା ସରକାରରେ କେହି ମୁହଁ ଖୋଲିବାକୁ ସାହସ କରିନଥିଲେ।

### 'ସମ୍ପୂର୍ଣ୍ଣ କ୍ଷମତାରୁ ସମ୍ପୂର୍ଣ୍ଣ ବ୍ୟଭିଚାର'

୨୦୧୯ ନିର୍ବାଚନ ବେଳକୁ ପ୍ରାର୍ଥୀ ଚୟନ କ୍ଷମତା ବସ୍ତୁତଃ କେନ୍ଦ୍ରୀଭୂତ ହେଲା ପାଣ୍ଡିଆନ୍‌ଙ୍କ ହାତରେ। ସେହି ନିର୍ବାଚନରେ ଦଳର ବିଜୟ ପାଇଁ ତାଙ୍କ ଚାଟୁକାରମାନେ ଶ୍ରେୟ ଦେଲେ ପାଣ୍ଡିଆନ୍‌ଙ୍କୁ। ଆଉ ପଞ୍ଚମ ଥର ପାଇଁ ନବୀନ ହେଲେ ମୁଖ୍ୟମନ୍ତ୍ରୀ। ଯୋଗ୍ୟତା/ଅନୁଭୂତି/ ପାରଦର୍ଶିତା ନିର୍ବିଶେଷରେ ପାଣ୍ଡିଆନ୍‌ଙ୍କ ବଛାବଛା ଚାଟୁକାରଙ୍କୁ ମିଳିଲା ମନ୍ତ୍ରୀ ପଦ। ଦଳରେ ପାଣ୍ଡିଆନ୍‌ଙ୍କ ଦଖଲକୁ ନବୀନଙ୍କ ଆଖିବୁଜା ସମର୍ଥନ ଓ ଚାଟୁକାରଙ୍କ ତୋଷାମଦିରେ ସେ ପାଲଟିଲେ ସରକାର ତଥା ଦଳର ଏକମାତ୍ର ହୁକୁମଦାତା। ପାଣ୍ଡିଆନ୍‌ଙ୍କ ଅରାଜକତା ବିରୋଧରେ ଯଦି କେହି ମୁହଁଖୋଲିଲେ, କିଛି ନଶୁଣି ନବୀନ ସେମାନଙ୍କୁ ବହିଷ୍କାର କଲେ। ସଂଖ୍ୟାଲଘୁ ବିରୋଧୀ ଦଳର ପ୍ରତିବାଦକୁ ବେଖାତିର କରି ୨୦୨୪ ନିର୍ବାଚନ ପର୍ଯ୍ୟନ୍ତ ଜାରି ରହିଲା ଏଭଳି ଅନେକ ମେଗାଦୁର୍ନୀତି ଓ ଅରାଜକତା। ରାଜକୋଷରୁ ଚାଲିଲା ଆଖିବୁଜା ଲୁଟ୍।

### ଅଦ୍ଭୁତ କ୍ଷମତା ନିଶା

ପାଣ୍ଡିଆନ୍‌ଙ୍କ କ୍ଷମତା ନିଶା ଅଦ୍ଭୁତ। ଯେହେତୁ ସବୁ ବିଭାଗର କାର୍ଯ୍ୟାବଳୀ ତର୍ଜମା/ମୂଲ୍ୟାୟନ 5-T ଅଧୀନସ୍ଥ ହେଲା, ତେଣୁ ପାଣ୍ଡିଆନ୍ ପାଲଟିଗଲେ ସର୍ବେସର୍ବା। ପରବର୍ତ୍ତୀ ସମୟରେ 'ମୋ ସରକାର', 'ନୂଆ ଓ' ଇତ୍ୟାଦି ବିଭିନ୍ନ ପରିକଳ୍ପନା ନାମରେ ରାଜ୍ୟର ସମଗ୍ର ଶାସନକୁ ସେ ନିଜ ଇଚ୍ଛାରେ ପରିଚାଳନା କଲେ। ସମ୍ପୂର୍ଣ୍ଣ କ୍ଷମତା ବଳରେ ସେ ସମ୍ପୂର୍ଣ୍ଣ ଭ୍ରଷ୍ଟାଚାରକୁ ନୀତିରେ ପରିଣତ କଲେ। କିଛି ଦିନ ପରେ ବିଲେଇ କପାଳକୁ ଶିକା ଛିଣ୍ଡିବା ଭଳି ୨୦୨୦ରେ କରୋନା ମହାମାରିରୁ ଫାଇଦା ଉଠାଇ ପାଣ୍ଡିଆନ ହେଲେ ଏକାଙ୍ଗ ଚକ୍ରବର୍ତ୍ତୀ। ସଂକ୍ରମଣ ଆଶଙ୍କାରେ ମୁଖ୍ୟମନ୍ତ୍ରୀ ସଚିବାଳୟ କିମ୍ବା ବିଧାନସଭାକୁ ଆସଲେ ନାହିଁ କିମ୍ବା ସେହି ଆଳରେ ତାଙ୍କୁ ନବୀନ ନିବାସରେ ଆବଦ୍ଧ ରଖାଗଲା। ମୁଖ୍ୟ ସଚିବଙ୍କ ଠାରୁ ଆରମ୍ଭ କରି ବରିଷ୍ଠ ପ୍ରଶାସକଙ୍କ ସମେତ ଦଳର ମନ୍ତ୍ରୀ, ବିଧାୟକ ପାଇଁ ନବୀନ ନିବାସ ଫାଟକ ସବୁଦିନ ପାଇଁ ବନ୍ଦ ହୋଇଗଲା। ନବୀନଙ୍କ ଛାଇ ଭଳି ସେଠାରେ ବିଚରଣ କଲେ କେବଳ ପାଣ୍ଡିଆନ୍। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଥିବା ଆଳରେ ଚାଲିଲା ସୁପର୍ ମୁଖ୍ୟମନ୍ତ୍ରୀ ପାଣ୍ଡିଆନ୍‌ଙ୍କ ରାଜ୍। ମନ୍ତ୍ରୀ ପରିଷଦର ସର୍ବେସର୍ବା ଭଳି ସେ ଘୋଷଣା କଲେ ଯୋଜନା ଓ ତାଙ୍କ ହୁକୁମରେ ରାଜକୋଷରୁ ଗଲା ଟଙ୍କା। ଫଳରେ ନିରଙ୍କୁଶ ଭ୍ରଷ୍ଟାଚାର ପାଇଁ ବାଟ ଫିଟିଲା।

ଏହି ସମୟରେ ଦଳୀୟ ବୈଠକରେ ତାଙ୍କ ମୁହଁରୁ ବାହାରିଥିଲା ଉତ୍ତରାଧିକାରୀ ପ୍ରସଙ୍ଗ। ସେ କହିଥିଲେ, ତାଙ୍କ ପରିବାରରୁ କେହି ତାଙ୍କ ଉତ୍ତରାଧିକାରୀ ହେବେ ନାହିଁ, ବରଂ ଲୋକେ ବାଛିବେ ତାଙ୍କ ଉତ୍ତରାଧିକାରୀ। ଏହା ପରେ ଘନୀଭୂତ ହୋଇଥିଲା ନବୀନଙ୍କ ଉତ୍ତରାଧିକାରୀ ଚର୍ଚ୍ଚା। ପାଣ୍ଡିଆନଙ୍କ ପ୍ରଭାବ ଓ ହାବ-ଭାବରୁ କୌଣସି ସ୍ପଷ୍ଟ ସୁରାକ ମିଳୁନଥିବା ବେଳେ ଆଉ ଏକ ଚର୍ଚ୍ଚା ତତ୍‌କ୍ଷଣାତ୍ ଉଙ୍କି ମାରିଥିଲା। ଶୁଣାଗଲା ନବୀନଙ୍କ ସଂଗରୋଧ କାଳରେ ପାଣ୍ଡିଆନଙ୍କ ପତ୍ନୀ ସୁଜାତା ନବୀନ ନିବାସ ଯାଇ ତାଙ୍କ ଦେଖାଶୁଣା କରୁଛନ୍ତି। ଯେହେତୁ ସୁଜାତା ଓଡ଼ିଆ ଝିଅ ଏବଂ ମିଶନ୍ ଶକ୍ତି ଜରିଆରେ ବିଜେଡିର ମହିଳା ଭୋଟ ବ୍ୟାଙ୍କକୁ ମଜବୁତ କରିଛନ୍ତି, ସେ ଦୃଷ୍ଟିରୁ ତାଙ୍କୁ ହିଁ ନବୀନ ଉତ୍ତରାଧିକାରୀ ଘୋଷଣା କରିପାରନ୍ତି ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ତେବେ ନବୀନଙ୍କ ସେବା ପାଇଁ ଚର୍ଚ୍ଚିତ ଫିଜିଓ ଥେରାପିଷ୍ଟ ଶ୍ରଦ୍ଧାଙ୍କ ଆବିର୍ଭାବ ପରେ ଏହି ଚର୍ଚ୍ଚାର ମୋଡ଼ ବଦଳିଗଲା। ପାଣ୍ଡିଆନ୍ ଆଇଏଏସ୍ ଚାକିରିରୁ ଭିଆର୍‌ଏସ୍ ନେଇ ବିଜେଡି ମଙ୍ଗ ଧରିବା ପରେ ସୁଜାତା ଆଉ ନବୀନ ନିବାସ ଗଲେନି, ବରଂ ନିର୍ବାଚନ ଘୋଷଣା ପରେ ସେ ଗଲେ ୬ ମାସ ଛୁଟିରେ। ଯଦି ପାଣ୍ଡିଆନ୍‌ଙ୍କ ବଦଳରେ ସୁଜାତା ଭିଆର୍‌ଏସ୍ ନେଇ ବିଜେଡିର ନିର୍ବାଚନୀ ସଭାରେ ଉଭା ହୋଇଥାନ୍ତେ, ନିର୍ବାଚନରେ ହୁଏତ 'ଓଡ଼ିଆ ଅସ୍ମିତା' ନାରା ସେତେ ଦାନା ଧରିନଥାନ୍ତା ବୋଲି ଦଳର ଅଧିକାଂଶ ନେତା ସ୍ୱୀକାର କରୁଛନ୍ତି।

ନବୀନଙ୍କ ଚଳନ୍ତି ପ୍ରତିମା ଭଳି ସରକାର ପରେ ଦଳରେ ପ୍ରଭାବ ବିସ୍ତାର କରିଥିବା ପାଣ୍ଡିଆନ୍ ଶେଷରେ ନବୀନଙ୍କୁ ଦୂରେଇ ରଖି ନିଜେ ପ୍ରଚାର ଅଭିଯାନର ନେତୃତ୍ୱ ନେବା ଦଳପାଇଁ ମହଙ୍ଗା ପଡ଼ିଲା। ତୃତୀୟ ପର୍ଯ୍ୟାୟ ଭୋଟ ଶେଷ ହେବାଯାଏ ଭୋଟ କୁଆଡ଼େ ଯାଉଛି, ତାହାର ଟେର୍ ପାଇନଥିଲେ ନବୀନ। ଅବଶିଷ୍ଟ ଦୁଇଟି ପର୍ଯ୍ୟାୟର ଭୋଟ୍ ବାକିଥିବା ବେଳେ 'ପାଣ୍ଡିଆନ୍ ତାଙ୍କ ଉତ୍ତରାଧିକାରୀ ନୁହଁନ୍ତି' ବୋଲି ଘୋଷଣା କରିବାକୁ ବାଧ୍ୟ ହେଲେ ନବୀନ। ମାତ୍ର ସେତବେଳକୁ ଚକି ଗୁଡ଼ କହୁଣୀକୁ ବହିଯାଇଥିଲା।

## କଥାଟିଏ କହୁଁ (୩)



ପ୍ରଶାନ୍ତ ନନ୍ଦ

୧୯୫୮-୫୯ ବେଳର କଥା। ସେତେବେଳକୁ ମୁଁ କଟକ ଆକଶବାଣୀ 'ଶିଶୁ ସଂସାର'ରେ ନିୟମିତ କଳାକାର ହେଇଗଲିଣି। ତା' ପରେ ପରେ ମୁଁ ଆକାଶବାଣୀର ସ୍ୱୀକୃତି ପ୍ରାପ୍ତ କଳାକାର ହେଲି। ପ୍ରତ୍ୟେକ ରବିବାର ମତେ ମିଳେ ଗୋଟେ ଚେକ୍ ଦଶ ଟଙ୍କାର। ସେଇ ଚେକ୍ ପଛପଟେ ଦସ୍ତଖତ କରି ଆକାଶବାଣୀ ସାମ୍ନା ଚା ଦୋକାନୀକୁ ଦେଇଦେଲେ ସିଏ ସାଙ୍ଗେ ସାଙ୍ଗେ ଧରେଇ ଦିଏ ନଗଦ ସାଢ଼େ ନଅ ଟଙ୍କା। ମାସକୁ କେତେ ହେଲା ହିସାବ କଲେ

# ଆମ୍ବ ଗଛରେ ପିଜୁଳି !

ମୁଣ୍ଡ ଝାଇଁ ଝାଇଁ ହେଇ ଯାଉଥାଏ। ମୋ ବଡ଼ ଭାଇନା ସ୍କଲାରସିପ୍ ପାଉଥିଲେ ମାସକୁ ଚାରି ଟଙ୍କା। ତେଣୁ ମୁଁ ବୁଲି ବୁଲି କଳାବିକାଶ କେନ୍ଦ୍ର, ନ୍ୟାସ୍‌ନାଲ୍ ମ୍ୟୁଜିକ୍ ଆସୋସିଏସନ୍, ଉତ୍କଳ ସଂଗୀତ ସମାଜ ତରଫରୁ ମଞ୍ଚସ୍ଥ ନାଟକମାନଙ୍କରେ ମାତି ଏମିତି ନାଁ କଲି ଯେ ଧୀର ବିଶ୍ୱାଳ ଆଉ କବିରାଜ କୃଷ୍ଣଚନ୍ଦ୍ର ତ୍ରିପାଠୀ ତାଙ୍କ 'ଦସ୍ୟୁ ରତ୍ନାକର' ଚଳଚ୍ଚିତ୍ର ପାଇଁ ରତ୍ନାକରର ସାନବେଳର ଚରିତ୍ର ପାଇଁ ମତେ ବାଛିନେଲେ। ମନ ମୋର କୁଣ୍ଢେମୋଟ। 'ମୁଁ ସିନିମାରେ ପାର୍ଟ କରିବି' ଏଇ ଭାବନାରେ ଛଟପଟ ହଉଥାଏ କେବେ ସୁଟିଂ ହବ? ଜୀବନରେ ସୁଟିଂ କେବେ ଦେଖିନଥିଲି। ତେଣୁ କୌତୁହଳ ସବୁ ମୋତେ ଦିନରାତି କୁତୁକୁତୁ କରି ଛଟପଟ କରୁଥାଆନ୍ତି।

ସେ ସୁଦିନ ଆସିଲା। ଧୀରଭାଇଙ୍କ ସାଙ୍ଗେ ଆସ୍କା ଗଲୁ। ସେଇଠି ସୁଟିଂ ହବ। ସେଠି ପହଞ୍ଚିଲା ପରେ ଲୋକ ମାଳମାଳ। ସବୁଦିନ ଭୋଜି। ଡ୍ରାମାରେ ଟିଫିନ୍ ଦିଅନ୍ତି ଯେ ଜମା ଗୋଟିଏ ବରା, ଗୋଟିଏ ଆଳୁଚପ୍ ଆଉ ବରକୋଳି ସାଇଜ୍‌ର ଗୋଲାପଜାମୁ। ସେଥିରେ କୋଉ ପେଟ ପୂରେ? ଆଉ ମାଗିଲେ ମିଳେନି। କିନ୍ତୁ ଏଠି ଫିଲ୍ମରେ? ଦଶଟା ପୁରି ତରକାରୀ ଖାଇଲେ ବି କେହି କିଛି କହନ୍ତିନି ବରଂ କୁହନ୍ତି, 'ଆଉ ଦରକାର କି?' ବୁଝିଗଲି ନାଟକ ଆଉ ସିନିମା ଭିତରେ ଫରକଟାକୁ।

ପ୍ରଥମ ସୁଟିଂ କୁଆଡ଼େ ମୋର। ହଲକ ଶୁଖିଗଲା। ରିହରସାଲ୍ ହେଇନି, ମୁଁ କେମିତି କ'ଣ କରିବି? ଏ କଥା ଓ ଭାବନାରେ ସନ୍ତୁଳି ହେଇ ଜଗନ୍ନାଥଙ୍କୁ ବହେ ଡାକିଲି। ଆଉ କହିଲି, 'ମୁଁ କିଛି ଜାଣିନି କାଳିଆ, ତୁ ସବୁ କରେଇବୁ।' ଆସ୍କାର ଶେରଗଡ଼ ରାଜାଙ୍କ ଆମ୍ବ ବଗିଚା ଭିତରେ ସୁଟିଂ। ମୋର ମେକଅପ୍ ହେଇଗଲା। ମତେ ପାଇକଛା ମାରି ଧୋତି ପିନ୍ଧେଇ ଦିଆଗଲା। ଅଭ୍ୟାସ ନଥାଏ ଧୋତିପିନ୍ଧା। ଦି ପାହୁଣ୍ଡରେ ଥରେ ଛନ୍ଦି ହେଇ ପଡୁଥାଏ। ବଡ଼ ବଡ଼ ଭ୍ୟାନ୍। ସାଉଣ୍ଡ ଭ୍ୟାନ୍ ସେଇଟା। ଗୋଟାଏ ବଡ଼ ଜେନେରେଟର୍। ସେଇଟା ବହୁତ ଦୂରରେ ରହିଲା। ତା'ର ଶବ୍ଦ କୁଆଡ଼େ ବହୁତ ବେଶୀ। ତେଣୁ ତା ଗର୍ଜନ କେମିତି ସୁଟିଂ ଜାଗାରେ ନ ପହଞ୍ଚିବ ତା ବ୍ୟବସ୍ଥା ସବୁ କରୁ




ଥାଆନ୍ତି। ଡାଇଲଗ୍ ଫାଇଲଗ୍ କିଛି ନାହିଁ। ମତେ ଅଣ୍ଟିରେ ଥୋଡାଏ ପିଜୁଳି ଦେଇ ଦି ଚାରିଜଣ ମତେ ଆମ୍ବଗଛର ଗୋଟେ ଡାହି ଉପରେ ଚଢ଼େଇ ବସେଇ ଦେଲେ। ମୁଁ କହିଲି, 'ଏଠି କାହିଁକି?' ଧୀରଭାଇ କହିଲେ, 'ତୋର ସୁଟିଂ ହବ। ତୁ ଗଛରୁ ଗୋଟେ ଗୋଟେ ପିଜୁଳି ତୋଳି ଅଣ୍ଟିରେ ରଖିବୁ।' ମୁଁ ଫେଁକିନା ହସିଦେଲି। କହିଲି, 'ଧୀରଭାଇ ଏଇଟା ପରା ଆମ୍ବଗଛ, ଏଠୁ କେମିତି ପିଜୁଳି ତୋଳିବି?' ଧୀରଭାଇ ଟିକେ ଚଢ଼ା ଗଳାରେ କହିଲେ, 'ନୂଆ ନୂଆ ଆସିଛୁ, କିଛି ଜାଣିନୁ। ଇୟେ ପରା ଫିଲ୍ମ ! ଦେଖିବୁ ଏଇଟା ପିଜୁଳି ଗଛ ଭଳିଆ ଦେଖାଯିବ ସିନିମାରେ।' ମୁଁ ଚୁପ୍ ରହିଲି। ସ୍ୱର୍ଗକୁ ନିଶୁଣି ନାହିଁ କି ବଡ଼କୁ ଉତ୍ତର ନାହିଁ। ତା'ପରେ ତିନି ଚାରିଟା ଲୋକ ନାସିଲଗା ପିଜୁଳି ନେଇ ଆମ୍ବ ଗଛ ଡାଳରେ କଳା ସୂତାରେ ଗୁଡ଼େଇ ବାନ୍ଧି ଓହଳେଇ ଦେଲେ। ମୋର ପିଲାଦିନେ ପିଜୁଳି ଗଛ ଉପରେ ପିଜୁଳି ଖାଇବାର ଫଟୋ ଥିଲା। ତାକୁ ଦେଖି ସାଙ୍ଗମାନେ କହୁଥିଲେ, 'ଏ ପିଜୁଳି ଗଛ କାହାର' ? ଛାତି ଫୁଲେଇ ମୁଁ କହୁଥିଲି, 'ଆମ ବାଡ଼ି ପିଜୁଳି ଗଛର'। ହେଲେ ସେ ଫଟୋରେ ପତ୍ର ଦେଖି ସମସ୍ତେ ପିଜୁଳି ଗଛ ବୋଲି ଜାଣିନେଲେ। କିନ୍ତୁ ଏଠି ଇୟେ କି ଅଜବ କଥା ? ତା'ମାନେ ଫିଲ୍ମର ଫଟୋ ଆଉ ଏମିତି ଫଟୋ ଭିତରେ ଏତେ ଫରକ୍ !

ଚୁପ୍‌ଚାପ୍ ରହିଲି। ସୁଟିଂ ହେଲା। ଯାହା କହିଥିଲେ କଲି। ଆମ୍ବ ଗଛରୁ ଅତି ଯତ୍ନରେ ପିଜୁଳି ତୋଳିଲି ଆଉ ଡାଇଲଗ୍ ବି କହିଲି, 'ଖାଇବୁ ଆ'।

ଫିଲ୍ମ ରିଲିଜ୍ ହେଲା। ମୁଁ ଯାଇଥାଏ ପ୍ରଥମ ଦିନ। ପ୍ରଭାତ ଟକିଜ୍, କଟକ। ମୋର ସେ ସିନ୍ ଦେଖି ସବୁ ଲୋକ ଚିଲେଇଲେ, 'ୟେ କି ଅଜବ୍ କଥା ? ଆମ୍ବ ଗଛରେ ପିଜୁଳି ? ଧୀରଭାଇ ମୋ ପାଖରେ ବସିଥିଲେ। ଥିଇରି ହେଇ ବାହାରକୁ ଯେ ଗଲେ ଆଉ ତାଙ୍କର ଦେଖାନାହିଁ। ହାଫ୍‌ଟାଇମ୍ ବେଳକୁ ଲୋକ ଚିଲୋଉ ଥାଆନ୍ତି - 'ଆସରେ ଆସରେ ଦେଖିବ, ଆମ ନୂଆ ଫିଲ୍ମରେ ଗୋଟେ ଆଶ୍ଚର୍ଯ୍ୟ ଜିନିଷ। ଆମ୍ବ ଗଛରେ ପିଜୁଳି - ଆମ୍ବ ଗଛରେ ପିଜୁଳି।' ମୋ ପାଖକୁ ଯେତେବେଳେ ସେମାନେ ଆସିଲେ ମୁଁ ସେଠୁ ଏକା ନିଃଶ୍ୱାସରେ ଛୁ - ଉ - ଉ - ଉ ହେଇଗଲି।

# ମନ-ମୋହନ ଗଲେ ଦିଲ୍ଲୀ, ଜ୍ୱରେ କମ୍ପଇ ନୟାପଲ୍ଲୀ

ନାରାୟଣ, ନାରାୟଣ, ଯେତେଥର ମନ-ମୋହନ ଯୋଡ଼ି (ପଦ୍ମଦଳର ରାଜ୍ୟ ସଭାପତି ବାବୁ ମନମୋହନ ସାମଲ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ) ଦିଲ୍ଲୀ ଯାଉଛନ୍ତି ସେତେଥର ନୟାପଲ୍ଲୀ ମାନେ ଭୁବନେଶ୍ୱରକୁ ଜ୍ୱର ଧରୁଛି। ତାପରେ ତ ଆରମ୍ଭ ହେଇଯାଉଛି କେତେ କଣ ଚର୍ଚ୍ଚା। ଅମୁକ ମନ୍ତ୍ରୀ ଯିବେ, ସମୁକ ନୂଆ ହୋଇ ଆସିବେ। ସବୁ ତାଲିକା ଫାଇନାଲ ହେଇଗଲାଣି, ଖାଲି ଘୋଷଣା ହେବା ବାକି। ଆଉ



କିଏ କହୁଛି, ଖାଲି କଣ ଏଠି ଭୁବନେଶ୍ୱରରେ ମନ୍ତ୍ରିମଣ୍ଡଳ ବଦଳିବ? ସେଠି ଦିଲ୍ଲୀରେ ବି ଢେର୍ ଅଦଳ ବଦଳ ହେବ। ଦଳର ନୂଆ କେନ୍ଦ୍ରୀୟ ସଭାପତି ଘୋଷଣା ହେଇଗଲା ପରେ ନୂଆ ମନ୍ତ୍ରୀମାନେ ଶପଥ ନେବେ। ଓଡ଼ିଶାରୁ ମନ୍ତ୍ରୀ ଥିବା ବାବୁ ଜୁଏଲ ଓରାମ ଆଉ ଭିଡ଼କୁ ପାରୁନାହାନ୍ତି। ସେ ଓହରିଗଲେ ତାଙ୍କ ଜାଗାରେ ଆଉ ଜଣେ କିଏ ମନ୍ତ୍ରୀ ହେବ। ସେଇ 'କିଏ'ଟି କେଉଁ ନେତା ତାକୁ ନେଇ ବାଲେଶ୍ୱରରୁ ପ୍ରତାପ ଷଡ଼ଙ୍ଗୀଙ୍କଠାରୁ ଆରମ୍ଭ କରି ପୁରୀର ସମ୍ବିତ ପାତ୍ରଙ୍କ ପର୍ଯ୍ୟନ୍ତ ବିଭିନ୍ନ ସାଂସଦଙ୍କ ନାମ ଚର୍ଚ୍ଚା। ଯିଏ ଯାହା ନାମ ପାଉଛି ସେଇ କଳ୍ପିତ ତାଲିକାରେ ଭର୍ତ୍ତି କରିଦେଉଛି। ସହଜରେ ତ ବାବୁ ନରେନ୍ଦ୍ର ମୋଦୀ 'ସକ୍ ଟ୍ରିଟ୍‌ମେଣ୍ଟ' ଦେବାରେ ଓସ୍ତାଦ। ସେ ଏମିତି ନାଁ ଉଠେଇ ମନ୍ତ୍ରୀପଦ ଦେଇଦେବେ ଯାହାଙ୍କ କଥା କେହି ଭାବିନଥିବେ। ସୁତରାଂ ମନ-ମୋହନ ଦିଲ୍ଲୀ ଚର୍ଚ୍ଚା ସହିତ ଏଠି ରାଜନୈତିକ ଚର୍ଚ୍ଚା ଜୋର୍ ଧରୁଛି। ଏକଥାଟି ହୁଏ ତ କିଛି ଲୋକଙ୍କୁ ଭଲ ଲାଗୁଥାଇପାରେ, ମାତ୍ର ସାଧାରଣ ଲୋକଙ୍କୁ ନୁହେଁ। ଏହା ଫଳରେ ଶାସନ ମଧ୍ୟ ଗୋଟେ ତରଳ ଅବସ୍ଥାରେ ରହୁଛି। ଦେଖୁଦେଖୁ ଆଉ କେଇଟା ଦିନ ପରେ ଦେଢ଼ବର୍ଷ ପୂରିବ। ବର୍ତ୍ତମାନ ସମୟକୁ ଶାସନର ପାଦ ଦୃଢ଼ ଏବଂ ଗତିପଥ ନିର୍ଦ୍ଦିଷ୍ଟ ମୋଡ଼ ନେଇଯିବା କଥା। ସୁତରାଂ ଏ ଧରଣର ଗୁଡ଼ିଉଡ଼ା ଚର୍ଚ୍ଚା କିଭଳି ବନ୍ଦ ହେବ ସେ ଦିଗରେ ଦୁଇ ବରିଷ୍ଠ ନେତା ଧ୍ୟାନଦେବା ଆଶା କରାଯାଏ।

# ସମାଧାନ ହିଁ ସମସ୍ୟା

ସରକାରର ଦୃଶ୍ୟମାନ ଶକ୍ତିଶାଳୀ ଚେହେରାଟି ହେଲା ପୁଲିସ ବିଭାଗ। ସେହି ବିଭାଗର ସଫଳତା ଉପରେ ବହୁକଥା ନିର୍ଭର କରେ। ମାତ୍ର ବର୍ତ୍ତମାନ ଓଡ଼ିଶାରେ ଦେଖାଦେଉଛି, ପୁଲିସ ସମସ୍ୟାର ସମାଧାନ କରିବ କଣ ଓଲଟି ସରକାରଙ୍କ ପାଇଁ ନୂଆ ସମସ୍ୟା ଠିଆ କରାଉଛି। ଦୁଇଟି ଉଦାହରଣ ଦେବା। ବାଲେଶ୍ୱର ଏଫ ଏମ କଲେଜରେ ଛାତ୍ରୀ ଆତ୍ମାହୁତି ଘଟଣା ଯୋଗୁଁ ସରକାର ହଟହଟା ହେଲେ। ବିରୋଧୀ ଦଳ ଶୁଖିଲାଟାରେ ଗୋଟେ ପ୍ରସଙ୍ଗ ପାଇଗଲେ। ଏହି ସମସ୍ୟାଟିକୁ ଯଦି ଚାହିଁଥାନ୍ତେ ସେ କଲେଜର ପ୍ରିନ୍ସିପାଲ ଢେର୍ ଆଗରୁ ସମାଧାନ କରିପାରିଥାନ୍ତେ। ପୁଲିସ ମଧ୍ୟ ଥରୁଟାଏ ସେହି ଅଧ୍ୟାପକଙ୍କୁ ଧମକଟାଏ ଦେଇଥିଲେ କଥା ଏତେବାଟକୁ ଆସିନଥାନ୍ତା। ମାତ୍ର ସେମାନେ ତାହା କଲେ ନାହିଁ। ଓଡ଼ିଶା ବନ୍ଦ ହେଲା, ମନ୍ତ୍ରୀମାନଙ୍କ ଇସ୍ତଫା ଦାବି ହେଲା। ଏହାପରେ ଅନ୍ତତଃ ଆଶା କରାଯାଉଥିଲା ପୁଲିସ ବିଭାଗ ଟିକେ ଚେଇଁବ। ସମୟର ପରିବର୍ତ୍ତିତ ଆହ୍ୱାନକୁ ଚିହ୍ନିବ। କିନ୍ତୁ ଆମର ଏ ଧାରଣା ଭୁଲ। ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବଡ଼ପଡ଼ା ଗାଁ ଘଟଣାରେ ପୁଲିସର ନିଷ୍କ୍ରିୟତା ଯୋଗୁ ସରକାର ପୁଣି ସମାଲୋଚିତ ହେଲେ। ସଂଗୀତା ପରିଡ଼ାର ମୃତ୍ୟୁ ହତ୍ୟା ନା ଆତ୍ମହତ୍ୟା, ଏହା ଅନରକିଲିଂ ନା ଆଉକିଛି ତାହା ଖୁବ୍ ଶୀଘ୍ର ହୁଏତ ଜଣାପଡ଼ିବ; ମାତ୍ର ବାପଟି ଯେତେବେଳେ ଅଭିଯୋଗ ନେଇ ପୁଲିସ ପାଖକୁ ଯାଇଥିଲେ ସେତେବେଳେ ସଂପୃକ୍ତ ଯୁବକଟିକୁ ପୁଲିସ ଥାନାକୁ ଡାକି ପଚରାଉଚୁରା କରିନଥିଲା କାହିଁକି? ଅଶ୍ଳୀଳ ଭିଡ଼ିଓ ପ୍ରସାରଣ ଏକ ଧର୍ତ୍ତବ୍ୟ ଅପରାଧ। ପୁଲିସ ସେତକ କରିଥିଲେ ହୁଏତ ଘଟଣାଟା ଅନ୍ୟ ଦିଗକୁ ଯାଇଥାନ୍ତା। ଏ ଦୁଇଟି ନୁହେଁ, ଅଧିକାଂଶ ଘଟଣାରୁ ଜଣାପଡୁଛି ଓଡ଼ିଶା ପୁଲିସ ସରକାରଙ୍କ ଭାବମୂର୍ତ୍ତି ରକ୍ଷା ଦିଗରେ ସହାୟକ ହେଉନାହିଁ, ବରଂ ସମସ୍ୟା ସୃଷ୍ଟି କରୁଛି।




# ଭୁବନେଶ୍ୱରରେ ବି ହେବ ଭୋଜି



ପୂର୍ବତନ ସାଂସଦ ପିନାକୀ ମିଶ୍ର ଏବଂ ମହୁଆ ମୈତ୍ରଙ୍କ ବାହାଘର ଜର୍ମାନୀର ବର୍ଲିନରେ ଗତ ମଇ ମାସ ୩ ତାରିଖରେ ହୋଇଥିଲା। ଓଡ଼ିଶାର ଲୋକମାନେ ଭୋଜି ଖାଇ ପାରିଲେ ନାହିଁ। କିଛିକାଳ ନିରବ ରହିବାପରେ ବାବୁ ପିନାକୀ ମିଶ୍ର ଏଇ ସପ୍ତାହରେ ଗୋଟାଏ ବଡ଼ ଭୋଜି ଦିଲ୍ଲୀରେ ଦେଇଛନ୍ତି। ସେଇଠି କିଛି ପଚାରିଲେ, ଦିଲ୍ଲୀରେ ତ ହେଲା, ଭୁବନେଶ୍ୱରରେ କେବେ? ବାବୁ ପିନାକୀ ମିଶ୍ର ବଡ଼ ଓକିଲ୍, ଦିଲ୍‌ଦାର ଲୋକ। ସେ ମୁରୁକୁ ହସି ତୁନି ରହିଥିଲେ। ତାହାର ଅର୍ଥ କାଳେ ଖୁବ୍ ଶୀଘ୍ର ସେ କାର୍ଯ୍ୟ ସଂପନ୍ନ ହେବ, ଶ୍ରାବଣ ପୂର୍ଣ୍ଣିମାଟି ଯାଉ। ସୁତରାଂ ଭୁବନେଶ୍ୱରରେ ଥିବା ପିନାକୀଙ୍କ ବନ୍ଧୁମାନେ ଖୁବ୍ ଶୀଘ୍ର ଏକ ଭବ୍ୟ ଓ ଦିବ୍ୟ ଭୋଜିର ଆଶା ରଖିପାରନ୍ତି। ଇତ୍ୟବସରରେ ଦିଲ୍ଲୀର ବିଳାସପୂର୍ଣ୍ଣ ଲଳିତ ହୋଟେଲରେ ସଂପନ୍ନ ପିନାକୀଙ୍କ ବାହାଘର ଭୋଜିର ଚର୍ଚ୍ଚା ଦିଲ୍ଲୀ ସାରା ଚାଲିଛି। ଏହି ଭୋଜିରେ କଂଗ୍ରେସର ମୁଖ୍ୟା ସୋନିଆ ଗାନ୍ଧୀ, ସମାଜବାଦୀ ପାର୍ଟି ନେତା ଡିମ୍ପଲ ଯାଦବ, ବୀରେନ୍ଦ୍ର ସିଂହ, ତୃଣମୂଳ କଂଗ୍ରେସର କିଛି ନେତା, ପ୍ରମୁଖ ମଧ୍ୟ ଏହି ଭୋଜିରେ ଉପସ୍ଥିତ ଥିଲେ। ବିଜେଡିର ସାଂସଦ ସୁଲତା ଦେଓ ମଧ୍ୟ ସେହି ଭୋଜିରେ ଯୋଗ ଦେଇଥିଲେ। ପିନାକୀ ମିଶ୍ରଙ୍କ ନବପରିଣିତା ପତ୍ନୀ ଲାଲଶାଢ଼ୀରେ ସଜ୍ଜିତା ହୋଇ ବନ୍ଧୁମାନଙ୍କୁ ଶଂଖୋଳିଥିଲେ। ଆଶା କରାଯାଉଛି ଏପଟେ ବିଜେଡି ସୁପ୍ରିମୋ ଟିକେ ଠିକ୍ ହେଇଗଲା ପରେ ଭୁବନେଶ୍ୱର ଭୋଜିର ତାରିଖଟା ଘୋଷଣା କରିଦେବେ ବାବୁ ପିନାକୀ।

# ସୁବାସଙ୍କ ପାଇଁ ଅଡୁଆ ଗଗନ

କଟକ ମହାନଗର ନିଗମର ମେୟର ବାବୁ ସୁବାସ ସିଂହଙ୍କ ପାଇଁ ଛବିଶ ନମ୍ବର ୱାର୍ଡ଼ର କର୍ପୋରେଟର ଗଗନ ଓଝା ଜାଣ କଣ୍ଟା ହୋଇଛନ୍ତି। ପ୍ରତି ବୈଠକରେ ଗଗନ ମେୟରଙ୍କୁ ବିରୋଧ କରୁଛନ୍ତି ଏବଂ ଉଗ୍ରରୂପ ଧାରଣ କରି ତାଙ୍କ ପ୍ରତି ତର୍ଜନୀ ନିର୍ଦ୍ଦେଶ କରୁଛନ୍ତି। ଏଥିରେ ବ୍ୟଥିତ ଓ ଉତ୍‌କ୍ଷିପ୍ତ ହୋଇ ମେୟର କହିବାର ଶୁଣାଯାଉଛି- ଯାହା କହିବାର ଅଛି କଥାରେ କୁହ, ମାତ୍ର ଆଙ୍ଗୁଳି ଦେଖାଅ ନାହିଁ। ମାତ୍ର ଗଗନ ଏକଥା ଶୁଣିବାକୁ ନାରାଜ। ଆଗ ଟାଇମ୍ ଅଲଗା ଥିଲା। ଏବେ ଡବଲ ଇଂଜିନ ସରକାର, ତାଙ୍କର ପାର୍ଟି ହେଲା ପାର୍ଟି- ଇନ ପାୱାର। ବାବୁ ସୁବାସ ସିଂହଙ୍କ କ୍ଷମତା ମଉଳା ଫୁଲର ସୁବାସ ପରି ହଜିବା ଉପରେ, ଗଗନ କାହିଁକି ତାଙ୍କ କଥାକୁ ଆଉ ଗୁରୁତ୍ୱ ଦେବେ? ବାବୁ ସୁବାସ ସିଂହଙ୍କ ସମସ୍ୟା ଅବଶ୍ୟ ଏତିକିରେ ସୀମିତ ନୁହେଁ। ସରକାର ବଦଳିବା ପରଠାରୁ ସତେ କି ତାଙ୍କର କଳା ହରଣ ହୋଇଯାଇଛି। ଆଗପରି ସେ କୌଣସି କାର୍ଯ୍ୟ କରାଇ ନେଇପାରୁ ନାହାନ୍ତି। ବାଦାମବାଡ଼ିରୁ ଲିଙ୍କରୋଡ଼ ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତୀକରଣ ଓ ସୌନ୍ଦର୍ଯ୍ୟକରଣ ପାଇଁ ଢେର୍ ଆଗରୁ ନିଷ୍ପତ୍ତି ନିଆଯାଇଥିଲା। ସେ ହୋର୍ଡ଼ିଂ ଏବେ ବି ଲାଗିକି ରହିଛି, ମାତ୍ର ସେ ଦିଗରେ କାମ ଶୂନ୍। ଏହା ଭିତରେ ସହରର ବିଭିନ୍ନ ଭେଣ୍ଡିଂ ଜୋନ୍‌ର ରଂଗ ସବୁଜରୁ ଗେରୁଆ ହେଉଥିବା ତାଙ୍କ ମନକୁ କଷ୍ଟ ଦେଉଛି। ବାବୁ ନାଲିରଂଗରୁ ଶାଗୁଆକୁ ଆସିଥିଲେ- ଭାବିଥିଲେ ଶାଗୁଆ ରଂଗକୁ ନେଇ ରହିବେ। ମାତ୍ର ବର୍ତ୍ତମାନର ପରିସ୍ଥିତି ତାଙ୍କୁ ଦୋହଲାଇ ଦେଇଛି। ୨୬ନମ୍ବର କର୍ପୋରେଟର ଗଗନଙ୍କ ଅଙ୍ଗୁଳିଦର୍ଶନ ଓ ୩୭ନମ୍ବର କର୍ପୋରେଟର ଯତିନ୍‌ଙ୍କର ରଂଗ ପରିବର୍ତ୍ତନକୁ ତ୍ୱରାନ୍ୱିତ କରାଯିବା ଲାଗି ଆଗ୍ରହ ବାବୁଙ୍କୁ ବିମର୍ଶ କରିଦେଉଛି।



# ପ୍ରଭାତ ନିଷ୍ପ୍ରଭ, ନୟନ ଦାଉଦାଉ



କ୍ଷମତା ପରିବର୍ତ୍ତନର ପ୍ରଭାବ କିପରି ଲିଭିଲା ଦୀପକୁ ଜଳାଏ ଏବଂ ଜଳିବା ଦୀପକୁ ଲିଭେଇଦିଏ ସେକଥାଟା ଚୌଦ୍ୱାର କଟକ ନିର୍ବାଚନମଣ୍ଡଳୀ ବୁଲିଆସିଲେ ଆପଣ ଜାଣିପାରିବେ। ଆଗରୁ ପଦ୍ମଦଳନେତା ବାବୁ ନୟନ କିଶୋର ମହାନ୍ତି କଟକରୁ ଏକାଧିକବାର ବିଧାୟକ ପ୍ରାର୍ଥୀ ହୋଇ ପରାସ୍ତ ହୋଇଥିଲେ। ପରିସ୍ଥିତି ଏପରି ହୋଇଥିଲା ଯେ ଗଲାଥର ଦଳ ତାକୁ ଟିକେଟ ଦେବ ନା ଦେବନାହିଁ ସେ ନେଇ ଦ୍ୱନ୍ଦ୍ୱରେ ଥିଲା। ମାତ୍ର ନୟନଭାଇଙ୍କର ସଂଘନେତାମାନଙ୍କ ସହ ଭଲ ସମ୍ପର୍କ। ସେଇହେତୁ ଟିକେଟ ମିଳିଲା, ମାତ୍ର ଜିତିପାରିଲେ ନାହିଁ। ତେଣୁ ପୁଣି ଡାଉନ ହୋଇଗଲେ। ମାତ୍ର ତାଙ୍କର ସୌଭାଗ୍ୟକୁ ରାଜ୍ୟରେ ତାଙ୍କ ଦଳ ଜିତି ସରକାର ଗଢ଼ିଲା। କ୍ଷମତା ଅଳିନ୍ଦରୁ ଚଇତାଳି ଆସି ବାବୁ ନୟନଙ୍କ ତନୁ କଦମ୍ବରେ ରୋମାଞ୍ଚ ସୃଷ୍ଟି କଲା। ସେପଟେ ଶଂଖଦଳର ବାବୁ ପ୍ରଭାତ ବିଶ୍ୱାଳଙ୍କ ପୁଅ ନିର୍ବାଚନ ଜିତି ବିଧାୟକ ହୋଇଥିବାରୁ ପ୍ରଭାତ ଅତ୍ୟୁତ୍ସାହୀ ଥିଲେ। ତାଙ୍କର ଲୋକସଂପର୍କ ତ ସବୁବେଳେ ଭଲ। ଭାବିଥିଲେ ନିଜର କାମ ସବୁ ଆଗେଇ ନେବେ, ମାତ୍ର ବାବୁ ନୟନ ମହାନ୍ତି ପ୍ରଭାତଙ୍କ ଟ୍ରେନରେ ବ୍ରେକ୍ କଷିଦେଲେ। ଏବେ ପ୍ରଭାତଙ୍କର କୌଣସି କାମ ହୋଇପାରୁନାହିଁ। ବାବୁ ନୟନଙ୍କର ଲୋକପ୍ରିୟତା ହୁ ହୁ ହେଇ, ବର୍ଷାଦିନେ ମହାନଦୀର ଛାତି ଫୁଲିଲା ପରି ବଢ଼ିଚାଲିଛି। ଆଗେ ଯୋଉଠି ଦଶଥର କହିଲେ କାମଟେ ହେଉ ନଥିଲା ଏବେ ଆଙ୍ଗୁଳି ହଲାଇଦେଲେ ସେ କାମ ହୋଇ ଯାଉଛି। ଏ ଅବସ୍ଥା ଦେଖି ବାବୁ ପ୍ରଭାତ ବିଶ୍ୱାଳ ଆପକୁ ଆପେ ନିଷ୍ପ୍ରଭ ହୋଇପଡୁଛନ୍ତି। ନାରାୟଣ, ନାରାୟଣ।

# ଲଙ୍କାରେ ହରିଶଙ୍ଖ

ଦୀର୍ଘଦିନ ପରେ ରାଜ୍ୟ ସରକାର ଓଡ଼ିଶା ରାଜ୍ୟ ମହିଳା କମିଶନ ଏବଂ ଓଡ଼ିଶା ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ତଥା ସଦସ୍ୟା ନିଯୁକ୍ତି କରିଛନ୍ତି। ମହିଳା କମିଶନ୍‌ର ଅଧ୍ୟକ୍ଷା ଭାବେ ଶୋଭନା ମହାନ୍ତି ଏବଂ ଶିଶୁ ଆୟୋଗର ଅଧ୍ୟକ୍ଷା ଭାବେ ବବିତା ପାତ୍ରଙ୍କୁ ନିଯୁକ୍ତ କରାଯାଇଛି। ଏହାର ପ୍ରତିକ୍ରିୟାରେ ବିଜେଡ଼ି ଅଭିଯୋଗ କରିଛି ଯେ ସରକାର ଦଳୀୟ ବିଚାରରେ ସଦସ୍ୟାମାନଙ୍କୁ ନିଯୁକ୍ତ କରିଛି। ଏକଥା ଶୁଣି ଲୋକେ ହସୁଛନ୍ତି। କୋଉ ଗୋଟିଏ କଥାରେ ଯଦି ବିଜେଡ଼ି ସରକାର ରେକର୍ଡ଼ ସୃଷ୍ଟି କରିଥିଲା ତାହା ହେଲା ନୀତି, ନିୟମ, ପରଂପରା ଓ ଯୋଗ୍ୟତାକୁ ଭୂଲୁଣ୍ଠିତ କରିବା। ତାଙ୍କ ସମୟରେ ମନ୍ତ୍ରୀମାନଙ୍କର କିଛି ଗୁରୁତ୍ୱ ନଥିଲା କି କ୍ୟାବିନେଟ ବୈଠକର କିଛି ପ୍ରାସଙ୍ଗିକତା। ଶାସନ କହିଲେ କେବଳ ବୁଝାଯାଉଥିଲା ଜଣେ ଅଫିସରଙ୍କୁ, ଯାହାଙ୍କ ନାମ ନକହିଲେ ମଧ୍ୟ ସମସ୍ତେ ବୁଝିପାରିବେ। ତାଙ୍କରି ନିର୍ଦ୍ଦେଶରେ ସବୁ ଅଫିସର ଓ ସଚିବଙ୍କୁ ଖର୍ବକାୟ କରିଦିଆଯାଇଥିଲା।



ବିଜେଡ଼ି ନେତ୍ରୀ ପ୍ରମିଳା ମଲ୍ଲିକ କହୁଛନ୍ତି, ପଦ୍ମଦଳ କହୁଥିଲା ଯୋଗ୍ୟତା ଭିତ୍ତିରେ ବିଭିନ୍ନ ପଦପଦବୀରେ ନିଯୁକ୍ତି ଦିଆଯିବ, ମାତ୍ର ଏବେ ଦଳୀୟ ଭିତ୍ତିରେ ନିଯୁକ୍ତି ମିଳୁଛି। ମାଡ଼ାମ୍ ଖୁସି ହେବା କଥା ଯେ ଏବେ ମନ୍ତ୍ରୀ, ଦଳୀୟ ସଭାପତି ଏବଂ ମୁଖ୍ୟମନ୍ତ୍ରୀଙ୍କ ଦପ୍ତର ମିଶି ବିଭିନ୍ନ ନିଷ୍ପତ୍ତି ନେଉଛନ୍ତି। ସେତେବେଳେ ତ ପାଣ୍ଡିଆନ ସାହେବ ଯାହାକୁ ଚାହୁଁଥିଲେ ତାକୁ ଗାଦୀରେ ବସେଇ ଦେଉଥିଲେ। ଏତେ କଥା କହିବା ଅପେକ୍ଷା, ବିଜେଡ଼ି ସମୟରେ କୋଉ କୋଉ ନେତା କେଉଁ ଯୋଗ୍ୟତା ବଳରେ କେଉଁ ପଦରେ ସବୁ ବସିଥିଲେ ତାହାର ତାଲିକା ମାଡ଼ାମ୍ ମଲ୍ଲିକ ଜାରି କଲେ ଲୋକେ ସବୁକଥା ଜାଣିପାରନ୍ତେ। ନାରାୟଣ, ନାରାୟଣ।

Printed, published and edited by Soumya Ranjan Patnaik, At Plot No. 185, VIP Area, Nayapalli, IRC Village, Bhubaneswar, Dist- Khurda, PIN-751015
Printed at Eastern Media Limited, B/27, Industrial Estate, Rasulgarh, Bhubaneswar, Dist- Khurda, PIN-751010
ସଂପାଦକ: ସୌମ୍ୟ ରଂଜନ ପଟ୍ଟନାୟକ
Editor: Soumya Ranjan Patnaik